- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 42 ◆ISSUE-314 ◆BHUBANESWAR ◆TUESDAY ◆13 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୧୪ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୩ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




# ଟେଷ୍ଟକୁ ବାଏ ବାଏ

| ଟେଷ୍ଟ କ୍ୟାରିୟର | | |
| --- | --- | --- |
| | ମ୍ୟାଚ୍ - ୧୨୩ | ଶତକ - ୩୦ |
| | ରନ - ୯,୨୩୦ | ଦ୍ୱିଶତକ - ୦୭ |
| | ହାରାହାରି - ୪୬.୮୫ | ଅର୍ଦ୍ଧଶତକ - ୩୧ |

ବିସ୍ତୃତ ବିବରଣୀ ଖେଳ ପୃଷ୍ଠାରେ

## ସୁନା କମିଲା, ଷ୍ଟକ୍ ଉଠିଲା | ବଜାର @୩୦୦୦

- ସେନ୍ସେକ୍ସରେ ୩୦୦୦ ପଏଣ୍ଟ ବୃଦ୍ଧି
- ଗତ ୪ ବର୍ଷରେ ପୁଞ୍ଜି ବଜାରରେ ଦିନକରେ ସବୁଠୁ ବଡ଼ ବୃଦ୍ଧି
- ନିବେଶକ କମାଇଲେ ୧୬ ଲକ୍ଷ କୋଟି

■ ମୁମ୍ବଇ,୧୨।୫(ଏଜେନ୍ସି): ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ଭାରତୀୟ ବଜାରରେ ଉତ୍ସାହ ଫେରିଛି। ଏକସଙ୍ଗେ ସୁନା ଆଉ ଷ୍ଟକ୍ ବଜାର ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏଥିରେ ଘରୋଇ ପୁଞ୍ଜି ବଜାର ଉପରମୁହାଁ ହୋଇଥିବାବେଳେ ସୁନା ବଜାର ହଠାତ୍ ରେକର୍ଡ ସ୍ତରରୁ ତଳକୁ ଖସିଛି। ଗୋଟିଏ କାରବାର ଦିବସରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍ସେକ୍ସରେ ୩୦୦୦ ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିବାବେଳେ ସୁନା ମୂଲ୍ୟରେ ଦିନକରେ ୩୦୦୦ ▶ପୃଷ୍ଠା-୭



## 'ଅପରେସନ୍ ସିନ୍ଦୂର' ପରେ ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ ଚରମବାଣୀ

# ରକ୍ତ ଓ ପାଣି ଏକ ସମୟରେ ବହିପାରିବନି

- 'ଟେରର୍ ଓ ଟ୍ରେଡ୍' ଏକ ସମୟରେ ଚାଲିପାରିବନି
- ପରମାଣୁ 'ବ୍ଲାକ୍‌ମେଲିଂ'କୁ ସହ୍ୟ କରିପାରିବୁ ନାହିଁ
- ସୀମାପାର୍ ଆତଙ୍କବାଦର କଡ଼ା ଜବାବ ଦିଆଯିବ
- କେବଳ ପିଓକେ ଓ ଆତଙ୍କବାଦ ଉପରେ ଆଲୋଚନା
- ପହଲ୍‌ଗାମ୍ ଆକ୍ରମଣ ପାକ୍ ପ୍ରାୟୋଜିତ ପ୍ରମାଣିତ



■ ନୂଆଦିଲ୍ଲୀ, ୧୨।୫(ଏଜେନ୍ସି): ରକ୍ତ ଓ ପାଣି ଏକ ସମୟରେ ବୋହିପାରିବ ନାହିଁ। ଆତଙ୍କବାଦ ଓ ବାଣିଜ୍ୟ (ଟେରର୍ ଓ ଟ୍ରେଡ୍) ଏକ ସମୟରେ ଚାଲିପାରିବ ନାହିଁ। ଆତଙ୍କବାଦର କଡ଼ା ଜବାବ ଦିଆଯିବ। କୌଣସି ପ୍ରକାର ପରମାଣୁ ବ୍ଲାକମେଲିଂ ଆମକୁ ଏଭଳି କାର୍ଯ୍ୟାନୁଷ୍ଠାନରୁ ଅଟକାଇପାରିବ ନାହିଁ। କେବଳ ପିଓକେ ଓ ଆତଙ୍କବାଦ ଉପରେ ହିଁ ଆଲୋଚନା ହେବ। ଆତଙ୍କବାଦର ଗଡ଼ ପାଲଟିଥିବା ପାକିସ୍ତାନକୁ ଆଜି ଏଭଳି ପାଞ୍ଚଟି ଚରମବାଣୀ ଶୁଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

'ଅପରେସନ ସିନ୍ଦୂର' ପରେ ପ୍ରଥମ ଥର ଲାଗି ଆଜି ସନ୍ଧ୍ୟା ବେଳେ ଟିଭି ଜରିଆରେ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ଭାରତୀୟ ସେନାର ପ୍ରଶଂସା କରି କହିଥିଲେ ଯେ ସେମାନେ ପାକିସ୍ତାନରେ ଆତଙ୍କବାଦୀ, ସେମାନଙ୍କର ଆଡ୍ଡା, ତାଲିମ କେନ୍ଦ୍ର ଏବଂ ଆତଙ୍କବାଦୀଙ୍କୁ ପ୍ରୋତ୍ସାହିତ କରୁଥିବା ଶକ୍ତି ଉପରେ କଡ଼ା ପ୍ରହାର କରିଛନ୍ତି। ଆତଙ୍କବାଦୀଙ୍କର କେବଳ ଆଡ୍ଡା ଧ୍ୱଂସ ▶ପୃଷ୍ଠା-୭

## ସାମ୍ବାରେ ପୁଣି ଡ୍ରୋନ୍ !


ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ସୋମବାର ସନ୍ଧ୍ୟାରେ ଡିଜିଏମ୍‌ଓ ସ୍ତରୀୟ ଆଲୋଚନାର କିଛି ଘଣ୍ଟା ପରେ ପାକିସ୍ତାନ ପୁଣି ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଭାରତ ଉପରେ ଡ୍ରୋନ୍ ଆକ୍ରମଣ କରିଛି। ରାତି ୯ଟା ୩୦ରେ ଜମ୍ମୁ-କଶ୍ମୀରର ସାମ୍ବା କ୍ଷେତ୍ରରେ ଡ୍ରୋନ୍ ଦେଖିବାକୁ ମିଳିଛି। ଡ୍ରୋନ ଶବ୍ଦ ଶୁଣି ଲୋକେ ଭୟଭୀତ ହୋଇଥିବାବେଳେ ଏହାକୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଧ୍ୱଂସ କରିଦେଇଛି। ଏଥିରେ ଭାରତର କୌଣସି କ୍ଷୟକ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ପଞ୍ଜାବ ହୋଶିୟାରପୁରରେ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଛି। ଏହାକୁ ଦେଖି ସମଗ୍ର ଜିଲ୍ଲାକୁ ବ୍ଲାକଆଉଟ କରିଦିଆଯାଇଛି।

### ହୋଶିୟାରପୁରରେ ପ୍ରଚଣ୍ଡ ବିସ୍ଫୋରଣ

## ଆଇସିଆରଏ ରିପୋର୍ଟ ୨୦୧୫-୨୦୨୫ / ଶିଳ୍ପ ଯୁଗର ସୁବର୍ଣ୍ଣ ଦଶନ୍ଧି


### ଓଡ଼ିଶା ଶିଳ୍ପ ଅଭିବୃଦ୍ଧି ସାରା ଦେଶରେ ଶ୍ରେଷ୍ଠ

- ବାର୍ଷିକ ୧୦% ଅଭିବୃଦ୍ଧି ହାସଲ କରିଛି ଓଡ଼ିଶା
- ଖୁସି ପ୍ରକଟ କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ
- ଓଡ଼ିଶାର ରୂପାନ୍ତରଣ ଯାତ୍ରାରେ ସହଭାଗୀ ହୋଇଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ



■ ଭୁବନେଶ୍ୱର, ୧୨।୫ (ସମିସ): ୨୦୧୫ରୁ ୨୦୧୫। ଓଡ଼ିଶା ଶିଳ୍ପ ଯୁଗରେ ଆଣିଥିଲା ସୁବର୍ଣ୍ଣ ଦଶନ୍ଧି। ରାଜ୍ୟରେ ନିବେଶ, ଶିଳ୍ପାୟନ ଆଦି କ୍ଷେତ୍ରରେ ଓଡ଼ିଶା ଏହି ଦଶନ୍ଧିରେ ଅପୂର୍ବ ସଫଳତା ହାସଲ କରିବା ସହ ସାରା ଦେଶରେ ଶୀର୍ଷସ୍ଥାନ ଅଧିକାର କରିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ସଫଳତାକୁ ସ୍ୱୀକୃତି ଦେଇଛି ଜାତୀୟସ୍ତରର ସଂସ୍ଥା। ଇନଭେଷ୍ଟମେଣ୍ଟ ଇନଫରମେସନ ଆଣ୍ଡ କ୍ରେଡିଟ ରେଟିଂ(ଆଇସିଆରଏ) ରିପୋର୍ଟ ଅନୁଯାୟୀ ଗତ ଏକ ଦଶକ ଅର୍ଥାତ୍ ୨୦୧୫ରୁ ୨୦୨୪ ମସିହା ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଚମକପ୍ରଦ, ଶ୍ରେଷ୍ଠ ଉପଲବ୍ଧି ହାସଲ କରିପାରିଛି। ଏହି ଦଶନ୍ଧ ମଧ୍ୟରେ ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ ଗ୍ରସ ଷ୍ଟେଟ ଭ୍ୟାଲୁ ଆଡେଡ (ଜିଏସଭିଏ)/ସକଳ ରାଜ୍ୟ ମୂଲ୍ୟଯୁକ୍ତ ଅଭିବୃଦ୍ଧି ବାର୍ଷିକ ୧୦ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ଯାହା ସାରା ଦେଶରେ ସର୍ବାଧିକ। ଆଇସିଏଆର ପ୍ରକାଶିତ ରିପୋର୍ଟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି ଓ ଓଡ଼ିଶାର ରୂପାନ୍ତରଣ ଯାତ୍ରାରେ ସହଭାଗୀ ▶ପୃଷ୍ଠା-୭

## ଭାରତ-ପାକ୍ ଡିଜିଏମ୍‌ଓ ସ୍ତରୀୟ ଆଲୋଚନା | ସୀମାରେ ଶାନ୍ତି ପାଇଁ ସହମତି



■ ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଅସ୍ତ୍ରବିରତିର ଦୁଇ ଦିନ ପରେ ସୋମବାର ସନ୍ଧ୍ୟାରେ ଭାରତ-ପାକିସ୍ତାନ ମଧ୍ୟରେ ଡିଜିଏମ୍‌ଓ ସ୍ତରୀୟ ବୈଠକ ହୋଇଛି। ହଟ୍‌ଲାଇନ ମାଧ୍ୟମରେ ଭାରତର ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଏବଂ ପାକିସ୍ତାନ ଡିଜିଏମ୍‌ଓ ମେଜର ଜେନେରାଲ କାଶିମ ଅବଦୁଲ୍ଲାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହି ବୈଠକରେ ଅସ୍ତ୍ରବିରତି, ସୀମାରୁ ସୈନ୍ୟ ହ୍ରାସ ଏବଂ ଆଞ୍ଚଳିକ ସୁରକ୍ଷା ଚିନ୍ତା ଉପରେ ଆଲୋଚନା କରାଯାଇଥିଲା। ଏଲ୍‌ଓସିରେ ଶାନ୍ତି ପାଇଁ ଅସ୍ତ୍ରବିରତି ବଜାୟ ରଖିବାକୁ ଦୁଇ ଦେଶ ରାଜି ହୋଇଛନ୍ତି। ସୀମାରେ ଆଉ ଗୁଳିଗୋଳା ମାଡ଼ କରିବୁ ନାହିଁ, ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନେବୁନାହିଁ ବୋଲି ପାକିସ୍ତାନ କହିଛି। ସୀମାରୁ ସୈନ୍ୟ ହ୍ରାସ କରିବାକୁ ମଧ୍ୟ ଉଭୟ ରାଷ୍ଟ୍ର ସହମତି ପ୍ରକାଶ କରିଛନ୍ତି। ଭାରତୀୟ ସେନା ପକ୍ଷରୁ କୁହାଯାଇଛି ଯେ ସୀମାରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ ନ କରିବା ପାଇଁ ଦୁଇ ଦେଶ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସୀମାର ଫରୱାର୍ଡ ପୋଷ୍ଟରୁ ସୈନ୍ୟ ହ୍ରାସ କରିବାକୁ ମଧ୍ୟ ରାଜି ହୋଇଛନ୍ତି।

## ଯାତ୍ରା ଆୟୋଜନକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ



# ପୁଲିସକୁ ଢେଲାମାଡ଼

- ୧୮ ମହିଳାଙ୍କ ସମେତ ୨୨ ଗିରଫ, ବଢୁଛି ଉତ୍ତେଜନା
- ଠେଙ୍ଗା, ପଥର, ବୋମା ଧରି ଲୋକଙ୍କ ରାସ୍ତା ଅବରୋଧ

■ ବ୍ରହ୍ମପୁର/କୁକୁଡ଼ାଖଣ୍ଡି, ୧୨।୫(ସମିସ): 'ଯୋଗାମ୍ମା' ଯାତ୍ରା ଆୟୋଜନର ଦିନ ଧାର୍ଯ୍ୟକୁ କେନ୍ଦ୍ର କରି ଗୋଳନ୍ଥରା ଥାନା ଅନ୍ତର୍ଗତ ପାତିସୁନାପୁର ଗାଁରେ ତୁମୁଳକାଣ୍ଡ ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ବେଳେ ପୁଲିସ୍‌କୁ ଢେଲାମାଡ଼ କରିଛନ୍ତି। ଏଥିରେ ୬ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ଏପରିକି, ଠେଙ୍ଗା, ପଥର, ପେଟ୍ରୋଲ ବୋମା ଓ ହାତବୋମା ଧରି ଗାଁଲୋକ ରାସ୍ତା ଅବରୋଧ କରିବା ଦ୍ୱାରା ଘଣ୍ଟାଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ଘଟଣାରେ ପୁଲିସ୍ ୧୮ ମହିଳାଙ୍କ ସମେତ ମୋଟ ୨୨ଜଣଙ୍କୁ ଗିରଫ କରିଛି। ଅପରପକ୍ଷେ, ଗ୍ରାମରେ ଉତ୍ତେଜନା ଜାରି ରହିଥିବାରୁ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି।

ସୂଚନାନୁଯାୟୀ, ଗ୍ରାମର ଗୋଟିଏ ଗୋଷ୍ଠୀ ଗତ ୧୧ ତାରିଖରେ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

M.Sc. PROGRAMMES OFFERED
- M.Sc. (Physics)
- M.Sc. (Chemistry)
- M.Sc. (Mathematics)

APPROVAL & RECOGNITIONS
- Approved by UGC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 50th Best in Research Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ତୀର ମାରି ଦୁଇ ଶଳାଙ୍କୁ ହତ୍ୟା

■ ଚିତ୍ରକୋଣ୍ଡା,୧୨।୫(ସମିସ): ଭିଣୋଇର ତୀରମାଡ଼ରେ ଅକାଳରେ ଚାଲିଗଲା ଦୁଇ ଶଳାଙ୍କ ଜୀବନ। ମୃତକଦ୍ୱୟ ହେଲେ, ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତ କୁପାଗୁଡ଼ା ଗ୍ରାମର କ୍ରିଷ୍ଣା ଖେମୁଡୁ ଓ କୁଞ୍ଜି ଖେମୁଡୁ। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସିଲେରୁରେ ଏହି ଆପରାଧିକ ଘଟଣା ଘଟିଛି। ସେଠାକାର ପୁଲିସ୍ ଦୁହିଁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଭିଣୋଇ ଘେନୁ ହନ୍ତାଲକୁ ଅଟକ ରଖିଛି। ସୂଚନାନୁଯାୟୀ, ଏକ ଦଶାହ କାର୍ଯ୍ୟରେ ଯୋଗଦେବା ରାଜୁ ଖେମୁଡୁ, କୁଞ୍ଜି ଖେମୁଡୁ ଓ କ୍ରିଷ୍ଣା ଖେମୁଡୁ ଭଉଣୀ ଘର ସିଲେରୁକୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଭିଣୋଇ ଘେନୁଙ୍କ ସହ ଏମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଘେନୁ ଉତ୍ୟକ୍ତ ହୋଇପଡ଼ିଥିଲା। ରାତିରେ ୩ ଶଳା ଶୋଇଥିବା ବେଳେ ଘେନୁ ସେମାନଙ୍କୁ ତୀର ମାରି ଦରମରା କରିଥିଲା। ଏଥିରେ କ୍ରିଷ୍ଣା ଓ କୁଞ୍ଜିଙ୍କ ମୃତ୍ୟୁ ହୋଇଥିବା ବେଳେ ଘେନୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବିଶାଖାପାଟଣାସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ କୁପାଗୁଡ଼ା ଗ୍ରାମରେ ଗଭୀର ଶୋକ ପ୍ରକାଶ ପାଇଛି।






Vikash Degree College

+3 Final Sambalpur University Result 2025 !!!

They were determined, We were Committed.

No 1 University Rank

Arpita Choudhury, Zoology Hons., 9.71 CGPA
Itishree Mishra, Botany Hons., 9.64 CGPA
Sibraj Behera, Psychology Hons., 9.35 CGPA

2nd Rank 9.52 CGPA · 3rd Rank 9.35 CGPA · 4th Rank 9.31 CGPA · 4th Rank 8.95 CGPA · 4th Rank 8.90 CGPA
5th Rank 9.27 CGPA · 5th Rank 8.11 CGPA · 6th Rank 8.86 CGPA · 6th Rank 8.70 CGPA · 7th Rank 9.17 CGPA
7th Rank 8.84 CGPA · 8th Rank 9.16 CGPA · 9th Rank 9.15 CGPA · 9th Rank 9.07 CGPA · 9th Rank 8.79 CGPA
9th Rank 7.97 CGPA · 10th Rank 8.75 CGPA

CGPA 9 & Above 14 · CGPA 8 & Above 67 · 172 First Class Hons Out of 192

Courses Offered: UG / PG

Hearty Congratulations !!!

+3 Sc. (Hons.) Call: 70080 41847 · +3 Com. (Hons.) Call: 96583 19707 · +3 Arts (Hons.) Call: 93376 73978 · P.G. Call: 92372 70045 / 91788 66561

Join the Genius Club: CHOOSE VIKASH !!!

ADMISSION OPEN For Academic Session 2025-26

Contact for Queries: 70080 41847 | 96583 19707 | 93376 73978 | 94372 10555

Grooming Talent Vikash Degree College

Bargarh: Vikash Knowledge Hub, Barahaguda Canal Chowk, Mob: 94393 49333. www.odishavikash.com






# କ୍ଷତିଗ୍ରସ୍ତ ହୋଇଛି କି ପାକ୍ ପରମାଣୁ ଅସ୍ତ୍ର ଭଣ୍ଡାର ?



ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ପାକିସ୍ତାନର କିରାନା ହିଲ୍ସ ଆଣବିକ ସଂରକ୍ଷଣ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି । ଏହି କାରଣରୁ ବିକରଣ ହୋଇଛି ଏବଂ ଗତ ଦୁଇ ଦିନ ମଧ୍ୟରେ ତିନି ଥର ଭୂକଂପ ମଧ୍ୟ ହୋଇଛି । ଆଣବିକ ବିକରଣକୁ ନିଷ୍କ୍ରିୟ କରିବା ଲାଗି ଇଜିପ୍ଟରୁ ଏକ ସ୍ୱତନ୍ତ୍ର ସାମରିକ ବିମାନ ଚୀନ ଦେଇ ପାକିସ୍ତାନ ଆସିଛି । ପାକିସ୍ତାନ ଗଣମାଧ୍ୟମରେ ଏଭଳି ଚର୍ଚ୍ଚା ଜୋର ଧରିଛି । ଭାରତ କ୍ଷେପଣାସ୍ତ୍ର ମାଡ଼ରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହାଯାଉଛି ।

ଗତ ଗୁରୁବାର ରାତିରେ ପାକିସ୍ତାନ ସେନା ଦିଲ୍ଲୀକୁ ଟାର୍ଗେଟ୍ କରି ଦୀର୍ଘଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଫତେହ-୨) ମାଡ଼ କରିବାକୁ ଉଦ୍ୟମ କରିଥିଲା । କିନ୍ତୁ ଭାରତୀୟ ସେନା ଏହାକୁ ନିଷ୍କ୍ରିୟ କରି ହରିଆଣାର ହିସାର୍ ଅଞ୍ଚଳରେ ଖସାଇ ଦେଇଥିଲା । ପାକିସ୍ତାନର ଏହି ଆକ୍ରମଣରୁ ଭାରତ ଏକ ଭୟଙ୍କର ସ୍ଥିତିରୁ ବର୍ତ୍ତି ଯାଇଥିଲା ବେଳେ ଭାରତୀୟ ସେନା ପରବର୍ତ୍ତୀ ମୁହୂର୍ତ୍ତରେ ପାକିସ୍ତାନ ଉପରେ ଭୟଙ୍କର ଆକ୍ରମଣ କରିଥିଲା । ଯାହାକି ତିନି ଦିନର ଅପରେସନ୍ ସିନ୍ଦୂରରେ ସବୁଠୁ ଭୟାନକ ଥିଲା । ଭାରତୀୟ ସେନା ପାକିସ୍ତାନର ୮ଟି ପ୍ରମୁଖ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲା । ଶକ୍ତିଶାଳୀ କ୍ରୁଜ୍ କ୍ଷେପଣାସ୍ତ୍ର ବ୍ରହ୍ମୋସ୍ ଦ୍ୱାରା ଭାରତୀୟ ସେନା ରାୱଲପିଣ୍ଡି ସମେତ ପଞ୍ଜାବ ପ୍ରଦେଶ ସ୍ଥିତ ସରଗୋଦା ସାମରିକ ଘାଟି ଉପରେ ଆକ୍ରମଣ କରିଥିଲା । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଆକ୍ରମଣ ବେଳେ ଭାରତ ପାକିସ୍ତାନ ସେନାର ଗୁରୁତ୍ୱପୂର୍ଣ୍ଣ କିରାନା ହିଲ୍ସକୁ ଟାର୍ଗେଟ୍ କରିଥିବା ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

ଆଜି ସାମ୍ବାଦିକମାନେ ଏସଂପର୍କରେ ପ୍ରଶ୍ନ କରିବାରୁ ଏୟାର୍ ମାର୍ଶାଲ୍ ଭାରତୀ ସାମାନ୍ୟ ହସି ବ୍ୟଙ୍ଗାତ୍ମକ ଭାବେ ଧନ୍ୟବାଦ ଜଣାଇ କହିଥିଲେ, ଆମେ ଯେଉଁ ବିଷୟରେ ଜାଣିନଥିଲୁ, ସେ ସମ୍ପର୍କରେ ଆପଣମାନେ ଜଣାଇଛନ୍ତି । କିନ୍ତୁ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ଉପରେ କୌଣସି ଆକ୍ରମଣ କରାଯାଇନାହିଁ ବୋଲି କହିଥିଲେ । ପାକିସ୍ତାନର ପଞ୍ଜାବ ପ୍ରଦେଶ ସ୍ଥିତ ସରବୋଦା ଜିଲ୍ଲାରେ ରହିଥିବା କିରାନା ହିଲ୍ସ ପାକିସ୍ତାନ ପ୍ରତିରକ୍ଷା ବିଭାଗର ପ୍ରମୁଖ ଅସ୍ତ୍ର ଭଣ୍ଡାର ଭାବେ ପରିଚିତ । ବିଶେଷକରି ଏଠାରେ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ସଂରକ୍ଷିତ କରାଯାଇଥିବା ବେଳେ ଏହା ପାକିସ୍ତାନ ସେନା ପାଇଁ ସଞ୍ଜିବନୀ ଭାବେ ଜଣାଶୁଣା । କୁହାଯାଏ ଯେ କିରାନା ହିଲ୍ସ ମଧ୍ୟରେ ରହିଥିବା ସୁଦୃଢ଼ ଗୁମ୍ଫାଗୁଡ଼ିକ ମଧ୍ୟରେ ପାକିସ୍ତାନୀ ସେନା ଏହାର ପରମାଣୁ

## ■ ପରମାଣୁ ବିକରଣ ନେଇ ଚର୍ଚ୍ଚା
## ■ ସଜାଡ଼ିବାକୁ ଇଜିପ୍ଟରୁ ଆସିଲା ବିମାନ
## ■ ଭୂକଂପରେ ଥରୁଛି ପାକିସ୍ତାନ

ଯୁଦ୍ଧାସ୍ତ୍ର ସଂରକ୍ଷଣ କରି ରଖିଛି । ସରଗୋଦା ବାୟୁସେନା ଘାଟିରୁ ଏହି ଅଞ୍ଚଳ ମାତ୍ର ୨୦ କିଲୋମିଟର ଦୂରରେ ରହିଥିବା ବେଳେ ପାକିସ୍ତାନର କୁସାବ ପରମାଣୁ କେନ୍ଦ୍ରଠାରୁ ଏହା ୭୫ କିଲୋମିଟର ଦୂରରେ ରହିଛି ।

ତେବେ ଏହି ବିଷୟକୁ ନେଇ କିଛି ରହସ୍ୟ ଅଛି ବୋଲି ଆକଳନ କରାଯାଉଛି । ଯଦି ଅସ୍ତ୍ରବିରତିର ପୂର୍ବ କିଛି ଘଣ୍ଟାର ସ୍ଥିତି ସମ୍ପର୍କରେ ବିଚାର କରାଯାଏ ତେବେ ଭାରତୀୟ ସେନାର ଆକ୍ରମଣରେ କିରାନା ହିଲ୍ସରେ ଗଚ୍ଛିତ ପରମାଣୁ ଅସ୍ତ୍ର କ୍ଷତିଗ୍ରସ୍ତ ହୋଇଛି ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି । ଆକ୍ରମଣରେ ଛାନିଆ ହୋଇ ପାକିସ୍ତାନୀ ସେନା ତୁରନ୍ତ ଆମେରିକା ଶରଣ ପଶିଥିଲା । ଏହା ପରେ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ତୁରନ୍ତ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ସହ କଥା ହୋଇ ତୁରନ୍ତ ଉଭୟ ପକ୍ଷ ଉତ୍ତେଜନା ହ୍ରାସ କରିବା ପାଇଁ କହିଥିଲେ । ଏହାର କିଛି ଘଣ୍ଟା ପରେ ଭାରତ ଏବଂ ପାକିସ୍ତାନ ଅସ୍ତ୍ରବିରତି ସମ୍ପର୍କରେ ଘୋଷଣା କରିଥିଲେ ।

ପୁଣି ଗତ ଦୁଇ ଦିନରେ ତିନି ଥର ଭୂକଂପ ହୋଇଥିବା ଜଣାପଡ଼ିଛି । ପରମାଣୁ ପରୀକ୍ଷା କିମ୍ବା ପରମାଣୁ ଅସ୍ତ୍ର ଭଣ୍ଡାର ଉପରେ ଆକ୍ରମଣ ହେଲେ ଏପରି ଭୂମିକଂପ ହୁଏ ବୋଲି କୁହାଯାଉଛି । ଇତିମଧ୍ୟରେ ଇଜିପ୍ଟର ଏକ ସାମରିକ ବିମାନ ପାକିସ୍ତାନରେ ପହଞ୍ଚିବା ଘଟଣା ବିଶେଷଜ୍ଞ ମହଲକୁ ବିସ୍ମିତ କରିଛି । ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର କିରାନା ହିଲ୍ସ ସ୍ଥିତ ଆଣବିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଏହି ବିମାନରେ ଇଜିପ୍ଟରୁ 'ବୋରନ୍' ଭଳି ଏକ ଦୁର୍ଲଭ ସାମଗ୍ରୀ ଆଣିଛି ବୋଲି କୁହାଯାଉଛି । ଇଜିପ୍ଟର ଇଜିଓ୍ୱାଇ-୧୯୧୬ ବିମାନଟି ଭୂର୍ବନ ବିମାନବନ୍ଦରରୁ ବାହାରି ଚୀନ ଦେଇ ପାକିସ୍ତାନରେ ପହଞ୍ଚିଥିଲା । ଇଜିପ୍ଟର ନୀଳ ନଦୀର ସନ୍ତସନ୍ତିଆ ଅଞ୍ଚଳରେ 'ବୋରନ୍' ନାମକ ଏକ ପଦାର୍ଥ ମିଳେ ଯାହାକି ପରମାଣୁ ଅସ୍ତ୍ର ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ । ୟୁରାନିୟମ୍ ବିକରଣରୁ ବୋରନ୍-୧୦ ଥର୍ମାଲ୍ ନ୍ୟୁଟ୍ରନ୍ ଗ୍ରହଣ କରିବା କ୍ଷମତା ରଖିଥିବାରୁ ଏହାକୁ ଆଣବିକ ଶକ୍ତିକେନ୍ଦ୍ରରେ ବ୍ୟବହାର କରାଯାଇଥାଏ । ଏହାଛଡ଼ା ଜରୁରୀକାଳୀନ ଆଣବିକ ଅସ୍ତ୍ର ପ୍ରସ୍ତୁତି ଏବଂ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ବୋରନ୍-୧୦ର ଉପାଦେୟତା ଯଥେଷ୍ଟ ରହିଛି ।

### ଭାରତୀୟ ସେନାର ଘୋଷଣା
# ନୂଆ ମିସନ ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଭୟ ବିନୁ ହୋୟ ନ ପ୍ରୀତି । ଅର୍ଥାତ୍ ବିନା ଭୟରେ ଭକ୍ତି ଆସେନାହିଁ । ରାମଚରିତମାନସରୁ ଉଦ୍ଧୃତ ଏହି ଦୋହାର ଉଦାହରଣ ଦେଇ ଭାରତୀୟ ସେନା ପାକିସ୍ତାନ ସହିତ ତୁର୍କୀ, ଚୀନ୍‌କୁ କଡ଼ା ବାର୍ତ୍ତା ଦେଇଛି । ଆକ୍ରମଣକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି । ତୁର୍କୀ ହେଉ କି ଆଉ କାହାର ଡ୍ରୋନ ଭାରତ ନିଜର ଶକ୍ତି ଦେଖାଇଛି । ଯେକୌଣସି ଟେକ୍ନୋଲୋଜିର ସାମ୍ନା କରିବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ସେନା ପକ୍ଷରୁ ଏୟାର ମାର୍ଶାଲ ଅବଧେଶ କୁମାର ଭାରତୀ କହିଛନ୍ତି । ଅପରେସନ ସିନ୍ଦୂରକୁ ନେଇ ଭାରତୀୟ ସେନା ପକ୍ଷରୁ ଆଜି ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ, ନୌସେନାର ଉପମୁଖ୍ୟ ଏଏନ ପ୍ରମୋଦ ଏବଂ ଏୟାର ମାର୍ଶାଲ ଭାରତୀ କହିଛନ୍ତି ଯେ ଭାରତର ଲଢ଼େଇ କେବଳ ଆତଙ୍କବାଦ ବିରୋଧରେ ଥିଲା । ଏହା ପାକିସ୍ତାନ ସେନା ବିରୋଧରେ ନ ଥିଲା । କିନ୍ତୁ ପାକିସ୍ତାନ ସେନା ମୁଣ୍ଡ ପୂରାଇ ଆତଙ୍କବାଦୀଙ୍କୁ ସମର୍ଥନ କରିଥିଲା । ଭାରତ ଉପରେ ଆକ୍ରମଣ କରିଥିଲା । ଚୀନ୍ ନିର୍ମିତ କ୍ଷେପଣାସ୍ତ୍ର ପିଏଲ-୧୫ ଏବଂ ତୁର୍କୀ ଡ୍ରୋନ ମାଡ଼ କରିଥିଲା । ସେଥିପାଇଁ ଭାରତକୁ ଜବାବ ଦେବାକୁ ପଡ଼ିଥିଲା । ପାକିସ୍ତାନ ମାଡ଼ କରିଥିବା ଦୀର୍ଘ ଦୂରଗାମୀ ରକେଟ, ୟୁଏଭି, କିଛି କାପ୍ଟର୍ସ ଏବଂ ଡ୍ରୋନ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରି ନ ଥିଲା । ଭାରତର ଅଭେଦ୍ୟ ଏୟାର ଡିଫେନ୍ସ ସିଷ୍ଟମ ଏ ସବୁକୁ ଆକାଶରେ ହିଁ ଧ୍ୱଂସ କରି ଦେଇଥିଲା । ପରେ ଭାରତ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନର ସାମରିକ ଠିକଣାରେ ଆକ୍ରମଣ କରିଥିଲା । ଆକାଶ ସିଷ୍ଟମ ଦ୍ୱାରା ପାକ୍ ଆକ୍ରମଣର ଜବାବ ଦିଆଯାଇଥିଲା । ଏବେ ଭାରତର ସବୁ ସେନା ଘାଟୀ ଏବଂ ବ୍ୟବସ୍ଥା ସକ୍ରିୟ ହୋଇ ରହିଛି । ଆବଶ୍ୟକ ପଡ଼ିଲେ ନୂଆ ମିଶନ ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ଏୟାର ଅପରେସନ ଡିଜି ଏୟାର ମାର୍ଶାଲ ଏକେ ଭାରତୀ କହିଛନ୍ତି ।

ସେହିପରି ଲେଫ୍ଟନାଣ୍ଟ ଜେନେରାଲ ଘାଇ କହିଲେ, ଭାରତର ଅନ୍ତର୍ଜାତୀୟ ସୀମାରେ ଏୟାର ଡିଫେନ୍ସ ସିଷ୍ଟମ, ଭିଣ୍ଟେଜ ଏୟାର ଡିଫେନ୍ସ ସିଷ୍ଟମ ଏବଂ ମଡର୍ଣ୍ଣ ଏୟାର ଡିଫେନ୍ସ ସିଷ୍ଟମ ରହିଥିଲା । ଏହାର ଅଭେଦ୍ୟ ପ୍ରାଚୀରକୁ ପାରକରି ଆକ୍ରମଣ କରିବା କଠିନ ଥିଲା । ୧୯୭୪ର ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଆସେସ ସିରିଜର ଉଦାହରଣ ଦେଇଥିଲେ । ଏହି ସିରିଜିରେ ୫୮ ୱିକେଟ ନେଇ ଅଷ୍ଟ୍ରେଲିଆର ଦୁଇ ବୋଲର ଡେନିସ ଲିଲି ଏବଂ ଜେଫ ଥମସନ ଇଂଲଣ୍ଡକୁ ଧରାଶାୟୀ କରିଦେଇଥିଲେ । ଏବେ ଭାରତୀୟ ସେନା ପାକିସ୍ତାନର ସ୍ଥିତିକୁ ସେହିଭଳି କରିଦେଇଛି । ଲିଲି ଏବଂ ଥମସନଙ୍କ ଭଳି ଭାରତ ଏୟାର ଡିଫେନ୍ସର ଅନେକ ସ୍ତର ରହିଛି । ଗୋଟିଏ ପାର କରି ଆସିଲେ ଅନ୍ୟଟି ଧ୍ୱଂସ କରିଦେଉଛି ।

## ଖୋଲିଲା ୩୨ ବିମାନବନ୍ଦର

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): 'ଅପରେସନ ସିନ୍ଦୂର' ପାଇଁ ବନ୍ଦ କରି ଦିଆଯାଇଥିବା ୩୨ଟି ବିମାନବନ୍ଦରକୁ ପୁଣିଥରେ ଖୋଲାଯାଇଛି । ଦେଶର ଉତ୍ତର ଏବଂ ପଶ୍ଚିମ ଭାଗରେ ଥିବା ଏହି ବିମାନବନ୍ଦର ଖୋଲିବା ପାଇଁ ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆ(ଏଏଆଇ) ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏଗୁଡିକ ମଧ୍ୟରେ ଅମ୍ବାଲା, ଅଦମପୁର, ଅମୃତସର, ଅବନ୍ତୀପୁର, ଭଟିଣ୍ଡା, ଭୁଜ, ବିକାନେର, ଚଣ୍ଡିଗଡ଼, ହଲୱାରା, ହିଣ୍ଡନ, ଜୈସାଲମେର, ଜମ୍ମୁ, ଜାମନଗର, ଯୋଧପୁର, କାଣ୍ଡଲା, କାଙ୍ଗଡା, କିଶନଗଡ଼, କୁଲୁ ମନାଲୀ, ଲେହ, ଲୁଧିଆନା, ମୁନ୍ଦ୍ରା, ନଲିୟା, ପଠାନକୋଟ, ପଟିଆଲା, ପୋରବନ୍ଦର, ରାଜକୋଟ, ସରସାୱା, ସିମଲା, ଶ୍ରୀନଗର, ଥୋଏସ୍ ଏବଂ ଉତ୍ତରଲାଇ ସାମିଲ ରହିଛି । ଉତ୍ତେଜନା ଯୋଗୁଁ ଏହି ସବୁ ବିମାନବନ୍ଦରରୁ ୨୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ ହୋଇଥିଲା ।

## ପାକିସ୍ତାନକୁ ଅସ୍ତ୍ର ପଠାଇନୁ: ଚୀନ୍

ବେଜିଂ, ୧୨।୫ (ଏଜେନ୍ସି): ପାକିସ୍ତାନକୁ ସବୁଠୁ ବଡ଼ କାର୍ଗୋ ବିମାନ ଜିଆନ ୱାଇ-୨୦ରେ ଅସ୍ତ୍ର ପଠାଇବାକୁ ନେଇ ଚୀନ୍‌କୁ ଚାରିଆଡୁ ସମାଲୋଚନା କରାଯାଉଛି । ଆତଙ୍କବାଦକୁ ସମର୍ଥନ ପାଇଁ ଭର୍ତ୍ସନା କରାଯାଉଛି । ଏପରି ସମୟରେ ଚୀନ୍ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ପଠାଇ ନ ଥିବା କହିଛି । ଏଭଳି ଖବର ଉପରେ ଆପତ୍ତି ଉଠାଇଛି । ଚୀନ୍ ପ୍ରତିରକ୍ଷା ମନ୍ତ୍ରାଳୟ ଏହାକୁ ମିଥ୍ୟା ଏବଂ ଆଧାରହୀନ ଦର୍ଶାଇଛି । ଏହି ଅପପ୍ରଚାର କରୁଥିବା ସୋସିଆଲ ମିଡିଆ ପୋଷ୍ଟ ମଧ୍ୟ ସେୟାର କରିଛି । ଏହା ସହିତ ଇଣ୍ଟରନେଟ ଆଇନଠାରୁ ଉର୍ଦ୍ଧ୍ୱରେ ନୁହେଁ ବୋଲି ଚେତାବନୀ ଦେଇଛି ।

## ଟ୍ରକ୍-ଟ୍ରେଲର୍ ଧକ୍କାରେ ୧୩ ମୃତ

ରାୟପୁର, ୧୨।୫ (ଏଜେନ୍ସି): ଛତିଶଗଡ଼ ରାୟପୁରରେ ରବିବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଠାରେ ବଙ୍ଗୋଲି ନିକଟରେ ଏକ ମିନି ଟ୍ରକ ଏବଂ ଟ୍ରେଲର ମଧ୍ୟରେ ଧକ୍କା ହୋଇ ୧୩ ଜଣଙ୍କ ମୃତ୍ୟୁ ହୋଇଛି । ୧୪ ଜଣ ମଧ୍ୟ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୧୦ ମହିଳା ଏବଂ ୩ ଶିଶୁ ସାମିଲ ଅଛନ୍ତି । ଟ୍ରକରେ ଯାତ୍ରା କରୁଥିବା ଲୋକେ ଏକ କାର୍ଯ୍ୟକ୍ରମରୁ ଫେରୁଥିଲେ । ଏହା ଖରୋରାରୁ ବାନା ଗ୍ରାମରୁ ବାହାରି ଥିଲା । ସେହିପରି ଟ୍ରେଲର ରାୟପୁରରୁ ଫେରୁଥିଲା । ଡ୍ରାଇଭରଙ୍କ ଭୁଲ୍ ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଉଛି । କାରଣ ସେ ଟୋଲ୍ ଦେବାରୁ ବର୍ତ୍ତିବା ଲାଗି ଅନ୍ୟ ରାସ୍ତାରେ ଗାଡ଼ି ଆଣିଥିଲେ । କିଛି ସମୟ ପରେ ଏହା ମିନିଟ୍ରକକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ଅନେକ ମହିଳା ଏବଂ ଶିଶୁଙ୍କ ଶରୀର ଖଣ୍ଡ ଖଣ୍ଡ ହୋଇ ଯାଇଥିଲା । ଏମାନେ ମିନିଟ୍ରକରେ ବସି ଘରକୁ ଫେରୁଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

## କେଶ ପ୍ରତିରୋପଣ କରି ଜୀବନ ହରାଇଲେ ଇଞ୍ଜିନିୟର

ଗୋରଖପୁର, ୧୨।୫ (ଏଜେନ୍ସି): ଉତ୍ତରପ୍ରଦେଶର ଗୋରଖପୁରରେ ଜଣେ ଇଞ୍ଜିନିୟରଙ୍କ ପାଇଁ କେଶ ପ୍ରତିରୋପଣ କାଳ ସାବ୍ୟସ୍ତ ହୋଇଛି । ଏଥିପାଇଁ ସହକାରୀ ଯନ୍ତ୍ରୀ ବିନୀତ ଦୁବେଙ୍କ ମୃତ୍ୟୁ ହୋଇଛି । ତାଙ୍କ ପତ୍ନୀ ଜାୟ ଦୁବେ ମୁଖ୍ୟମନ୍ତ୍ରୀଙ୍କ ପୋର୍ଟାଲରେ ଏ ନେଇ ଅଭିଯୋଗ କରିଛନ୍ତି । ଏବେ ପୁଲିସ ପ୍ରତିରୋପଣ କରିଥିବା ଡାକ୍ତରଙ୍କ ବିରୋଧରେ ଏତଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ବିନୀତ ଦୁବେ କାନପୁରର ପନକି ପାୱାର ପ୍ଲାଣ୍ଟରେ କାମ କରୁଥିଲେ । ହୋଲି ଛୁଟିରେ ସ୍ତ୍ରୀ ଘରକୁ ଯାଇଥିବାବେଳେ ମାର୍ଚ୍ଚ ୧୨ ତାରିଖରେ ସ୍ୱାମୀ କଲ୍ୟାଣପୁରର ଡାକ୍ତର ଅନୁଷ୍କା ତିୱାରୀଙ୍କ ପାଖରେ କେଶ ପ୍ରତିରୋପଣ କରିଥିଲେ । ପ୍ରିତରୋପଣ ପରେ ବିନୀତଙ୍କ ମୁହଁ ଫୁଲି ଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା । ଏଥିପାଇଁ ଡାକ୍ତର ତାଙ୍କୁ ଅନ୍ୟ ସ୍ଥାନରେ ଚିକିତ୍ସା କରାଇବାକୁ ପରାମର୍ଶ ଦେଇଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ମାର୍ଚ୍ଚ ୧୫ରେ ସେ ପ୍ରାଣ ହରାଇ ଥିଲେ ।






# ସାମ୍ନାକୁ ଆସିଲା ଉପଗ୍ରହ ଚିତ୍ର: ପାକିସ୍ତାନ ବାୟୁସେନା ଘାଟି ଧ୍ୱଂସ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର'କୁ ନେଇ ମିଥ୍ୟା ଦାବି କରୁଥିବା ପାକିସ୍ତାନର ମୁଖା ଖୋଲିଯାଇଛି । ଉପଗ୍ରହ ଚିତ୍ର ପାକିସ୍ତାନ ମିଛର ଗୁମରକୁ ପର୍ଦ୍ଦାଫାସ କରିଦେଇଛି । ଭାରତର ଆକ୍ରମଣରେ ପାକିସ୍ତାନର ସାମିରକ ପ୍ରତିଷ୍ଠାନ ଏବଂ ବାୟୁସେନା ଘାଟି ଧ୍ୱଂସ ହୋଇଯାଇଥିବା ଦେଖାଯାଉଛି । ଚୀନ୍ କମ୍ପାନୀ ମିଜାଭିଜନ ଏହି ଉପଗ୍ରହ ଚିତ୍ର ଜାରି କରିଛି । ଏଥିରେ ରଣନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପାକିସ୍ତାନର ନୁର ଖାନ ବାୟୁସେନା ଘାଟିରେ ବିପୁଳ କ୍ଷୟକ୍ଷତି ହୋଇଥିବା ଦେଖାଯାଉଛି । ରାୱଲପିଣ୍ଡି ସ୍ଥିତ ଏହି ଘାଟି ପାକିସ୍ତାନ ସେନା ମୁଖ୍ୟାଳୟ ନିକଟରେ ରହିଛି । ଏଠାରେ ମୁଖ୍ୟ ପରିବହନ ବିମାନର ସ୍କ୍ୱାଡ୍ରନ ରହିଥିଲା । ଲଜିଷ୍ଟିକ ଏବଂ ରଣନୈତିକ ଅଭିଯାନରେ ସି-୧୩୦ ହରକୁଲେସ, ସାବ୍ ୨୦୦୦, ଆଇଏଲ-୭୮ ସମେତ ଅନେକ ଯୁଦ୍ଧ ଏବଂ ପରିବହନ ବିମାନ ରହିଥିଲା । ଜାକୋବାବାଦ ଏୟାରବେସ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଭାରତୀୟ ସଂସ୍ଥା କାୱାସ୍ପେସ ଦ୍ୱାରା ପ୍ରକାଶିତ ସାଟେଲାଇଟ୍ ଚିତ୍ରରୁ ଏହା ଦେଖିବାକୁ ମିଳୁଛି । ହ୍ୟାଙ୍ଗରଟି ନଷ୍ଟ ହୋଇଯାଇଛି । ବାୟୁସେନା ଘାଟୀରେ ସଠିକ୍ ଆକ୍ରମଣ କରି ଭାରତର ବାୟୁସେନା ଅଣ୍ଟା ଭାଙ୍ଗି ଦେଇଥିଲା । ଏଥିପାଇଁ ଏହି ଦେଶ ଅସ୍ତ୍ରବିରତି ଲାଗି ଆଗଭର ହୋଇଥିଲା । ଭାରତ ନରୁଖାନ, ମୁରିଦ, ରଫିକ ବେସ୍ ଉପରେ ଆକ୍ରମଣ କରିଥିଲା ବୋଲି ପୂର୍ବରୁ ପାକିସ୍ତାନ ସେନା ପକ୍ଷରୁ କୁହାଯାଇଥିଲା ।

## ସୀମାରେ ନଜର ରଖିଥିଲା ୧୦ ଉପଗ୍ରହ

ପାକିସ୍ତାନ ସହ ଉତ୍ତେଜନା ମଧ୍ୟରେ ଭାରତୀୟ ଉପଗ୍ରହଗୁଡିକ ଜାଗ୍ରତ ପ୍ରହରି ସାଜିଥିଲେ । ସୀମା ଉପରେ ୧୦ ଉପଗ୍ରହ ତୀକ୍ଷଣ ଦୃଷ୍ଟି ରଖିଥିଲେ । ଶତ୍ରୁର ଗତିବିଧି ବିଷୟରେ ଟିକିନିଖି ସୂଚନା ଦେଉଥିଲେ । ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ମୁଖ୍ୟ ଭି ନାରାୟଣନ ଏହି ସୂଚନା ଦେଇଛନ୍ତି । ଇମ୍ଫାଲର କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରି ସେ ରବିବାର କହିଥିଲେ ଯେ ଦେଶବାସୀଙ୍କ ସୁରକ୍ଷା ଏବଂ ରଣନୈତିକ ଲକ୍ଷ୍ୟ ହାସଲ ପାଇଁ ଦେଶର ୧୦ଟି ଉପଗ୍ରହ କ୍ରମାଗତ ଭାବେ ସୀମା ଉପରେ ନଜର ରଖିଛି । ସମସ୍ତେ ଆମ ପଡୋଶୀଙ୍କ କଥା ଜାଣିଛନ୍ତି । ଏପରି ସ୍ଥିତିରେ ଦେଶର ସୁରକ୍ଷା ସୁନିଶ୍ଚିତ କରିବାକୁ ଉପଗ୍ରହର ସହାୟତା ନେବାକୁ ହେବ । ୭ ହଜାର କିମି ପର୍ଯ୍ୟନ୍ତ ବ୍ୟାପିଥିବା ସୀମା ଏବଂ ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ର ଉପରେ ଉପଗ୍ରହ ନଜର ରଖିଛି । ଅନ୍ୟପଟେ ଭାରତ ଇସ୍ରୋର ସହାୟତାରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିବାରେ ସଫଳ ହୋଇଥିଲା ବୋଲି କୁହାଯାଉଛି ।

# ୧୯ ଦିନ ପରେ ସୀମା ଶାନ୍ତ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର'କୁ ଦେଖି ଛାନିଆ ପାକିସ୍ତାନ ଅନୁରୋଧରେ ଅସ୍ତ୍ରବିରତି ହୋଇଛି । ଏଲଓସି ଏବଂ ଅନ୍ତର୍ଜାତୀୟ ସୀମା ଆରପଟୁ ପାକିସ୍ତାନ ପକ୍ଷରୁ କୌଣସି ଗୁଳିଗୋଳା ମାଡ଼ କରାଯାଇ ନାହିଁ । ଗତ ୧୯ ଦିନ ପରେ ପ୍ରଥମ ଥର ପାଇଁ ସୀମାନ୍ତ ଲୋକ ଶାନ୍ତିରେ ଶୋଇଛନ୍ତି । ସେନା ପକ୍ଷରୁ ସୋମବାର ସକାଳେ ଏହି ସୂଚନା ଦିଆଯାଇଛି । ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣ ପରେ ସୀମା ଅଶାନ୍ତ ହୋଇ ଯାଇଥିଲା । ପାକିସ୍ତାନ ସେନା ଗୁଳିଗୋଳା ମାଡ଼ ଜାରି ରଖିଥିଲା । ଭାରତର ଅପରେସନ ସିନ୍ଦୂର ପରେ ଏହା ଜୋରଦାର ହୋଇଥିଲା । ଏଥିରେ ୧୭ ସାଧାରଣ ନାଗରିକଙ୍କ ମଧ୍ୟ ଜୀବନ ଯାଇଥିଲା । ଏହା ଦେଖି ଲୋକେ ଘରଦ୍ୱାର ଛାଡି ସୁରକ୍ଷିତ ସ୍ଥାନକୁ ପଳାଇ ଥିଲେ । କିନ୍ତୁ ରବିବାର ରାତିରେ ଏ ସବୁ ଶୁଭି ନ ଥିଲା ।

ଅନ୍ୟପକ୍ଷରେ ଭାରତ ଆକ୍ରମଣର ଦୁଇ ଦିନ ପରେ ପାକିସ୍ତାନରେ ପୁଣି ଭୂକମ୍ପ ଆସିଛି । ୪.୬ ତୀବ୍ରତାରେ ଏହି ଦେଶ ଥରି ଉଠିଛି । ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ଲୋକେ ଭୟରେ ଘରୁ ବାହାରି ଆସିଥିଲେ । କୌଣସି ବଡ଼ଧରଣର ଆକ୍ରମଣ ହେଲା ବୋଲି ଲୋକେ ଭାବିଥିଲେ । ଏହା ପୂର୍ବରୁ ଶନିବାର ସକାଳେ ପାକିସ୍ତାନରେ ଦୁଇଟି ଭୂକମ୍ପ ଆସିଥିଲା । ପ୍ରଥମେ ଆସିଥିବା ଭୂକମ୍ପ ୫.୭ ଥିବାବେଳେ ଦ୍ୱିତୀୟଟି ୪.୦ ତୀବ୍ରତାର ଥିଲା । ଏହାକୁ ଭାରତର ଆକ୍ରମଣ ସହ ଯୋଡ଼ି ଦେଖା ଯାଉଥିଲା । ପାକିସ୍ତାନର ପରମାଣୁ ଠିକଣା କୁହାଯାଉଥିବା ଇସଲାମାବାଦ ନିକଟସ୍ଥ ନୁର ଘାଟୀରେ ଭାରତର ଆକ୍ରମଣ ଯୋଗୁଁ ଏପରି ଭୂକମ୍ପ ଆସୁଛି ବୋଲି କୁହାଯାଉଛି ।

### ■ ଭାରତ-ପାକିସ୍ତାନ ଉତ୍ତେଜନାକୁ ନେଇ ଟ୍ରମ୍ପଙ୍କ ଦାବି
# ପରମାଣୁ ଯୁଦ୍ଧ ରୋକିଲା ଆମେରିକା



ୱାଶିଂଟନ, ୧୨।୫ (ଏଜେନ୍ସି): ଭାରତ-ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧକୁ ଆମେରିକା ରୋକି ଦେଇଛି । ଅସ୍ତ୍ରବିରତି ହୋଇ ନ ଥିଲେ ବହୁତ ଖରାପ ପରମାଣୁ ଯୁଦ୍ଧ ହୋଇଥାନ୍ତା । ଲକ୍ଷ ଲକ୍ଷ ଲୋକ ମରିଥାନ୍ତେ । ଏହି ଯୁଦ୍ଧ ରୋକି ଗର୍ବ ଲାଗୁଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ସେ ପୁଣିଥରେ ଯୁଦ୍ଧ ରୋକିବାରେ ଶ୍ରେୟ ନେବାକୁ ପ୍ରୟାସ କରିଛନ୍ତି । ନିଜେ ନିଜର ପ୍ରଶଂସା କରିଛନ୍ତି । ସଂଘର୍ଷ ବନ୍ଦ କରିବା ପାଇଁ ସେ ବ୍ୟବସାୟକୁ ଅସ୍ତ୍ର ଭଳି ବ୍ୟବହାର କରିଥିଲେ ବୋଲି କହିଛନ୍ତି । ପୂର୍ବରୁ ବାଣିଜ୍ୟ ବ୍ୟବସାୟକୁ ଏଭଳି ଭାବେ କେବେ ବ୍ୟବହାର କରାଯାଇ ନ ଥିଲା ବୋଲି ଉଲ୍ଲେଖ କରିଛନ୍ତି ।

ଟ୍ରମ୍ପଙ୍କ ଅନୁଯାୟୀ ଯେ ଦୁଇ ଦେଶ ପାଖରେ ବହୁତ ପରମାଣୁ ଅସ୍ତ୍ର ରହିଛି । କିନ୍ତୁ ସେ ଯୁଦ୍ଧ ରୋକିବାକୁ ବାଣିଜ୍ୟ କାରବାରକୁ ଅସ୍ତ୍ର କରିଥିଲେ । ସେ ଭାରତ ଏବଂ ପାକିସ୍ତାନକୁ ବାଣିଜ୍ୟ ବ୍ୟବସାୟକୁ ନେଇ ଧମକ ଦେଇଥିଲେ । ଦୁଇ ଦେଶ ସହ ବହୁତ ବାଣିଜ୍ୟ କାରବାର କରିବାକୁ ଅଛି ବୋଲି କହିଥିଲି । ସଂଘର୍ଷ ବନ୍ଦ ନ କଲେ ବ୍ୟାପାର କରିବୁନି ବୋଲି କହିଥିଲେ । ଟ୍ରମ୍ପ ଭାରତ ଏବଂ ପାକିସ୍ତାନର ନେତୃତ୍ୱକୁ ମଧ୍ୟ ପ୍ରଶଂସା କରିଛନ୍ତି । ଏହାକୁ ବହୁତ ମଝବୁତ ଏବଂ ଶକ୍ତିଶାଳୀ କହିଛନ୍ତି । ସ୍ଥିତିର ଗୁରୁତ୍ୱକୁ ବୁଝିବାକୁ ଶକ୍ତି, ସାମର୍ଥ୍ୟ, ଧୈର୍ଯ୍ୟ ଏବଂ ବୁଦ୍ଧି ରହିଥିଲା । ଆମେରିକା ମଧ୍ୟ ବହୁତ ସହାୟତା କରିଥିଲା । ଏହା ସ୍ଥାୟୀ ଅସ୍ତ୍ରବିରତି ହେବ ବୋଲି ସେ ଆଶା ରଖିଛନ୍ତି ।

# ଆତଙ୍କବାଦରୁ ଆରମ୍ଭ, କଶ୍ମୀରରେ ଶେଷ

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଏପ୍ରିଲ ୨୨ ତାରିଖରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ମେ ୭ ତାରିଖରେ ପାକିସ୍ତାନ ବିରୋଧରେ ଭାରତ ଆରମ୍ଭ କଲା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର' । ୧୦ ତାରିଖରେ ଭାରତର କାର୍ଯ୍ୟାନୁଷ୍ଠାନ ନିର୍ଣ୍ଣାୟକ ସ୍ତରରେ ପହଞ୍ଚିବାକୁ ଯାଉଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କଲେ ଯେ ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଆମେରିକାର ମଧ୍ୟସ୍ଥତା ଯୋଗୁଁ ଏହା ସଫଳ ହୋଇପାରିଛି । ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା କଶ୍ମୀର ବିବାଦର ସମାଧାନରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ । ଏହାପରେ ପରେ ଭାରତ ପକ୍ଷରୁ ମଧ୍ୟ ଘୋଷଣା କରାଗଲା ଯେ ଦୁଇ ଦେଶ ମଧ୍ୟରେ ଚାଲିଥିବା ସଂଘର୍ଷରେ ବିରାମ ପାଇଁ ବୁଝାମଣା ହୋଇଛି । ଭାରତ ପକ୍ଷରୁ କେବଳ କୁହାଗଲା ଯେ ପାକିସ୍ତାନର ଡିଜିଏମ୍ଓଙ୍କ ଅନୁରୋଧ କ୍ରମେ ଆଲୋଚନା ପରେ ଏହି ବୁଝାମଣା ହୋଇଛି । ଭାରତ ଏହାର ବିବୃତିରେ ଆମେରିକା କଥା ଉ।।ଲ୍ଲେଖ କରିନଥିଲା ବେଳେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଅସ୍ତ୍ରବିରତି ପାଇଁ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଲେ ।

ତେବେ ଯେଉଁ ପ୍ରଶ୍ନଟି ସାଧାରଣ ନାଗରିକଙ୍କୁ ମଧ୍ୟ ଆନ୍ଦୋଳିତ କରୁଛି, ତାହାହେଲା ଦୀର୍ଘ ତିନି ଦଶନ୍ଧି ଧରି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ହିଂସାର ଭାରତ ଶିକାର ହୋଇ ଆସୁଛି । ସେହି ଆତଙ୍କବାଦୀଙ୍କ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବାକୁ ଯାଉଥିବା ବେଳେ ହଠାତ୍ ଓ ନାଟକୀୟ ଭାବେ ଅସ୍ତ୍ରବିରତି ପାଇଁ କାହିଁକି ରାଜିହେଲା । ପୁଣି ବିନା ସର୍ତ୍ତରେ । ଏହାକୁ ନେଇ ଭାରତ କି ପାକିସ୍ତାନ କେହି ମୁହଁ ଖୋଲୁନଥିବା ବେଳେ ପ୍ରତିରକ୍ଷା ବିଶେଷଜ୍ଞ ଏବଂ କୂଟନୈତିକ ପର୍ଯ୍ୟ।।ବେକ୍ଷକ ନିଜ ନିଜର ମତ ରଖୁଛନ୍ତି । କିନ୍ତୁ କାହାରି ମତାମତ ସନ୍ତୋଷଜନକ ହୋଇପାରୁ ନାହିଁ । ଏହି ଅଚାନକ ଅସ୍ତ୍ରବିରତିକୁ ନେଇ ସାରାଦେଶରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି । ସାଧାରଣ ନାଗରିକଟିଏ ମଧ୍ୟ ଏହାକୁ ହଜମ କରିପାରୁ ନାହିଁ । କାରଣ ଯେଉଁ ସମୟରେ ଭାରତୀୟ ସେନା ପାକିସ୍ତାନ ସ୍ଥିତ ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିବା ସହିତ ଏହାକୁ ସମର୍ଥନ କରୁଥିବା ପାକିସ୍ତାନର ସାମରିକ ଶକ୍ତିକୁ ଦୁର୍ବଳ କରୁଥିଲେ, ସେହି ସମୟରେ ଅସ୍ତ୍ରବିରତି ଘୋଷଣା ଭାରତର କେଉଁ ସ୍ୱାର୍ଥରେ ଥିଲା ।

ଏହାଠାରୁ ଆଉ ଗୋଟିଏ ପ୍ରସଙ୍ଗ ଯାହା ଭାରତୀୟ ନାଗରିକଙ୍କୁ ବ୍ୟଥିତ କରିଛି, ତାହାହେଲା କଶ୍ମୀର ପ୍ରସଙ୍ଗ । ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତ ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା । କିନ୍ତୁ ଅସ୍ତ୍ରବିରତି ସଂପର୍କରେ ସୂଚନା ଦେଇଥିବା ରାଷ୍ଟ୍ରପତି ଟ୍ରମ୍ପ ଆଉ ଆତଙ୍କବାଦ ସଂପର୍କରେ କିଛି ନ କହି କଶ୍ମୀର ପ୍ରସଙ୍ଗ ଉଠାଉଛନ୍ତି । ଯାହାକୁ ନେଇ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା, ତାହା ଆମେରିକା ଏଜେଣ୍ଡାରୁ ହଜିଗଲା କେମିତି? ଏହାବଦଳରେ କଶ୍ମୀର ପ୍ରସଙ୍ଗ କାହିଁକି ଲଦୁଛି ଆମେରିକା । ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସିମଳା ରାଜିନାମା ଅନୁଯାୟୀ କଶ୍ମୀର ପ୍ରସଙ୍ଗରେ କେବଳ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବ ଏବଂ ଏଥିରେ ତୃତୀୟ ଦେଶ ହସ୍ତକ୍ଷେପ କରିବେ ନାହିଁ । ଏହାସତ୍ତ୍ୱେ ଆମେରିକା ଏଥିରେ ମୁଣ୍ଡ ପୂରାଉଛି କାହିଁକି ?

# ଶପଥ ନେଲେ ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ



କଟକ,୧୨।୫(ସମିସ): କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଥିବା ବେଳେ ସେ ଆଜି ଏଠାରେ ଶପଥ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ହାଇକୋର୍ଟ ପୁରୁଣା କୋଠାସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୁଲିସ କମିସନର, କଟକ ଡିସିପି, ଜିଲ୍ଲାପାଳଙ୍କ ସମେତ ହାଇକୋର୍ଟ ବାର୍ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୧୯କୁ ବୃଦ୍ଧି**

ଜଷ୍ଟିସ୍ ଶ୍ରୀପଦ ୧୯୬୪ ଜୁଲାଇ ୨୦ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୯ ଜୁଲାଇରୁ ସେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୪ ବର୍ଷ ଧରି ସେ କର୍ଣ୍ଣାଟକ ଓ ମାଡ୍ରାସ ହାଇକୋର୍ଟରେ ଓକିଲାତି ପେସାରେ ରହିଥିଲେ। ୨୦୧୪ରେ ସେ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ରୂପେ ନିଯୁକ୍ତି ପାଇଥିଲେ। କର୍ଣ୍ଣାଟକ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ତାଙ୍କୁ ୨୦୧୮ ଫେବ୍ରୁଆରି ୧୪ରେ ନିଯୁକ୍ତି ମିଳିଥିଲା। ୨୦୨୦ ଜାନୁଆରି ୭ରେ ଜଷ୍ଟିସ୍ ଶ୍ରୀପଦ କର୍ଣ୍ଣାଟକ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ଜଷ୍ଟିସ୍ ଶ୍ରୀପଦଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟର ବିଚାରପତିଙ୍କ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି।

■ କେନ୍ଦ୍ରକୁ ଡେପୁଟେସନରେ ଯିବେ ୨ ଆଇପିଏସ୍

# ରାଜେଶଙ୍କୁ ଏଡିଜି, ଅନୁପଙ୍କୁ ଆଇଜି ପାହ୍ୟା

ଭୁବନେଶ୍ୱର,୧୨।୫(ସମିସ): ଓଡ଼ିଶା କ୍ୟାଡ଼ରର ଦୁଇ ଆଇପିଏସ୍ ଅନୁପ ସାହୁ ଓ ରାଜେଶ କୁମାର କେନ୍ଦ୍ର ଡେପୁଟେସନ ସୂଚୀରେ ସ୍ଥାନ ପାଇଛନ୍ତି। ୧୯୯୮ ବ୍ୟାଚ୍‌ର ଆଇପିଏସ୍ ରାଜେଶ କୁମାର ସମ୍ପ୍ରତି ସ୍ପେସାଲ ଆର୍ମ ପୁଲିସରେ ଏଡ଼ିଜି ରହିଛନ୍ତି, ସେହିପରି ୨୦୦୬ ବ୍ୟାଚ୍ ଆଇପିଏସ୍ ଅନୁପ ସାହୁ ବିଜୁ ପଟ୍ଟନାୟକ ପୁଲିସ ଏକାଡ଼େମୀରେ ଆଇଜି ପଦରେ ଅବସ୍ଥାପିତ ଅଛନ୍ତି। କେନ୍ଦ୍ରକୁ ଡେପୁଟେସନରେ ଯିବା ପରେ ରାଜେଶ କୁମାର ଅତିରିକ୍ତ ଡିଜି ପାହ୍ୟା ଓ ଅନୁପ ସାହୁ ଆଇଜି ବା ସମତୁଲ ପାହ୍ୟାରେ ଅବସ୍ଥାପିତ ହେବେ।

# ଖଇଫୁଟା ତାତି; ଝାଳୁଆ ଗୁଳୁଗୁଳି

**୪୦ ଡିଗ୍ରୀ ଉପରେ ରାଜ୍ୟର ୧୭ ସହର**

ଭୁବନେଶ୍ୱର,୧୨।୫(ସମିସ): ସାରା ରାଜ୍ୟରେ ଖଇଫୁଟା ତାତି ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଇଛି। ଅପରପକ୍ଷରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଝାଳୁଆ ଗୁଳୁଗୁଳି ଲୋକଙ୍କୁ ଦହଗଞ୍ଜ କରିଛି। ରାଜ୍ୟର ୧୭ ସହରର ତାପମାତ୍ରା ୪୦ ଡ଼ିଗ୍ରୀ ଉପରେ ରହିଛି ଓ ସମ୍ବଲପୁରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୨.୯ ଡ଼ିଗ୍ରୀ ରେକଡର୍ କରାଯାଇଛି। ଭୁବନେଶ୍ୱରରେ କ୍ରମାଗତ ୩ୟ ଦିନ ତାପମାତ୍ରା ୪୦ ଡ଼ିଗ୍ରୀ ଟପିଥିବାବେଳେ କଟକରେ ଚଳିତ ବର୍ଷ ପ୍ରଥମଥର ତାତି ୪୦ ଡ଼ିଗ୍ରୀ ଅତିକ୍ରମ କରିଛି। ଏହି ଅବସ୍ଥା ଆହୁରି ତିନି ଚାରିଦିନ ଲାଗି ରହିପାରେ ବୋଲି କୁହାଯାଉଛି। ଏହା ମଧ୍ୟରେ ମୌସୁମୀର ଆଗୁଆ ଆଗମନ ସୂଚନା ରାଜ୍ୟବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତ କରିଛି। ଆସନ୍ତା କାଲି ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଉପକୂଳ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ଦକ୍ଷିଣପଶ୍ଚିମ ମୌସୁମୀବାୟୁ ଅଗ୍ରସର ପାଇଁ ପାଣିପାଗ ସ୍ଥିତି ସମ୍ପୂର୍ଣ୍ଣ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

**ଆଜି ଆଣ୍ଡାମାନ ଛୁଇଁବ ମୌସୁମୀ**

ସୋମବାର ରାଜ୍ୟର କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଅନୁଭୂତ ହୋଇଛି, ହେଲେ ଏହା ଖରା ଗରମକୁ ପ୍ରମଶିତ କରିବାରେ ସମର୍ଥ ହୋଇ ନାହିଁ। ରାଜ୍ୟରେ ୧୫-୧୬ ତାରିଖ ପର୍ଯ୍ୟନ୍ତ ଏଭଳି ଖରା ଗରମ ଜାରି ରହିବାର ଆଶଙ୍କା କରାଯାଉଛି। ବାୟୁମଣ୍ଡଳରେ ରହୁଥିବା ଆର୍ଦ୍ରତା ହେତୁ ଗୁଳୁଗୁଳିର ପ୍ରଭାବ ଅଧିକ ହେଉଛି। ସକାଳ ସାଢ଼େ ୮ଟାରୁ ଗୁଳୁଗୁଳିର ପ୍ରଭାବ ବଢ଼ିଯାଉଥିବାରୁ ଲୋକଙ୍କ ପାଇଁ ଉଭୟ ଘରେ ଓ ବାହାରେ ରହିବା ଅସମ୍ଭବ ହୋଇପଡୁଛି। ସୋମବାର ଦିନ ଦୁଇଟା ସୁଦ୍ଧା ୪ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିସାରିଥିବା ବେଳେ ବହୁ ସହରରେ ଆର୍ଦ୍ରତାର ପରିମାଣ ୪୦ ପ୍ରତିଶତ ଉପରେ ରହିଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ଉଷ୍ମ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହା ପ୍ରଭାବରେ ଏହି ଜିଲ୍ଲାଗୁଡ଼ିକରେ ପ୍ରବଳ ଗୁଳୁଗୁଳି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ କାଳବୈଶାଖୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟା ପ୍ରତି ୩୦-୪୦ କିମି ରହିବା ସହ ବିଜୁଳି ଘଡ଼ଘଡ଼ି ନେଇ ଆଶଙ୍କା କରାଯାଇଛି। ସୋମବାର ଗଞ୍ଜାମ, ନୟାଗଡ, ମୟୁରଭଞ୍ଜ, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବାଲେଶ୍ୱର ସମେତ ଖୋର୍ଦ୍ଧା ଜିଲ୍ଲାର କିଛି ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ଅନୁଭୂତ ହୋଇଛି। ଏହା ପ୍ରଭାବରେ ବର୍ଷା ପବନ ସାଙ୍ଗକୁ ବଜ୍ରପାତରେ ଏକାଧିକ ଲୋକଙ୍କ ଜୀବନ ହାନୀ ହୋଇଥିବା ଅଭିଯୋଗ ହୋଇଛି।

# ବର୍ଷେ ବିତିଲା; ଖଣ୍ଡିଏ ପଟ୍ଟା ବି ବଣ୍ଟା ହେଲାନି

ଭୁବନେଶ୍ୱର,୧୨।୫(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି "ଜାଗା ମିଶନ'। ପୂର୍ବ ସରକାରଙ୍କ ଏହି ସଫଳ ଯୋଜନାର ପୁନଃ କାର୍ଯ୍ୟାନ୍ୱୟନକୁ ନେଇ ରାଜ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ନିରବ। କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କୌଣସି ପ୍ରୟାସ ଆରମ୍ଭ ହେଉ ନ ଥିବାରୁ ପ୍ରାୟ ବର୍ଷେ ହେବ ଜାଗା ମିଶନରେ ଭୂମି ଅଧିକାର ପ୍ରମାଣ ପତ୍ର (ଏଲ୍‌ଆରସି) ପାଇବାକୁ ସ୍ୱପ୍ନ ଦେଖୁଥିବା ବହୁ ହିତାଧିକାରୀ ଏବେ ସରକାରଙ୍କ ହାତକୁ ଚାହିଁ ବସିଛନ୍ତି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଥିବାରୁ ଜାଗା ମିଶନରେ ଭୂମି ଅଧିକାର ପ୍ରମାଣ ପତ୍ର ପାଇଥିବା ହିତାଧିକାରୀମାନେ ଏଥିପାଇଁ ଆବେଦନ କରୁଥିବା ବେଳେ ପ୍ରମାଣ ପାଇ ନ ଥିବା ଭୂମି ପରିବାର ଏହି ପ୍ରକ୍ରିୟାରୁ ବଞ୍ଚିତ ରହୁଛନ୍ତି। ଯାହାକୁ ନେଇ ସହରାଞ୍ଚଳରେ ରହୁଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏସବୁ ଭିତରେ ରାଜ୍ୟ ସରକାର ଜାଗା ମିଶନର ନାମ ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଯୋଜନାର ନାଁ ପରିବର୍ତ୍ତନ ସହ ନୂଆ ମାର୍ଗଦର୍ଶିକା ଅଣାଯିବ ବୋଲି ସୂଚନା ମିଳିଛି। ଫଳରେ ପୂର୍ବରୁ ଜାଗା ମିଶନ ତାଲିକାରେ ନାଁ ଥିବା ଲୋକମାନଙ୍କ ଭାଗ୍ୟ ଓ ଭବିଷ୍ୟତକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।




**■ ଏବେ ଜାଗା ମିଶନ ନାମ ବଦଳାଇବା ଯୋଜନା**
**■ ସୂଚୀଭୁକ୍ତ ଭୂମିହୀନଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ**

କେବଳ ରାଜଧାନୀ ଭୁବନେଶ୍ୱରରେ ୩୦ ହଜାରରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା "ଜାଗା ମିଶନ'ରେ ଭୂମି ଅଧିକାର ପ୍ରମାଣପତ୍ରକୁ ଚାହିଁ ବସିଛନ୍ତି। ଅନ୍ୟ ମହାନଗରଗୁଡ଼ିକୁ ମିଶାଇଲେ ଏହି ସଂଖ୍ୟା ଦେଢ଼ ଲକ୍ଷ ଅତିକ୍ରମ କରିବ। ୨୦୨୪ ଫେବୃଆରୀ ୨୯ରେ ତତ୍‌କାଳୀନ ବିଜେଡି ସରକାର ଶେଷଥର ପାଇଁ "ଜାଗା ମିଶନ'ରେ ଭୂମି ଅଧିକାର ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଗୋଟିଏ ଦିନରେ କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାର ୨୧,୪୨୭ ବସ୍ତି ବାସିନ୍ଦା ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବାକି ଯୋଗ୍ୟ ହିତାଧିକାରୀଙ୍କୁ ଆଉ ଏକ ପର୍ଯ୍ୟାୟରେ ବା ପୌରସଂସ୍ଥା ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହି ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ ବନ୍ଦ ହୋଇ ଯାଇଛି। ନୂଆ ସରକାର ବର୍ଷକ ମଧ୍ୟରେ ଗୋଟିଏ ବି ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିନାହାନ୍ତି।

ସହରାଞ୍ଚଳର ଯେଉଁ ବସ୍ତିବାସିନ୍ଦା "ଜାଗା ମିଶନ'ରେ ଭୂମି ଅଧିକାର ପ୍ରମାଣପତ୍ର ପାଇନାହାନ୍ତି; ସେମାନେ "ପ୍ରଧାନମନ୍ତ୍ରୀ ଆବାସ' ଯୋଜନାରେ ଆବେଦନ କରି ନ ପାରି ଘର ପାଇବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ଭୁବନେଶ୍ୱରରେ ବର୍ତ୍ତମାନ ୧୮୦୦ ଉର୍ଦ୍ଧ୍ୱ ଆବେଦନକାରୀ କେବଳ ଜାଗା ମିଶନରୁ ଭୂମି ପାଇଥିବା ହିତାଧିକାରୀ ରହିଛନ୍ତି। ଦେଶର ଏକମାତ୍ର ରାଜ୍ୟ ଭାବେ ଓଡ଼ିଶା ୨୦୧୮ରୁ "ଜାଗା ମିଶନ'ରେ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ କରିଆସୁଛି। ରାଜ୍ୟ ସରକାରଙ୍କ ଏହି ଯୋଜନାରେ ରାଜ୍ୟରେ ପାଖାପାଖି ୨ ଲକ୍ଷ ୪୦ ହଜାର ପରିବାରକୁ ଭୂମି ଅଧିକାର ପ୍ରଦାନ କରାଯାଇ ସାରିଛି। ସରକାରଙ୍କ ପକ୍ଷରୁ ଭୂମି ଅଧିକାର ପ୍ରମାଣପତ୍ର ପାଇଥିବା ଲୋକମାନେ "ପ୍ରଧାନମନ୍ତ୍ରୀ ଆବାସ' ଯୋଜନାରେ ଘର କରିବାରେ ମଧ୍ୟ ସଫଳ ହୋଇଛନ୍ତି। ସେତେବେଳେ ବିଜେପି ଏହାକୁ ସମାଲୋଚନା କରିଥିଲା ଓ ବିଜେପି ସରକାର ଗଢ଼ିଲେ ବସ୍ତିବାସିନ୍ଦାଙ୍କୁ ୬୦୦ ବର୍ଗଫୁଟ ଜମି ଦିଆଯିବ ବୋଲି କହିଥିଲା। ନିଜେ ଭୁବନେଶ୍ୱର ସାଂସଦ ସାଲିଆ ସାହିରେ ଏକ ସମାବେଶରେ ଏ ସଂକ୍ରାନ୍ତରେ ଘୋଷଣା କରିଥିଲେ। ମାତ୍ର ଇତିମଧ୍ୟରେ ବର୍ଷେ ବିତିଥିଲେ ବି ସାଲିଆ ସାହିର ୪୦ ହଜାର ପରିବାର ମଧ୍ୟରୁ ଜଣେ ବି ସାଂସଦଙ୍କ ୬୦୦ ବର୍ଗଫୁଟ ଜମି ଯୋଜନାରେ ଉପକୃତ ହୋଇ ନାହାନ୍ତି । ଆଉ ଏବେ ଏହି ଯୋଜନାର ନାମ ପରିବର୍ତ୍ତନ ସହ ଏହାର ସର୍ତ୍ତ ପରିବର୍ତ୍ତନ କରିବାକୁ ଯୋଜନା ସମ୍ଭାବ୍ୟ ହିତାଧିକାରୀଙ୍କ ଆଶା ଭାଙ୍ଗି ଦେଇଛି ।

**୨ ଲକ୍ଷ ୭୨ ହଜାର ନକଲି ନୋଟ୍ ଜବତ**

# ମାଷ୍ଟରମାଇଣ୍ଡ ଗିରଫ

ଭଦ୍ରକ,୧୨।୫(ସମିସ): ଭଦ୍ରକ ପୁଲିସ ୨.୭୨ ଲକ୍ଷ ଟଙ୍କାର ନକଲି ନୋଟ୍ ଜବତ କରିବା ସହ ଯାଜପୁର ଜିଲ୍ଲା ଦଶରଥପୁର ଅଞ୍ଚଳର ଚନ୍ଦ୍ରମଣି ବଳ ଓରଫ୍ ଚନ୍ଦନଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ନକଲି ନୋଟ୍ ଦେଇ ବଜାରରୁ ସଉଦା କିଣିବା ବେଳେ ଗତ ୧୦ ତାରିଖ ଦିନ ଭଦ୍ରକ ଗ୍ରାମାଞ୍ଚଳ ଥାନା ଗୁଜିଦରଡ଼ା ଫାଣ୍ଡି ଦୌଡ଼ିପାଳ ଗାଁର



ମାନସ ସାହୁଙ୍କୁ ପୁଲିସ୍ ଧରିଥିଲା। ପୁଲିସ୍ ତା' ନିକଟରୁ ୭୧୦୦ ଟଙ୍କା ନକଲି ନୋଟ୍ ଠାବ କରିଥିଲା। ମାନସକୁ ପଚାରାଉଚୁରା କରି ପୁଲିସ୍ ଜାଣିବାକୁ ପାଇଥିଲା ଯେ ଏହି ନକଲି ନୋଟ୍ ରାକେଟ୍‌ର ମୁଖ୍ୟ କାର୍ପଟଦାର ଚନ୍ଦନ। ଗତକାଲି ଭଦ୍ରକ ଗ୍ରାମାଞ୍ଚଳ ପୁଲିସ୍ ଦଶରଥପୁରରେ ଚଢ଼ଉ କରି ଚନ୍ଦନକୁ ଧରିଥିଲା। ତା' ପାଖରୁ ପୁଲିସ୍ ନକଲି ୨ଲକ୍ଷ ୭୨ ହଜାର ଟଙ୍କା ଜବତ କରିଥିଲା। ଚନ୍ଦନ ଏକ ପ୍ରିଣ୍ଟର୍‌ରେ ଶହେ ଟଙ୍କିଆରୁ ଆରମ୍ଭ କରି ୫ ଶହ ଟଙ୍କାର ଅବିକଳ ନକଲ ଟଙ୍କା ତିଆରି କରୁଥିଲା। ଏପରିକି ଚନ୍ଦନ ଅନ୍ତଃରାଜ୍ୟ ନକଲି ନୋଟ୍ କାରବାରରେ ସାମିଲ ରହିଛି। ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

**ଗୁରୁ ଗମ୍‌କେଙ୍କ ୧୨୦ତମ ଜୟନ୍ତୀ**

# ପଣ୍ଡିତ ରଘୁନାଥ ମୁର୍ମୁ ଏକ ଆନ୍ଦୋଳନ: ମୁଖ୍ୟମନ୍ତ୍ରୀ

ରାଇରଙ୍ଗପୁର,୧୨।୫ (ସମିସ): ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ କେବଳ ଜଣେ ବ୍ୟକ୍ତି ନୁହଁନ୍ତି; ଏକ ଆନ୍ଦୋଳନ, ଏକ ଚେତନା, ଏକ ଶିକ୍ଷା ଓ ସଂସ୍କୃତିର ଅଭିଜ୍ଞାନ। ସେ ଜଣେ ଏମିତି ବ୍ୟକ୍ତିତ୍ୱ, ଯିଏ ଅନ୍ଧାର ଭିତରେ ଆଲୋକର ପରିକଳ୍ପନା କରି ତାହାକୁ ବାସ୍ତବ ରୂପ ଦେଇଥିଲେ। ସାନ୍ତାଳୀ ସମାଜର ଭାଷା ଓ ସଂସ୍କୃତିକୁ ସୁରକ୍ଷା ଦେବା ଓ ସାମାଜିକ ଜାଗୃତି କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। ରାଇରଙ୍ଗପୁରରେ ଆୟୋଜିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜୟନ୍ତୀ ଓ ସାନ୍ତାଳୀ ଅଲଚିକି ଲିପିର ଶତାବ୍ଦୀ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

ଏହି ଅବସରରେ ସାନ୍ତାଳୀ ଅଲଚିକି ଲିପିର ଶତବାର୍ଷିକୀକୁ ସରକାରୀସ୍ତରରେ ଏକ ବର୍ଷ ପର୍ଯ୍ୟନ୍ତ ପାଳନ କରାଯିବା, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଘରକୁ ସ୍ମାରକୀ ପୀଠ, ସମାଧି ପୀଠକୁ ସ୍ମୃତିପୀଠରେ ରୂପାନ୍ତର, ଆସନ୍ତା ବର୍ଷ ପଣ୍ଡିତ



ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ସମାରୋହ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଦିଲ୍ଲୀରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେହିପରି ସାନ୍ତାଳୀ ସାହିତ୍ୟ ଓ ଅଲଚିକି ସମ୍ପର୍କରେ ଅନ୍ତଃରାଷ୍ଟ୍ରୀୟସ୍ତରରେ ସେମିନାର ଆୟୋଜନ କରାଯିବ ଏବଂ ଗୁରୁ ଗମ୍‌କେଙ୍କ ସାନ୍ତାଳୀ ସାହିତ୍ୟ ଓ ସାନ୍ତାଳୀ ଅଲଚିକି ପୁସ୍ତକଗୁଡ଼ିକ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ କରିବ ବୋଲି କହିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମାରକୀ ପାଇଁ

**ରଘୁନ ମୁର୍ମୁ ଓ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ସମ୍ମାନିତ**

୫୦କୋଟି ଟଙ୍କାର ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅତିଥିମାନେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଆଧାରିତ ସ୍ମରଣିକା ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ଅଧ୍ୟକ୍ଷ ଚୁନିୟନ ରଘୁନ ମୁର୍ମୁ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କୁ ସମ୍ମାନିତ କରାଯାଇଥିଲା। ସାନ୍ତାଳୀ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବରିଷ୍ଠ ସାନ୍ତାଳୀ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା।

# ଶ୍ରୀମନ୍ଦିରକୁ ସୁରକ୍ଷା ଦେବ 'ରକ୍ଷକ'

ପୁରୀ,୧୨।୫(ସମିସ): ଆହୁରି ସଶକ୍ତ ହେଲା ଶ୍ରୀମନ୍ଦିର ସୁରକ୍ଷା। ପୁରୀରେ ପହଞ୍ଚିଛି ସ୍ପେଶାଲ ଟାକ୍ଟିକାଲ ୟୁନିଟ୍‌ର ରକ୍ଷକ ପ୍ଲସ୍ ଭ୍ୟାନ। ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବ ଏହି ସ୍ୱତନ୍ତ୍ର ବୁଲେଟ୍‌ପ୍ରୁଫ୍ ଭ୍ୟାନ୍। ୨୪ ଘଣ୍ଟିଆ ସୁରକ୍ଷା ଦାୟିତ୍ୱରେ ମୁତୟନ ରହିବ ରକ୍ଷକ। ଏହି ଭ୍ୟାନ୍‌ର ଉପରି ଭାଗରେ ରହିଛନ୍ତି ଲାଇଟ୍ ମେସିନ ଗନ୍‌ଧାରୀ ସଶସ୍ତ୍ର ଟ୍ରେନ୍‌ଡ ଫୋର୍ସ। ଭ୍ୟାନରେ ୮ଜଣ କ୍ରିୟୁ ମେମ୍ବର ରହି ସୁରକ୍ଷା ଦାୟିତ୍ୱରେ ରହିବେ। ଗହଳି, ଯୁଦ୍ଧକାଳୀନ ସ୍ଥିତି ଇତ୍ୟାଦିରେ ନିୟନ୍ତ୍ରଣ ଓ ସୁରକ୍ଷା ଦାୟିତ୍ୱ ବହନ କରିପାରିବ ଏହି ଭ୍ୟାନ୍। କୌଣସି ଆତଙ୍କୀ ହାମ୍‌ଲାକୁ ପ୍ରତିହତ କରିବା ପାଇଁ ସକ୍ଷମ 'ରକ୍ଷକ'। ଏହାକୁ ସ୍ୱତନ୍ତ୍ର ସୁରକ୍ଷା ଡିଜାଇନ୍ କରାଯାଇଛି। ଏକାସାଙ୍ଗରେ ୬ଟି ଗ୍ରେନେଡ ବିସ୍ଫୋରଣ ହେଲେ ବି ଏହା ପ୍ରତିହିତ କରିପାରିବ। ସୋମବାର ପୁଲିସ୍ ଡିଜି ୱାଇ.ବି ଖୁରାନିଆ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ଏହି ସ୍ୱତନ୍ତ୍ର ବୁଲେଟ୍ ପ୍ରୁଫ ଗାଡି 'ରକ୍ଷକ'କୁ ଉଦ୍‌ଘାଟନ କରିଛନ୍ତି।

ସୂଚନାଥାଉ କି, ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏନେଇ ପୂର୍ବରୁ ବହୁବାର ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାନ୍ତି। ସେହିପରି ଛୁଟିଦିନ ଏବଂ ବିଶେଷ ପର୍ବପର୍ବାଣୀରେ ଏହି ସଂଖ୍ୟା ଲକ୍ଷାଧିକ ହୋଇଥାଏ। ତେଣୁ ଶ୍ରୀମନ୍ଦିର ଏବଂ ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ଦରକାର। ଏହା ଏକ ସମ୍ବେଦନଶୀଳ ସ୍ଥାନ ହୋଇଥିବାରୁ ବିଗତ କିଛି ବର୍ଷ ହେବ ଏନ୍‌ଏସ୍‌ଜି ପକ୍ଷରୁ



ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି। ସୁରକ୍ଷାକୁ ନେଇ ଏନ୍‌ଏସ୍‌ଜି ମଧ୍ୟ ରାଜ୍ୟ ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେଇଥାଏ। ଅନ୍ୟପକ୍ଷରେ, ସାମ୍ପ୍ରତିକ ପରିସ୍ଥିତିରେ ଭାରତ-ପାକ୍ ମଧ୍ୟରେ ତିକ୍ତତା ଦେଖାଦେଇଛି। ଏଭଳି ସ୍ଥିତିରେ ଶ୍ରୀମନ୍ଦିର ସୁରକ୍ଷାରେ ଯୁଦ୍ଧାସ୍ତ୍ର ଗାଡ଼ି ନିୟୋଜିତ ହେବା ନିଶ୍ଚିତ ସ୍ୱାଗତଯୋଗ୍ୟ ବୋଲି ଭକ୍ତ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି।

**ଥରିଉଠିଲା ନାଉପାଳଗଡ଼ି**

# ଫାଟିଲା ୯ ଟି ଗ୍ୟାସ୍ ସିଲିଣ୍ଡର୍

ବାଲେଶ୍ୱର, ୧୨।୫ (ସମିସ): ବାଲେଶ୍ୱର ଜିଲ୍ଲା ସମୁଦ୍ର ତଟବର୍ତ୍ତୀ ବଳରାମଗଡ଼ି ଅଞ୍ଚଳ ବେଆଇନ ଦହନଶୀଳ ସାମଗ୍ରୀ କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଆଜି ନାଉପାଳଗଡ଼ିରେ ଗ୍ୟାସ୍ ସିଲିଣ୍ଡର୍ ବିସ୍ଫୋରଣରେ ଭୟାବହ ଅଗ୍ନିକାଣ୍ଡ ପରେ ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗୋଟିଏ ଘରେ ବର୍ଷବର୍ଷ ଧରି ଶତାଧିକ ଗ୍ୟାସ୍ ଟାଙ୍କି ଓ ଡିଜେଲ୍ ରଖାଯାଇ ବେଆଇନ କାରବାର କରାଯାଉଥିଲା। ଜଣେ ପୁଲିସ୍ ହୋମଗାର୍ଡ ଏହି ବେଆଇନ କାରବାର ଚଳାଉଥିଲେ। କିନ୍ତୁ ଏନେଇ ସ୍ଥାନୀୟ ପୁଲିସ କିମ୍ବା ଯୋଗାଣ ବିଭାଗ ପାଖରେ କୌଣସି ଖବର ନଥିବା ଜଣାପଡ଼ିଛି।

ସୋମବାର ସକାଳେ ଗୋଟିକ ପରେ ଗୋଟିଏ ୯ଟି ଗ୍ୟାସ୍ ସିଲିଣ୍ଡର୍ ବିସ୍ଫୋରଣ ହେବାରୁ ବାଲେଶ୍ୱର ବଳରାମଗଡ଼ି ମେରାଇନ୍ ଥାନା ଅଧୀନ ନାଉପାଳଗଡ଼ି ହଠାତ୍ ଥରି ଉଠିଥିଲା। ସିଲିଣ୍ଡର୍ ଥିବା ଦୋକାନ ଘରଟି ସଂପୂର୍ଣ୍ଣ ଚୂରମାର୍ ହୋଇଯିବା ସହ ହୁତୁହୁତୁ ହୋଇ ଜଳିଥିଲା। ଏହି ଦୋକାନରେ ବେଆଇନ ଭାବରେ ୬୦ ଅଧିକ ଗ୍ୟାସ୍ ଟାଙ୍କି ରଖାଯାଇଥିବା ବେଳେ ହଠାତ ନିଆଁ ଲାଗି ବିସ୍ଫୋରଣ ଘଟିଥିଲା। ଉକ୍ତ ଦୋକାନଟି ଏସ୍.କେ ହାଫିଜ ନାମକ ଜଣେ ହୋମଗାର୍ଡଙ୍କ ବୋଲି ଜଣାପଡ଼ିଛି। କେବଳ ଗ୍ୟାସ୍ ସିଲିଣ୍ଡର ନୁହେଁ, ତା' ମଧ୍ୟରେ ବଡ଼ବଡ଼ ଡିଜେଲ ଗ୍ୟାଲନ୍ ମଧ୍ୟ ଦେଖିବାକୁ ମିଳିଛି। ୩ ବର୍ଷରୁ ଅଧିକ ସମୟ ଧରି ସେଠାରେ ଏହି ବେଆଇନ ଭାବେ ଏହି ବ୍ୟବସାୟ ହୋଇ ଆସୁଥିଲା। ମାତ୍ର ଯୋଗାଣ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ହାତ ବାନ୍ଧି ବସିଥିଲା। ଖାଲି ଏହି ଗୋଟିଏ ନୁହେଁ, ଏମିତି ଅନେକ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ଚୋରାରେ ଏହି କାରବାର ଚାଲିଥିବା

**ଅଗ୍ନିକାଣ୍ଡରେ ଛାରଖାର ହୋଇଗଲା ଗୋଦାମ**

**ବେଆଇନ କାରବାର ଚଳାଉଥିଲେ ଗୃହରକ୍ଷୀ**



ଅଭିଯୋଗ ହୋଇଛି। ତେଣୁ, ପୁଲିସ୍ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ପୂର୍ବତନ ସରପଞ୍ଚ ତପନ କୁମାର ଜେନା ପ୍ରମୁଖ ଦାବି କରିଛନ୍ତି। ବିସ୍ଫୋରଣ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ କର୍ମଚାରୀ ଅଫୁଟା ଗ୍ୟାସ ସିଲିଣ୍ଡର ଗୋଟିଏ ପରେ ଗୋଟିଏ ବାହାର କରି ସୁରକ୍ଷିତ ସ୍ଥାନରେ ରଖିଥିଲେ। ବଡ଼ କଥା ହେଲା, ବଳରାମଗଡ଼ି ମେରାଇନ୍ ଥାନାଠାରୁ ମାତ୍ର ୧ କି.ମି ଭିତରେ ଏହି ଚୋରା ବ୍ୟବସାୟ ଚାଲୁଥିବା ବେଳେ ପୁଲିସ୍ ଅଧିକାରୀଙ୍କ କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି। ଏନେଇ ସ୍ଥାନୀୟ ଆଇଆଇସି ନରେନ୍ଦ୍ର କୁମାର ପାଲ ଏହି ବେଆଇନ କାରବାର ବାବଦରେ କିଛି ଜାଣିନାହାନ୍ତି, କେବଳ ଖବର ପାଇ ଆସିଛନ୍ତି ବୋଲି କହିଥିଲେ।

# ୪ ମୁଣ୍ଡ ନେଲେ ରକ୍ତମୁଖା ମାଓବାଦୀ

ମାଲକାନଗିରି, ୧୨।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀମାନେ ପୁଣି ରକ୍ତମୁଖା ହୋଇଉଠିଛନ୍ତି। ଗୋଟିଏ ଦିନରେ ୪ ଜଣଙ୍କୁ ଅତି ବର୍ବରୋଚିତ ଭାବେ ହତ୍ୟା କରିଛନ୍ତି। କରେଗୁଟା ମାଓଦମନ ଅପରେସନ୍ ଶେଷ ହେବାର ଦିନକ ପରେ ପୁଲିସ୍ ସୂଚନାଦାତା ସନ୍ଦେହରେ ଉସୁର ଓ ପାମେଡ ଅଞ୍ଚଳରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ କଂଗ୍ରେସ କର୍ମୀ, ଜଣେ ଶିକ୍ଷାଦୂତ, ବିଦ୍ୟାଳୟର ରୋଷେୟା ଓ ଜଣେ ଗ୍ରାମବାସୀ ରହିଛନ୍ତି। ମୃତ କଂଗ୍ରେସ କର୍ମୀ ହେଲେ ନାଗା ଭଣ୍ଡାରୀ। ସେ କୌଣସି କାର୍ଯ୍ୟରେ

**ମୃତକଙ୍କ ମଧ୍ୟରେ ଜଣେ କଂଗ୍ରେସ କର୍ମୀ**

ସହରକୁ ଯାଇ ଫେରୁଥିବା ବେଳେ ତାଙ୍କ ଘରଠାରୁ ଅଳ୍ପଦୂରରେ ଲୁଚି ରହିଥିବା ମାଓବାଦୀମାନେ ତାଙ୍କୁ ଆକ୍ରମଣ କରି ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲେ। ପରେ ତାଙ୍କ ମୃତଦେହକୁ ଘଟଣାସ୍ଥଳରେ ଛାଡ଼ି ପଳାଇଥିଲେ। ଗତ ୨୦୨୪ ଅକ୍ଟୋବରରେ ନାଗା ଭଣ୍ଡାରୀଙ୍କ ବଡ଼ଭାଇ ତିରୁପତି ଭଣ୍ଡାରୀଙ୍କୁ ମଧ୍ୟ ଉସୁର ନିକଟରେ ସ୍ପଷ୍ଟ ଦିବାଲୋକରେ ମାଓବାଦୀମାନେ ହତ୍ୟା କରିଥିଲେ।

ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସେହିପରି ପାମେଡ ଅଞ୍ଚଳରେ ମଧ୍ୟ ମାଓବାଦୀମାନେ ଛତିଶଗଡ଼ ଶିକ୍ଷା ବିଭାଗର ଜଣେ ଶିକ୍ଷାଦୂତଙ୍କ ସହ ଜଣେ ରୋଷେୟା ଓ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ତେବେ ଏନେଇ ପୁଲିସ୍ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳି ଯାଇଛି।

**ରାଜ୍ୟର ସାମୁଦ୍ରିକ ଉପକୂଳ ମୁକୁଳା**

# ଥାନା ଜଗିବାକୁ ନାହାନ୍ତି କର୍ମଚାରୀ

ଭୁବନେଶ୍ୱର,୧୨।୫(ସମିସ): ଭାରତ ଏବଂ ପାକିସ୍ତାନ ମଧ୍ୟରେ ତିକ୍ତତା ବଢିବା ପରେ ଜଳପଥକୁ ଅଧିକ ଗୁରୁତ୍ୱ ଦିଆଯାଉଛି; କିନ୍ତୁ ଓଡ଼ିଶା ଉପକୂଳବର୍ତ୍ତି ଥାନା ଗୁଡିକରେ ଆବଶ୍ୟକୀୟ କର୍ମଚାରୀ ଅଭାବ ଏ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି। ୧୮ଟି ସାମୁଦ୍ରିକ ଥାନା ପାଇଁ ୧୦୦୮ ଟି ବିଭିନ୍ନ ବର୍ଗର ମଞ୍ଜୁରୀପ୍ରାପ୍ତ ପୁଲିସ୍ କର୍ମଚାରୀ ଥିବାବେଳେ ଏହିସବୁ ପଦବୀରେ ଅଛନ୍ତି ମାତ୍ର ୩୧୨ ଜଣ। ରାଜ୍ୟର ୪୮୦ କିଲୋମିଟର ସମୁଦ୍ର ଉପକୂଳକୁ ଜଗିବାପାଇଁ ସରକାର ୧୮ଟି ସାମୁଦ୍ରିକ ଥାନା ରହିଛି। ଏଗୁଡିକ ମଧ୍ୟର ବାଲେଶ୍ୱରରେ ୩ଟି, ଭଦ୍ରକରେ ୪ଟି, କେନ୍ଦ୍ରାପଡାରେ ୩ଟି, ଜଗତସିଂହପୁରରେ ୩ଟି, ପୁରୀରେ ୪ଟି, ଗଞ୍ଜାମ ଓ ବ୍ରହ୍ମପୁରରେ ଗୋଟିଏ କରି ଥାନା ସ୍ଥାପନ ହୋଇଛି। ଏହିସବୁ ଥାନା ପାଇଁ ଥିବା ମୋଟ୍ ୧୦୦୮ ପଦବୀ ମଞ୍ଜୁର ହୋଇଛି। ଏହା ମଧ୍ୟରେ ୧୮ ଟି ଇନ୍ସପେକ୍ଟର ପଦ ଥିବାବେଳେ ଏଥିରେ ୧୫ଜଣ କାର୍ଯ୍ୟରତ ଅଛନ୍ତି। ବାଲେଶ୍ୱରର କଷାଫଳ,ଭଦ୍ରକର ଧାମରା ଓ ବ୍ରହ୍ମପୁରର ସୋନାପୁର ସାମୁଦ୍ରିକ ଥାନାରେ ଇନ୍ସପେକ୍ଟର ନାହାନ୍ତି। ସେହିଭଳି ୫୪ଟି ଏସଆଇ ପଦବୀରେ ମାତ୍ର ୯ ଜଣଙ୍କୁ ନିଯୁକ୍ତି ମିଳିଛି ଓ ୫୪ ଏଏସଆଇ ପଦରୁ ୨୮ଟି ଖାଲି ପଡ଼ିଛି। ୧୪୪ଟି ହାବିଲଦାର ପଦ ଥିବାବେଳେ ମାତ୍ର ୧୬ ଜଣ ନିଯୁକ୍ତି ପାଇଛନ୍ତି ଓ ୪୩୨ କନଷ୍ଟେବଲ ପଦ ମଧ୍ୟରୁ ୧୧୩ଟି ପୂରଣ ହୋଇଛି। ୩୬ଟି ଡ୍ରାଇଭର ପଦରୁ ୩୧ଟି ଖାଲି ପଡ଼ିଛି । ୨୭୦ଟି ଗୃହରକ୍ଷୀ ପଦବୀ ଥିବାବେଳେ ଏଥିରେ ୧୨୮ଜଣ କାର୍ଯ୍ୟ କରୁଛନ୍ତି। ସାମୁଦ୍ରିକଥାନାରେ ଏଠାରେ ୨୮୦ଟି ବୈଷୟିକ ପଦ ପଦବୀ ରହିଛି, ମାତ୍ର ଏଠାରେ କାର୍ଯ୍ୟ କରୁଛନ୍ତି ମାତ୍ର ୯୦।

ସରକାର ଏହିସବୁ ସାମୁଦ୍ରିକ ଥାନାକୁ ୧୮ଟି ଚାରିଚକିଆ, ୩୬ଟି ଦୁଇଚକିଆ ଯାନ ସମେତ ୧୨ଟନ୍ କ୍ଷମତା ବିଶିଷ୍ଟ ୧୦ଟି ବୋଟ୍ ଓ ୫ଟନ୍ କ୍ଷମତା ବିଶିଷ୍ଟ ୫ଟି ବୋଟ୍ ଯୋଗାଇଛନ୍ତି। ଏଥି ସହିତ ସାମୁଦ୍ରିକ ଥାନାଗୁଡିକୁ ନାଇଟ୍ ଭିଜନ ଡିଭାଇସ୍, ଡିଜିଟାଲ କ୍ୟାମେରା, ଏଲଇଡି ସର୍ଚ୍ଚ ଲାଇଟ୍, ଡିଜିଟାଲ ଫଟୋ କପିୟର, କମ୍ପାସ,

**୧୦୦୮ ସ୍ଥାନରେ ଅଛନ୍ତି ମାତ୍ର ୩୧୨**

ଭଏସ ରେକର୍ଡର, ଏଲଇଡି ଟର୍ଚ୍ଚ ଲାଇଟ୍, ବୋଟ୍ ପାଇଁ ଏଚଏମଏମ୍ ସହିତ ଦୂରବୀକ୍ଷଣ ଯନ୍ତ୍ର ଆଦି ଯୋଗାଇ ଦିଆଯାଇଛି। ତେବେ କର୍ମଚାରୀ ସଙ୍କଟ ଯୋଗୁଁ ତଟ ସୁରକ୍ଷା ପାଇଁ ଯେଭଳି ପଇଁତରା ମାରିବା ସହିତ ଅନ୍ୟାନ୍ୟ ପଦକ୍ଷେପ ନିଆଯିବା କଥା ତାହା ହୋଇପାରୁ ନାହିଁ। ଗାଡି ଓ ବୋଟ୍ ଚଳାଇବାକୁ ଚାଳକ ନ ଥିବାବେଳେ ଅନ୍ୟାନ୍ୟ ସରଞ୍ଜାମ ବ୍ୟବହାର ବି ହୋଇପାରୁ ନାହିଁ। ତେଣୁ ଯେଉଁ ଉଦ୍ଦେଶ୍ୟ ନେଇ ଉପକୂଳଥାନା ଗଠନ ହୋଇଥିଲା ତାହା ଏବେ ସଫଳ ହୋଇପାରୁନି। ଯେତେବେଳେ କିଛି ଅଘଟଣ ଘଟୁଛି ତେବେ ମେରାଇନ୍ ଥାନା ପୁଲିସ ଚେଇଁ ଉଠୁଛି। ଅନ୍ୟ ଦିନମାନଙ୍କରେ ଉପକୂଳ ଫାଙ୍କା ଓ ପୁଲିସ ବେଧଡ଼ କ।

# ରାଜ୍ୟର ହଟ୍ ସିଟି ସମ୍ବଲପୁର





ସମ୍ବଲପୁର, ୧୨।୫(ସମିସ)

ରାଜ୍ୟର ହଟ ସିଟି ସମ୍ବଲପୁର।୨ ଦିନ ହେଲାଣି ରାଜ୍ୟରେ ଉତ୍ତପ୍ତ ସହର ଭାବେ ସମ୍ବଲପୁର ରେକର୍ଡ ବଜାଇ ରଖିଛି। କେବଳ ସମ୍ବଲପୁରରେ ତାପମାତ୍ରା ଅଧିକ ନୁହେ। ପଶ୍ଚିମ ଓଡ଼ିଶାର ସମସ୍ତ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଯାହାର ପ୍ରଭାବ ଧନଜୀବନ ଉପରେ ପକାଇଛି। ରବିବାର ତାପମାତ୍ରା ୪୩.୨ ଡିଗ୍ରୀ ରହିଥିବା ବେଳେ ସୋମବାର ଦିନ ଏହା ତଳକୁ ଖସି ୪୨.୯ ଡିଗ୍ରୀରେ ପହଞ୍ଚିଛି। ପାରଦରେ ତାପମାତ୍ରା ତଳକୁ ଖସିଛି, କିନ୍ତୁ ବାସ୍ତବରେ ଲୋକ ତତଲା କଡେଇରେ ଭାଜି ହେଲା ପରି ଅନୁଭବ କରୁଛନ୍ତି। ଟିହିଟିହିଆ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି। ଶୂନଶାନ ସହର ଆଉ ସବୁଠି ଖରାର ରାଜୁତି। ଡହଡହ ଖରାର ଜ୍ୱାଳାରେ ପୋଡି ହୋଇଯାଉଛି ଦେହ, ମୁଣ୍ଡଫଟା ତାତି ପାଇଁ ତ୍ରାହି ତ୍ରାହି ଡାକୁଛି ମଣିଷ। ସକାଳ ୮ଟା ହେଲେ ଘରୁ ବାହାରିବାକୁ ସମ୍ବଲପୁରବାସୀ ଚିନ୍ତା ପ୍ରକଟ କରୁଛନ୍ତି। ପ୍ରଚଣ୍ଡ ତାତିରେ ଜଳୁଛି ସାରା ଓଡ଼ିଶା। ଡ଼ହଡ଼ହ ଖରାରେ

**କ୍ରମାଗତ ୨ ଦିନ ଧରି ରେକର୍ଡ**

**ପଶ୍ଚିମ ଓଡ଼ିଶାର ସମସ୍ତ ସ୍ଥାନରେ ତାପମାତ୍ରା ୪୦ ଉପରେ**

ସନ୍ତୁଳି ହେଉଛନ୍ତି ଲୋକେ। ଝାଞ୍ଜି ପବନ ସାଙ୍ଗକୁ ଗୁଳଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜୀବନ ଯାତ୍ରା। ଆକାଶରୁ ହେଉଛି ଅଗ୍ନିବର୍ଷା।

ସେହିପରି ପ୍ରଚଣ୍ଡ ତାତିରେ ଜଳୁଛି ପଶ୍ଚିମ ଓଡ଼ିଶା। ପ୍ରତି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ପାର କରିଛି। ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ସ୍ଥାନ ଝାରସୁଗୁଡ଼ା ୪୨.୨, ହୀରାକୁଦ ୪୨.୪, ଭବନୀପାଟଣା ୪୧.୬, ବଲାଙ୍ଗୀର ୪୨.୧, ଟିଟିଲାଗଡ଼ ୪୨, ମାଲକାନଗିରି ୩୯.୫, ସୋନପୁର ୪୧.୫, ବୌଦ୍ଧ ୪୨, ବରଗଡ଼ ୪୧.୨, ନୂଆପଡ଼ା ୪୧, ରାଉରକେଲା ୪୦.୬ ତାପମାତ୍ରା ରହିଛି। ସହର ସାରା ଅଘୋଷିତ କର୍ଫ୍ୟୁ ହେଲା ଭଳି ମନେ ହେଉଛି। ରାସ୍ତାଘାଟ ସବୁ ଶୂନସାନ ହେଇଯାଉଛି। ଜରୁରୀ କାମରେ ଆସୁଥିବା ଲୋକେ ଗଛ ତଳେ ଆଶ୍ରୟ ନେଉଛନ୍ତି। ଏବେ ଏଭଳି ପରିସ୍ଥିତି ଦେଖି ଆଗକୁ ଆହୁରି କଣ ହେବ ସେ ନେଇ ଚିନ୍ତାରେ ସହରବାସୀ।

ମଧ୍ୟାହ୍ନ ଓ ଅପରାହ୍ନରେ ଏତେ ଟାଣ ଖରା ହେଉଛି ଯେ ବାହାରକୁ ବାହାରିଲେ ଦେହ ମୁହଁ ପୋଡିଗଲା ପରି ଲାଗୁଛି। ଆକାଶରୁ ବର୍ଷୁଥିବା ନିଆଁହୁଲାରୁ ମଣିଷ ନିସ୍ତାର ପାଇବା ପାଇଁ କିଏ ପାଣିର ସାହାରା ନେଉଛି ତ କିଏ ଲସିର ଆଉ କିଏ ମୃଦୁ୍ୟପାନୀୟର। ରାସ୍ତାଘାଟ ଖାଁଖାଁ ଲାଗୁଥିବା ପୂର୍ବରୁ ଜନଗହଳି ରହୁଥିବା ବସ୍‌ଷ୍ଟାଣ୍ଡ, ଅନ୍ୟଛକ ଗୁଡିକରେ ମଧ୍ୟ ଆଗଭଳି ଭିଡ ଦେଖିବାକୁ ମିଳୁନାହିଁ। ବ୍ୟାପକମାତ୍ରାରେ ଗଛ କାଟିବା, ଜଙ୍ଗଲ ନଷ୍ଟ କରିବା ଆଦି ତାପମାତ୍ରା ବୃଦ୍ଧି ହେବାର ପ୍ରମୁଖ କାରଣ ବୋଲି ପରିବେଶବୀତମାନେ ଅଭିଯୋଗ କରିଛନ୍ତି। ବିକାଶ ଆଳରେ ବ୍ୟାପକ ପରିମାଣର ଗଛ କାଟି ସବୁ ନଷ୍ଟ କରାଯାଉଛି। ଜଙ୍ଗଲ ନଷ୍ଟ କରି ଖଣି ତିଆରି ହେଉଛି। ଯେତେ ପରିମାଣରେ ଗଛ କଟାଯାଉଛି, ସେତିକି ପରିମାଣର ଜଙ୍ଗଲ ତିଆରି କରାଯାଉ ନାହି। ଏହାର ସିଧା ସଳଖ ପ୍ରଭାବ ସମସ୍ତଙ୍କ ଉପରେ ପଡୁଛି। କେବଳ ଯେ ମଣିଷ ଗରମରେ ସିଝୁ ନାହିଁ। ପଶୁପକ୍ଷୀ ସମସ୍ତେ ଏ ତତଲା ଖରାରେ ଛଟପଟ ହେଉଛନ୍ତି। ଜଙ୍ଗଲ ନଷ୍ଟର ପ୍ରଭାବରେ ପ୍ରତିବର୍ଷ ହାରାହାରି ତାପମାତ୍ରା ପ୍ରାୟ ୨/୩ ଡିଗ୍ରୀ ବଢୁଛି।

## ଅଶ୍ଳୀଳ ଭିଡ଼ିଓ ଭାଇରାଲ କରି ଯୁବକ ଗିରଫ

**ରେଢ଼ାଖୋଲ, ୧୨।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳର ଜଣେ ନାବାଳିକାର ଅଶ୍ଳୀଳ ଭିଡ଼ିଓ ଭାଇରାଲ କରିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି ରେଢ଼ାଖୋଲ ପୁଲିସ। ଅଭିଯୁକ୍ତ ଯୁବକ ଜଣଙ୍କ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ କିସିଣ୍ଡା ଥାନା ଅଧୀନ ସୋଡ଼ଗ୍ରାମର ବାସିନ୍ଦା ମନୋଜ କୁମାର ପ୍ରଧାନ(୨୪)। ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକ ଜଣଙ୍କ ମିଥ୍ୟା ପ୍ରଲୋଭନ ଦେଖାଇ ସୋସିଆଲ ମିଡିଆରେ ନାବାଳିକା ଅଶ୍ଳୀଳ ଭିଡ଼ିଓ ଭାଇରାଲ କରି ଦେଇଥିଲେ। ଏହା ଜାଣିବା ପରେ ପରିବାର ଲୋକ ଉକ୍ତ ଯୁବକ ମନୋଜକୁ ଭିଡିଓ ଭାଇରାଲ ନ କରିବା ପାଇଁ କହିବାରୁ ଯୁବକ ଜଣଙ୍କ ଉତ୍ତେଜିତ ହୋଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିବା ପାଇଁ ଧମକ ଦେଇଥିଲେ।ନାବାଳିକା ଝିଅକୁ ଫୋନ୍ କରି ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲେ। ଏଥିରେ ପରିବାର ଲୋକ ରେଢ଼ାଖୋଲ ଥାନାକୁ ଯାଇ ଗତ ମାର୍ଚ୍ଚ ୧୮ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ କେସ ନଂ ୭୩/୨୫ ପୋକସ୍କୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଉକ୍ତ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ବହୁ ତନାଖନା ପରେ ସମ୍ବଲପୁର ଅଞ୍ଚଳରେ ଯୁବକ ରହୁଥିବା ବେଳେ ପୁଲିସ ଯାଇ ଉକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ କହିଛନ୍ତି।

## ବୈଦିକ ଡିଗ୍ରୀ କଲେଜକୁ ସ୍କିଲ୍ ଡେଭଲପମେଣ୍ଟ ଲିଡରସିପ୍ ପୁରସ୍କାର




**ସମ୍ବଲପୁର, ୧୨।୫(ସମିସ):** ବୈଦିକ ଡିଗ୍ରୀ କଲେଜକୁ ସ୍କିଲ ଡେଭଲମେଣ୍ଟ କ୍ଷେତ୍ରରେ ପାରିଦର୍ଶିତା ପାଇଁ ମିଳିଛି ପୁରସ୍କାର। ଭୁବେନେଶ୍ୱରରେ ଆୟୋଜିତ ଓଡ଼ିଶା ଲିଡରସିପ୍ ଆୱାର୍ଡ କାର୍ଯ୍ୟକ୍ରମ ଗତ ୭ ତାରିଖ ଉଦଯାପିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ସମ୍ବଲପୁର ଶାସନ ପାବପାଲିସ୍ଥିତ ବୈଦିକ ଡିଗ୍ରୀ କଲେଜ ପୁରସ୍କୃତ ହୋଇଥିଲା। ବୈଦିକ ଡିଗ୍ରୀ କଲେଜ ଅଧକ୍ଷା ଡ. ଶ୍ୱେତା ମିଶ୍ର ଉପସ୍ଥିତ ରହି 'ସ୍କିଲ ଡେଭଲପମେଣ୍ଟ ଲିଡରସିପ ଆୱାର୍ଡ' ଗ୍ରହଣ କରିଥିଲେ। ଶିକ୍ଷା କ୍ଷେତ୍ରରେ ନୂତନ ଅନୁସନ୍ଧାନ କୌଶଳାତ୍ମକ ଶିକ୍ଷାଦାନ ପଦ୍ଧତିରେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସଫଳତା ଅନୁଷ୍ଠାନର ମୂଳଲକ୍ଷ୍ୟ। ପଶ୍ଚିମ ଓଡ଼ିଶାରୁ ଶିକ୍ଷା କ୍ଷେତ୍ରରେ ଏହି ପରି ପ୍ରୟାସ ଓ ସଫଳତା ବାସ୍ତବରେ ଗର୍ବ ଓ ଗୌରବର ବିଷୟ ବୋଲି କଲେଜ ପକ୍ଷରୁ କୁହାଯାଇଛି। ଶିକ୍ଷା ହିଁ ସମାଜର ମେରୁଦଣ୍ଡ, ଶିକ୍ଷା କ୍ଷେତ୍ରରେ କୌଶଳ ପ୍ରୟୋଗ କରି ନୂତନ ଯୁବକ ଯୁବତୀଙ୍କ ମନରେ ଆଶା ଓ ଉଦ୍ଧିପନା ସୃଷ୍ଟି କରିବା ଏହି ଅନୁଷ୍ଠାନର ଏକମାତ୍ର ଲକ୍ଷ୍ୟ। ଏହି ଆୱାର୍ଡ ସମସ୍ତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକାଙ୍କୁ କୌଶଳାତ୍ମକ ଶିକ୍ଷାଦାନର ନୂତନ ପ୍ରେରଣା ଯୋଗାଇବ।

## ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ




**ସମ୍ବଲପୁର, ୧୨।୫(ସମିସ):** ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଭୀମଭୋଇଙ୍କ ରଚନାରେ ବିଶ୍ୱ କଲ୍ୟାଣ ସନ୍ଦେଶ ରହିତ ଅଛି। ସେଥିପାଇଁ ତାଙ୍କ ରଚିତ ବିଖ୍ୟାତ ପଂକ୍ତି ମିଳିତ ଜାତିସଂଘର କାନ୍ଥରେ ଲେଖା ହୋଇଛି। ସଭାପତି ଡ ଦାନୀ ସନ୍ଥ କବି ଏକାଧାରରେ ସମାଜ ସଂସ୍କାରକ, ଦାର୍ଶନିକ, ବିପ୍ଳବୀ, ବ୍ରହ୍ମଦର୍ଶୀ ଯୁଗଜନ୍ମା ପରମ ଯୋଗୀ ଥିଲେ ବୋଲି କହିଥିଲେ। ଆଲୋଚକ ଅଖିଳ ବିଶ୍ୱାଳ, ପ୍ରାଧାପକ, ମହିଳା ମହାବିଦ୍ୟାଳୟ, ସମ୍ବଲପୁର ଭୀମଭୋଇଙ୍କ ରଚନାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମହିମା ଧର୍ମର ଗୁରୁତ୍ୱକୁ ପ୍ରକାଶ କରିଛନ୍ତି। ସମ୍ବଲପୁରର କଥିତ ଭାଷା ବ୍ୟବହାର କରି ବିଶ୍ୱକୁ ଭାତୃତ୍ୱର ପ୍ରେରଣା ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ସ୍ୱାଗତ ମହାପାତ୍ରଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାନପତ୍ର ପାଠ କରିଥିଲେ ଡ ସତ୍ୟନାରାୟଣ ଠାକୁର। ସନ୍ଥ କବି ଭୀମଭୋଇ ରଚିତ ମହିମା ସଙ୍ଗୀତ ତ୍ରିଲୋଚନ ତ୍ରିପାଠୀ, କମଳ ଲୋଚନ ପଣ୍ଡା ଓ ସ୍ୱାଗତ ମହାପାତ୍ର ପରିବେଷଣ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଲଳିତ ମୋହନ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବଶ୍ରୀ ଅଖିଳ ରଞ୍ଜନ ପଟ୍ଟନାୟକ, କୈଳାଶ ମିସ୍ତ୍ରୀ, କୃଷ୍ଣଚନ୍ଦ୍ର ବାଗ, ଅଶୋକ ମିଶ୍ର ଓ ଶିବ ଶଙ୍କର ଷଡଙ୍ଗୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



**କୁଚିଣ୍ଡା, ୧୨।୫(ସମିସ):** ଗୌତମ ବୁଦ୍ଧଙ୍କ ଜନ୍ମ ଦିନ ଅବସରରେ କୁଚିଣ୍ଡା ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ ୩ ପଞ୍ଚମୁଖୀ ଛକରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଅନୁସୂଚିତଜାତି ଓ ଜନଜାତି ପକ୍ଷରୁ ସଂଗଠନର ସଭାପତି ଗଜେନ୍ଦ୍ର ଭୋଇ, ସମ୍ପାଦକ ମନୋରଞ୍ଜନ ଭୋଇ, ପ୍ରଶନ୍ନ ପ୍ରଧାନ, ଟୁନା ମହାନନ୍ଦ, ଲିଙ୍ଗରାଜ ବାଘ, କୋଷାଧକ୍ଷ ଶୁଶିଲ କୁମାର କିସାନ, ଚନ୍ଦ୍ରମଣି ମାଝୀ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ, କାରଣ ଅସ୍ପଷ୍ଟ

**ସମ୍ବଲପୁର, ୧୨।୫(ସମିସ):** ବରେଇପାଲି ଛକ ଏକ ଘରୁ ଯୁଗଲ ନାଗ(୨୮)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ସୋମବାର ସନ୍ଧ୍ୟାରେ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିବା ପରେ ପରିବାର ଲୋକେ ବରେଇପାଲି ଥାନାକୁ ଖବର ଦେଇଥିଲେ। ଘରେ କେହି ନଥିବା ସମୟରେ ସେ ବେକରେ ରଶି ଲଗାଇ ଝୁଲି ପଡିଥିଲେ। ତାଙ୍କ ଭାଇ ପ୍ରଥମେ ଦେଖି ସମସ୍ତଙ୍କୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଛି। ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଆତ୍ମହତ୍ୟାର କାରଣ ଜଣାପଡିନଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ତେଜିଲା ନୂତନ ପଞ୍ଚାୟତ ଗଠନ ଦାବି

## ମନ୍ତ୍ରୀଙ୍କୁ ଭେଟି ୬ ଗାଁ ଲୋକ ଜଣାଇଲେ ଦାବି

**ଜମନକିରା, ୧୨।୫ (ସମିସ):** ଜମନକିରା ବ୍ଲକ ଜମନକିରା ପଞ୍ଚାୟତ ଅନ୍ତର୍ଗତ ତୁଲୁବ, ସାନଲଙ୍ଗାବାହାଲ, ସର୍ବେଜାଲ, ଦୁର୍ଗାଡିହି, ଟାଙ୍ଗରମାଲ ଏବଂ ଟିକିଲିପଡ଼ା ପଞ୍ଚାୟତର ଛତାବରକୁ ମିଶାଇ ୬ଟି ଗାଁ ଲୋକ ପଞ୍ଚାୟତ କାର୍ଯ୍ୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୌଗୋଳିକ ଦୃଷ୍ଟିରୁ ୬ ଟି ଗାଁକୁ ନେଇ ନୂତନ ପଞ୍ଚାୟତ ଗଠନ କରାଯିବାକୁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ପ୍ରଦାନ କରିଛନ୍ତି। ଦାବିରେ ଉଲ୍ଲେଖ କରିଛନ୍ତି ଯେ, ଜମନକିରା ପଞ୍ଚାୟତର ୧, ୨ ନଂ ୱାର୍ଡ଼ ତୁଲୁବ୍, ୩ ନଂ ୱାର୍ଡ଼ ସର୍ବେଜାଲ୍, ୧୫ ନଂ ୱାର୍ଡ଼ରେ ସାନଲଙ୍ଗାବାହାଲ ଏବଂ ଟିକିଲିପଡ଼ା ପଞ୍ଚାୟତର ୪ ନଂ ୱାର୍ଡ଼ରେ ଛତାବର ଗାଁର ମୋଟ ଜନସଂଖ୍ୟା ୪୦୧୨ ଜଣ ଏବଂ ୨୦୪୧ ଜଣ ଭୋଟର ରହିଛନ୍ତି। ପ୍ରତି ପଞ୍ଚାୟତକୁ ଯାତାୟାତ ପାଇଁ ଦୂରତା ଏକ ମାପଦଣ୍ଡ ହୋଇଥିବା ବେଳେ ଜମନକିରା ପଞ୍ଚାୟତ କାର୍ଯ୍ୟାଳୟରୁ ତୁଲୁବ୍, ଟାଙ୍ଗରମାଲ୍ ଓ ଦୁର୍ଗାଡିହି ଗାଁ ୪ କିମି, ସର୍ବେଜାଲ ଓ ସାନବାହାଲ ଗାଁକୁ ୫ କିମି ଦୂରତା ଥିବା ବେଳେ ଛତାବର୍ ଗାଁ ଠାରୁ ଟିକିଲିପଡ଼ା ପଞ୍ଚାୟତ ଅଫିସକୁ ଦୂରତା ୮ କିମି ରାସ୍ତା ହେବ। ସରକାରୀ ନିୟମ ଅନୁଯାୟୀ, ବିଭିନ୍ନ ଯୋଜନାରେ ସାମିଲ ଥିବା ଲୋକଙ୍କୁ ପଞ୍ଚାୟତ ଅଫିସ ଠାରେ ଚାଉଳ ଦିଆଯାଉଛି। ବିପିଏଲ ଶ୍ରେଣୀର ଗରିବ ହିତାଧିକାରୀ ପଞ୍ଚାୟତ ଅଫିସକୁ ସକାଳୁ ବାହାରି ଯାଉଥିବା ବେଳେ ଭିଡ ଭିତରେ ଲାଇନ୍‌ରେ ଠିଆ ହୋଇ ଚାଉଳ ପାଇବା ପରେ ସଂଧ୍ୟାରେ ଘରକୁ ଫେରୁଛନ୍ତି। ଶାରୀରିକ ଦୁର୍ବଳ ଅସୁସ୍ଥ ବ୍ୟକ୍ତି ଏତେ ବାଟ ଯାଇ ଚାଉଳ ସଂଗ୍ରହ କରି ଫେରିବା କାଠିକର ପାଠ। ଯେଉଁ କାରଣରୁ ଅନ୍ୟ ଜଣେ ସହଯୋଗୀଙ୍କୁ ସଙ୍ଗରେ ନେଇଯାନ୍ତି। ଏହା ୫ଟି ଗାଁ ପାଇଁ ବଡ଼ ସମସ୍ୟା ପାଲଟିଛି। ଏତେ ରାସ୍ତା ଅତିକ୍ରମ କରି ବୃଦ୍ଧ ବୃଦ୍ଧା, ଶାରୀରିକ ବିକଳାଙ୍ଗ, ଅସହାୟମାନେ ପଞ୍ଚାୟତ ଅଫିସକୁ ଯାଇ ଭତ୍ତା ଆଣିବା ଅକ୍ଷମ ଅଟନ୍ତି। ଏମାନେ ବାଧ ହୋଇ ଭଡ଼ା ଗାଡ଼ି କରି ପଞ୍ଚାୟତ ଅଫିସକୁ ଭତ୍ତା ଆଣିବାକୁ ଯାଉଛନ୍ତି। ଫଳରେ ଭତ୍ତା ବାବଦକୁ ମିଳୁଥିବା ଥିବା ଅଧା ଟଙ୍କା ଗାଡ଼ି ଖର୍ଚ୍ଚରେ ଯାଉଛି। ଅନ୍ୟପଟେ ଜମନକିରା ପଞ୍ଚାୟତ ୧୫ଟି ୱାର୍ଡ଼କୁ ନେଇ ଗଠିତ ଏକ ବଡ଼ ପଞ୍ଚାୟତ ହୋଇଥିବା ବେଳେ ସାଧାରଣ କାର୍ଯ୍ୟରେ ପଞ୍ଚାୟତ ଅଫିସରେ ଲୋକଙ୍କ ଗହଳି ଲାଗୁଛି। ସେହିପରି ଟିକିଲିପଡ଼ା ପଞ୍ଚାୟତ ଅଫିସ ଠାରୁ ୮ କିମି ଦୂରତାରେ ଅବସ୍ଥିତ ଛତାବର୍ ଗାଁ ଲୋକ ଅଧା କିମି ଜାତୀୟ ରାଜପଥ ଅତିକ୍ରମ କରି ପଞ୍ଚାୟତ ଅଫିସ୍‌କୁ ପହଞ୍ଚି ଘଣ୍ଟା ଘଣ୍ଟା ଧରି ବିଭିନ୍ନ କାମ ପାଇଁ ଅପେକ୍ଷା କରିବାକୁ ପଡୁଛି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟିଥିବାର ନଜିର ରହିଛି। ତେଣୁ ଭୌଗୋଳିକ ଦୃଷ୍ଟି କୋଣରୁ ନୂତନ ପଞ୍ଚାୟତ ଗଠନ ପାଇଁ ସମସ୍ତ ଆନୁସଙ୍ଗିକ ସୁବିଧା ଥିବାରୁ ଏହି ୬ଟି ଗାଁକୁ ନେଇ ନୂତନ ପଞ୍ଚାୟତ ଗଠନ କରାଯିବାକୁ ଦାବି କରାଯାଇଛି।ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ବେଳେ ପଞ୍ଚାନନ ପ୍ରଧାନ, ରାଜୀବ ନାୟକ, ସୁରେଶ ପଟେଲ, ସୁଶୀଲ କୁମାର ନାଏକ, ପ୍ରେମାନନ୍ଦ ଦେହୁରୀ, ବିଜୟ ଭୋଇ, ରାଧେଶ୍ୟାମ ନାଏକ, ବିଶ୍ୱନାଥ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



## ଚିକିତ୍ସକ ଗୁଣସାଗରଙ୍କୁ ନୃସିଂହରାଜଗୁରୁ ସମ୍ମାନ

**ସମ୍ବଲପୁର, ୧୨।୫(ସମିସ):** ସମ୍ବଲପୁରର ଚକ୍ଷୁ ଚିକିତ୍ସକ ପ୍ରଫେସର ଡାକ୍ତର ଗୁଣସାଗର ଦାଶଙ୍କୁ ନୃସିଂହ ରାଜଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଗୁଳ ଠାରେ ମହାରାଜ ସୋମନାଥ ସିଂହ ଜଗଦେବ ସ୍ମୃତି କମିଟି ଆନୁକୂଲ୍ୟରେ କବିଚନ୍ଦ୍ରଲାଟ ନୃସିଂହ ରାଜଗୁରୁଙ୍କ ଜୟନ୍ତୀ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଚିକିତ୍ସକ ଡାକ୍ତର ଦାଶଙ୍କୁ ସାମଗ୍ରିକ ସାହିତ୍ୟ କୃତି ତଥା ଉତ୍ସର୍ଗୀକୃତ ସମାଜ ସେବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି।



## ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



**ରେଢ଼ାଖୋଲ, ୧୨।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲସହର ସ୍ଥାନୀୟ କଦମ୍ବ ପଡ଼ିଆରେ ସୋମବାର ସନ୍ଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେଢ଼ାଖୋଲ ପଞ୍ଚଖଣ୍ଡା କଳା ପରିଷଦ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସନ୍ଥକବି ଭୀମଭୋଇ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥି ଭାବରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ମୁଖ୍ୟବକ୍ତା ଭାବରେ ସରକାରୀ ପ୍ରଫେସର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ସମ୍ବଲପୁର ଡ. ରଞ୍ଜନ ସେଠୀ, ସଭାମୁଖ୍ୟ ପୂର୍ବତନ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ଗଣେଶରାମ ନାହାକ, ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ବାବା ଉପସ୍ଥିତ ଥିଲେ। ସଭାକୁ ବରିଷ୍ଠ ସାମ୍ବାଦିକ ରଞ୍ଜିତ ଦେହୁରୀ ପରିଚାଳନା କରିଥିଲେ। ସନ୍ଥକବି ଭୀମଭୋଇ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଜନ୍ମ ଗ୍ରହଣ କରିଥିବା ଆଦିବାସୀ ପ୍ରତିଭା ଦିବ୍ୟଦ୍ରଷ୍ଟା ଓଡ଼ିଶା ସାହିତ୍ୟରେ ସନ୍ଥକବି ଭାବେ ସୁପରିଚିତ। ଭୀମଭୋଇ ଏକା ଧାରାରେ କବି, ଯୋଗୀ, ଧର୍ମ ପ୍ରଚାରକ, ନାରୀ ସମ୍ମାନ ପାଇଁ ବିପ୍ଳବୀ, ସମାଜ ସଂସ୍କାରକ ଓ ମହିମା ଧର୍ମର ପ୍ରତିଷ୍ଠାତା ରହିଥିଲେ। ସେ ବହୁ କାବ୍ୟ ରଚନା, ସାହିତ୍ୟ, ଭଜନ ଓ ଲୋକଗୀତ ଗୁଡ଼ିକ ଆଦୃତ ହୋଇଛି। କାର୍ଯ୍ୟକ୍ରମରେ ଶହ ଶହ ଭୀମଭୋଇ ମହିମା ଧର୍ମାବଲମ୍ବୀ ଭକ୍ତ, ଜନସାଧାରଣଙ୍କ ସମାଗମ ହୋଇଥିଲା। ବରିଷ୍ଠ ସାମ୍ବାଦିକ ଦେବାନନ୍ଦ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ଅଚ୍ୟୁତ ପୁରୋହିତ, ଜେନାମଣି ଯୋଗଜନ୍ମା ଦାସଶର୍ମା ପ୍ରମୁଖ ସମେତ ଅଜୟ ଭିତିରିଆ, କେଳାନିଧି ପ୍ରଧାନ, ବାସୁଦେବ ପୃଷେଠ, ସଂହାର କେଶରୀ ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପଞ୍ଚଖଣ୍ଡା କଳା ପରିଷଦ ସଭାପତି ମହାବୀର ସିଂହ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭୀମଭୋଇଙ୍କ ଜନ୍ମସ୍ଥାନ ମଧୁପୁର ଏବଂ ସ୍ମୃତି ପୀଠ କନ୍ଧରା ଠାରେ ଜୟନ୍ତୀ ପାଳିତ ହୋଇଛି।

## ବେଆଇନ ୨୩ ପାଉଁଶ ବୋଝେଇ ଗାଡ଼ି ଜବତ



ସମ୍ବଲପୁର, ୧୨।୫(ସମିସ)

ଠେଲକୋଲି ନିକଟରୁ ୨୩ ବେଆଇନ ଗାଡ଼ି ପୁଲିସ ଜବତ କରିଛି। ବିନା ଅନୁମତିରେ ଝାରସୁଗୁଡ଼ାରୁ ସମ୍ବଲପୁର ପଟକୁ ଆସୁଥିବା ଏହି ଗାଡ଼ି ପୁଲିସ ଯାଞ୍ଚ ସମୟରେ ଧରା ପଡ଼ିଥିଲା। ସମସ୍ତ ଗାଡ଼ିର ଭାଲିଡ୍ ଟ୍ରାଞ୍ଜିଟ ପାସ୍ କିମ୍ବା ଡମ୍ପିଂ ଅନୁମତି ନଥିଲା। ହେଲେ ଠେଲକୋଲି ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଡମ୍ପିଂ କରୁଥିବା ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଯାଞ୍ଚ୍ କରିବାରୁ ସମସ୍ତ ଗାଡ଼ି ବେଆଇନ ଡମ୍ପିଂ କରୁଥିବା ଜଣାପଡ଼ିଥିଲା। ଏନେଇ ଅଧିକ ତଦନ୍ତ ଚାଲିଥିବା ପୁଲିସ ସୂଚନା ଦେଇଛି। ଗତ କିଛି ମାସ ହେଲା ସମ୍ବଲପୁରରେ ବେଆଇନ ଆସ ଡମ୍ପିଂ କରାଯାଉଛି। ଜିଲ୍ଲା ପ୍ରଶାସନ ଜାଣତରେ ଏହି କାରବାର ହେଉଛି। ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କମ୍ପାନୀ କିମ୍ବା ଆସ ଡମ୍ପିଂ କରୁଥିବା ଠିକାଦାର କାହା କଥା ଶୁଣୁନାହାନ୍ତି। ବିଶେଷ ଭାବେ ଏବେ ଯୁଯୁମୁରା ଜାମଟାଲ ଗାଁରେ ନିୟମିତ ଆସ ପଡୁଛି। ଅନୁମତିଠାରୁ ଢେର ଅଧିକ ଆସ ପୋତା ଯାଉଥିବା ଅଭିଯୋଗ ହେଉଛି। କିନ୍ତୁ ଜିଲ୍ଲା ପ୍ରଶାସନ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକ ଧାରଣ ଦେବାସହ ଜିଲ୍ଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗରେ ଅଭିଯୋଗ ମଧ୍ୟ ଦେଇଥିଲେ। ତଥାପି ବି ଏହା ବନ୍ଦ ହୋଇ ପାରିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ପରେ ନିର୍ଦ୍ଦେଶକ୍ରମେ ପୁଲିସକୁ ଯାଞ୍ଚ କରି ଏହି ଗାଡ଼ି ଗୁଡ଼ିକ ଜବତ କରିଛି।

**ଆନ୍ଦୋଳନ ପାଇଁ ବିଜେଡିର ଧମକ**

ଏଥିନେଇ ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ କହିଛନ୍ତି ବିଭିନ୍ନ ସ୍ଥାନରୁ ଆସ୍ ଆଣି ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ଡମ୍ପିଂ କରାଯାଉଛି। ଏକ ପ୍ରକାରର ବେଆଇନ ଆସ ଡମ୍ପିଂ ସିଣ୍ଡିକେଟ ଏଥିରେ କାମ କରୁଛି। ଜଙ୍ଗଲ ଜମି, ଜଳାଶୟ କାହାକୁ ଛାଡୁନାହାନ୍ତି। ସବୁଠି ଆସ୍ ଡମ୍ପିଂ ହେଉଛି। ସରକାର ଏହାକୁ ସମ୍ପୂର୍ଣ୍ଣ ଭାବେ ରୋକି ପାରୁନାହି। କିଛି ମାସ ପୂର୍ବରୁ ସମ୍ବଲପୁରରେ ବୈଠକ ହୋଇଥିଲା। ଆସ୍ ଡମ୍ପିଂ ସୁପରିଚାଳନା ପାଇଁ ମନ୍ତ୍ରୀଙ୍କ ଉପସ୍ଥିତିରେ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ହେଲେ ସରକାର ଏଥି ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରିବାରେ ବିଫଳ ହେଉଛନ୍ତି। ସମ୍ବଲପୁର ସହର ଏବେ ଚୋରି, ଡକାୟତି ଅପରାଧର ସହର ସାଜିଛି। ଏହା ପରେ ପୁଣି ବେଆଇନ ଆସ୍ ଡମ୍ପିଂ ଯାହା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। ତେଣୁ ସରକାର କଥା ନ କହି କାମ କରି ଦେଖାନ୍ତୁ। ସମ୍ବଲପୁରବାସୀ ଓ ପଶ୍ଚିମ ଓଡ଼ିଶାବାସୀଙ୍କ ଭବିଷ୍ୟତ ପାଇଁ ଆଗାମୀ ଦିନରେ ଯଦି ଏହାକୁ ରୋକ ନ ଲଗାଯାଏ, ତାହାଲେ ବିଜେଡି ଆଗକୁ ଆନ୍ଦୋଳନ କରିବ ବୋଲି ଶ୍ରୀ ପୂଜାରୀ ଚେତାବନୀ ଦେଇଛନ୍ତି।

## ବଢ଼ିଚାଲିଛି ଅପରାଧୀକ କାର୍ଯ୍ୟକଳାପ

# ଘେଁସରେ ଥାନା ପାଇଁ ଦାବି

ମେଲଛାମୁଣ୍ଡା, ୧୨।୫(ସମିସ): ବରଗଡ଼ ଜିଲ୍ଲା ଘେଁସ ଅଞ୍ଚଳରେ ବଢ଼ିଚାଲିଛି ଅପରାଧିକ କାର୍ଯ୍ୟକଳାପ। ଚୋର, ଡକାୟତ, ଲୁଟେରାଙ୍କ ଆଡ୍‌ଡା ପାଲଟିଛି। ପ୍ରତ୍ୟହ ଛୋଟବଡ଼ ଅପରାଧିକ କାର୍ଯ୍ୟକଳାପ ହେଉଛି। ନିଛାଟିଆ ରାସ୍ତାରେ ଉଭୟ ମହିଳା ଓ ପୁରୁଷଙ୍କୁ ଅଟକାଇ ଭୁଜାଲି ଛୁରୀ ଦେଖାଇ ଲୁଟ୍ ତରାଜ ହେଉଛି। ଏପରିକି ଚାଷଜମି ମାନଙ୍କରେ ଲାଗିଥିବା ମୋଟର ପମ୍ପ, ଟ୍ରାନ୍ସଫର୍ମର, ସୋଲାର ସିଷ୍ଟମ୍, ସାଇକେଲ, ମୋଟରସାଇକେଲ ଦୁର୍ବୃତ୍ତ ଚୋରି କରିନେଉଛନ୍ତି। ମାରଣାସ୍ତ୍ରରେ ଲୋକଙ୍କୁ ଆକ୍ରମଣ ଘଟଣା ବାରମ୍ବାର ଘଟୁଛି। ଦୀର୍ଘ ବର୍ଷ ହେଲା ଏଭଳି ଅପରାଧିକ କାର୍ଯ୍ୟକଳାପ ଘେଁସ ଅଞ୍ଚଳରେ ଘଟିଚାଲିଛି। ସ୍ଥାନୀୟ ବାସିନ୍ଦା ଥାନା ନିର୍ମାଣ ପାଇଁ ସରକାରଙ୍କୁ ପ୍ରଶାସନ ଜରିଆରେ ଦାବି କରି ଆସୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳିପାରୁ ନଥିବା ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଅଭିଯୋଗ ଆଣିଛନ୍ତି। ଦିନକୁଦିନ ଏଠି ଚୋର, ଡ଼କାୟତ, ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଫଳରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୌଣସି ଲୋକ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଘେଁସରେ ଥାନା (ପୁଲିସ ଷ୍ଟେସନ) ନିର୍ମାଣ ଦାବି ନେଇ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଥାନା ଦାବି ନେଇ ବିଭିନ୍ନ ମହଲରେ

### ସେମାନେ କୁହନ୍ତି...




ଘେଁସ ତଥା ଅଞ୍ଚଳରେ ଦୀର୍ଘ ବର୍ଷ ଠାରୁ ଚୋରି, ଡକାୟତି, ହତ୍ୟା, ଅପହରଣ ଓ ନିଶା କାରୋବାର ଭଳି ଜଘନ୍ୟ ଅପରାଧ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ବିଭାଗୀୟ ଅଫିସରଙ୍କ ପାଖକୁ ଯାଇ ବହୁବାର ଦାବି ଜଣାଇ ଆସୁଛୁ। ବିଭାଗୀୟ ଅଫିସର ସରକାରଙ୍କ ନିକଟକୁ ଘେଁସରେ ଥାନା ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଭଳି ସ୍ଥିତି ଜାରିରହିଲେ ଅଞ୍ଚଳବାସୀ ଶାନ୍ତିରେ ରହିପାରିବେ ନାହିଁ ଓ ଘରୁ ବାହାରିବାକୁ ଭୟ କରିବେ। ସରକାର ଶୀଘ୍ର ଘେଁସରେ ନୂତନ ଥାନା ସ୍ଥାପନ ପାଇଁ ଘୋଷଣା କରନ୍ତୁ।

**ସୁବାସ ସାହୁ (ସାମାଜିକ କର୍ମୀ):**



(୨) ଗୋକୁଳଚନ୍ଦ୍ର ଦାସ (ଘେଁସ ସରପଞ୍ଚ): ଐତିହାସିକ ଗ୍ରାମ ଘେଁସ ଆଜି ଚୋର, ତସ୍କର, ଡ଼କାୟତ ମାନଙ୍କ ଆ‡ସ୍ଥଳ ପାଲଟିଥିବା ଏକ ଦୁଃଖର ବିଷୟ। ଓଡ଼ିଶା ସରକାର ଐତିହାସିକ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ଗାଁରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମସବୁ ହାତକୁ ନେଉଛନ୍ତି। ଦିନଥିଲା ଇଂରେଜ ସରକାର ବିରୋଧରେ ଘେଁସ ଜମିଦାର ଓ ପରିବାର ଲଢ଼ି ମାତୃରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲେ। କିନ୍ତୁ ଆଜି ବୀରମାଟି ଘେଁସ ନିଜର ସୁରକ୍ଷା ନିମିତ୍ତ ସରକାରଙ୍କ ଠାରେ ଦାବିରଖିବା ଦୁର୍ଭାଗ୍ୟଜନକ ମନେହୁଏ।

**ଗୋକୁଳଚନ୍ଦ୍ର ଦାସ (ଘେଁସ ସରପଞ୍ଚ):**



ବରଗଡ଼ ଜିଲ୍ଲା ସୋହେଲା ବ୍ଲକରେ ରହିଥିବା ଘେଁସ ହେଉଛି ୨୦ଟି ପଞ୍ଚାୟତର ଏକ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ। ଅଞ୍ଚଳରେ ବାରମ୍ବାର ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟକଳାପ ହେଉଛି। ଘେଁସ ଅଞ୍ଚଳବାସୀ ସରକାରଙ୍କୁ ଥାନା ପାଇଁ କହି ଆସୁଥିଲେ ସୁଦ୍ଧା ଦାବି ପୂରଣ କରାନଯିବା ପରିତାପର ବିଷୟ। ମୁଁ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ସରକାରଙ୍କୁ ଦାବି ଜଣାଉଛି କି ଘେଁସରେ ଯଥାଶୀଘ୍ର ଏକ ନୂତନ ଥାନା ସ୍ଥାପନ କରାଯାଉ।

**ରମେଶ ମହାପାତ୍ର (ସଂଯୁକ୍ତ କୃଷକ ସଙ୍ଗଠନ, ବରଗଡ଼):**

# ୪୮ ଘଣ୍ଟାରେ ଧାନ ନ ଉଠିଲେ ଆନ୍ଦୋଳନ



**ବରଗଡ଼, ୧୨।୫(ସମିସ):** ସଂଯୁକ୍ତ କୃଷକ ସଂଗଠନ ଭେଡେନ ଶାଖା ପକ୍ଷରୁ ସହରାଟିକ୍ରା ମାର୍କେଟ ୟାର୍ଡରେ ଧାନ ସଂଗ୍ରହ ପୂର୍ବରୁ ଦିନିକିଆ ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଶିବିରରେ ନନ୍ଦିଘୋଷ ମିଶ୍ର ପ୍ରାରମ୍ଭିକ ସୂଚନା ଦେଥିଲେ। ଲୋକନାଥ ଦାଶ ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଉପ୍ନ୍ନ ଭୋଇ ସଭା ସଞ୍ଚାଳନ କରିଥିଲେ। ପହଲଗାମ ଆତଙ୍କୀଙ୍କ ଦ୍ୱାରା ପ୍ରାଣ ହରାଇଥିବା ପର୍ଯ୍ୟଟକ ଏବଂ ଯୁଦ୍ଧରେ ପ୍ରାଣ ହରାଇଥିବା ସମସ୍ତଙ୍କ ପାଇଁ ନିରବ ପ୍ରାର୍ଥନା କରାଇଥିଲେ। ଏହାପରେ ଆମେ ସମସ୍ତେ ଏହି ସଙ୍କଟ ସମୟରେ ଏକ ଅଛୁ ଏବଂ ଜୟ ଯବାନ, ଜୟ କିସାନ ବୋଲି ନାରା ଦେଇଥିଲେ। ଏହାପରେ ଧାନ କିଣାରେ ସ୍ୱଛତା ଏବଂ ପାରଦର୍ଶିତା ଆଣିବା ପାଇଁ ସରକାରଙ୍କୁ ସେ ନିବେଦନ କରିଥିଲେ। ସେହିପରି ଅନ୍ୟତମ ଉପଦେଷ୍ଟା ରମେଶ ମହାପାତ୍ର ଜମି ତୁଳନାରେ ଟୋକନ କମ ଆସିବା, ଧାନ ଅମଳ ହୋଇଥିବା ଚାଷୀଙ୍କ ଟୋକନ ବିଳମ୍ବରେ ବିକ୍ରି ତାରିଖ ଥିବା, କଟନିଛଟଣୀ, ଦଲାଲ ମୁକ୍ତ ମଣ୍ଡି ପାଇଁ ଦାବି ଜଣାଇଥିଲେ। ବସ୍ତା ମଣ୍ଡି ପରିଚାଳନା ଏବଂ ଆରଏମ୍‌ସିରେ କୋଟି କୋଟି ଟଙ୍କା ପଡ଼ି ରହିଛି ଅଥଚ ମଣ୍ଡି ଭିତ୍ତିଭୂମି କରାଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ବକ୍ତାଙ୍କ ମଧ୍ୟରେ ସୁଦାମ ପାତ୍ର, ନିରଞ୍ଜନ ପଧାନ, କାରଣ ସାହୁ, ସୁରେଶ ନିକେଣ୍ଟି, ସରୋଜ ବାରିକ, ଗୁଣନିଧି ପଧାନ, କୁନା ପଧାନ, ପଞ୍ଚାନନ ପଧାନ, ମୋତିଲାଲ ମହାକୁଡ଼ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗତ ଖରିଫ ଋତୁରେ ଧାନ ମନ୍ଥର ଗତିରେ ଉଠାଯିବାରୁ ଚାଷୀମାନେ ଦଲାଲଙ୍କୁ ବାଧ ହୋଇ ଧାନ ବିକ୍ରି କରିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରାୟ ମଣ୍ଡିରେ କ୍ୱାଲିଟି ନାଁରେ ୨/୩ କେଜି ଧାନ କଟଣୀ ହେଉଥିବା ଏବଂ ଦଲାଲରାଜ ଚାଲୁଥିବା ମତ ପ୍ରକାଶ ପାଇଛି। ଶିବିରରେ ରବି ଋତୁରେ କାଳବୈଶାଖୀକୁ ଦୃଷ୍ଟିରେ ରଖି ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ ଧାନ ବିକ୍ରି ସୁନିଶ୍ଚିତ ନକଲେ ଆନ୍ଦୋଳନ ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମେଡ଼ିକାଲ କଲେଜ ପାଇଁ ଦାବି



**ବରଗଡ଼, ୧୨।୫(ସମିସ):** ବରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ବରଗଡ଼ ନାଗରିକ ମଞ୍ଚ ତରଫରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ବରଗଡ଼ରେ ଗୋଟିଏ ମେଡ଼ିକାଲ କଲେଜ ଖୋଲିବାକୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ସେହିପରି ସହରର ପୁରାତନ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପୂର୍ବତନ ସରକାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଘୋଷଣା କରି ଥିଲେ; କିନ୍ତୁ ଆବଶ୍ୟକ ଡାକ୍ତର, ଷ୍ଟାଫ, ପରୀକ୍ଷା ଯନ୍ତ୍ରପାତିର ବ୍ୟବସ୍ଥା ନଥିବାରୁ ରୋଗୀ ବହୁତ ହଇରାଣ ହେଉଛନ୍ତି। ଏହାର ସୁବ୍ୟବସ୍ଥା କରିବା ସହ ସହର ମଧ୍ୟରେ ଥିବା କାରାଗାରକୁ ବାହାରକୁ ସ୍ଥାନାନ୍ତର କରି ସେଠାରେ ୩୦୦ ଶଯ୍ୟା ବିଶିଷ୍ଟ ଏଫଆରୟୁ କିମ୍ବା ସିଟି ହସ୍ପିଟାଲ ଘୋଷଣା କରିବାକୁ ଦାବି ହୋଇଛି। ସେହିପରି ବରଗଡ଼ ଜିଲ୍ଲାର ଖେଦାପାଲି ସ୍ଥିତ ମୁଖ୍ୟ ଡାକ୍ତରଖାନାରେ ଆବଶ୍ୟକୀୟ ଡାକ୍ତର, ନର୍ସ, ଷ୍ଟାଫ, ପରୀକ୍ଷା, ଔଷଧ ଇତ୍ୟାଦି ଯୋଗାଇ ଦେବା ପାଇଁ ନାଗରିକ ମଞ୍ଚ ଦାବି କରିଛି। ସଂଗଠନର ସଭାପତି ଆଇନଜୀବୀ ଭୀଷ୍ମଦେବ ସରାଫ, ଭବାନୀ ସାହୁ, ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ସାମ୍ବାଦିକ ନିତ୍ୟାନନ୍ଦ ବାଗ, ସୁରଥ ସାହୁ, ସତ୍ୟ ନାରାୟଣ ମେହେର, ସୁଶାନ୍ତ ସାହୁ, ଜୀବନ ଲାଲ ଚୌଧୁରୀ, ସୁଦାମ ସାହୁ, ଟଙ୍କ ଧର ଭେସ୍ରା, ସୁଧୀର ବରିହା, ଜିଭିରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଶାଶହେ କୁଲତା ସମାଜର ବୈଠକ



ବରଗଡ଼, ୧୨।୫(ସମିସ): ଭଟଲି ବ୍ଲକ ଅଧୀନ ଆଦିପୀଠ କମଗାଁ ସ୍ଥିତ ଶ୍ରୀରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ବାବା ବିଶାଶହେ କୁଲତା ସମାଜର ବୈଠକ ହୋଇଯାଇଛି। ପୀଠ ପୂଜକ ଜୀବର୍ଦ୍ଧନ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ସମ୍ପାଦକ ଡ.ପର୍ଶୁରାମ ବାରିକ, ଜିଲ୍ଲା ଯୁବ ସଂଗଠନର ସମ୍ପାଦକ ଲଲାଟେନ୍ଦୁ ବେହେରା, ପୀଠ ସମ୍ପାଦକ ଶ୍ୟାମ ସୁନ୍ଦର ଗଡ଼ତିଆ, ଭଟଲି ବ୍ଲକ କୁଲତା ସମାଜ ସଭାପତି ସଞ୍ଜୟ ପ୍ରଧାନ, ସାଧାରଣ ସମ୍ପାଦକ ମାଧବ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କିଛିଦିନ ପୂର୍ବରୁ ଅତାବିରା ଲାଦେରପାଲୀ ରାମଚଣ୍ଡୀ ମନ୍ଦିରରେ 'ସର୍ବଭାରତୀୟ ପ୍ରଗତିଶୀଳ କୁଲତା ସମାଜ' ନାମକ ସଂଗଠନର ବାର୍ଷିକ ଉତ୍ସବ ହୋଇଥିଲା। ସେଥିରେ ଅନ୍ୟ ଜାତିରେ ବିବାହକୁ ସ୍ୱୀକୃତି ପ୍ରସ୍ତାବ ଚର୍ଚ୍ଚା ହୋଇଥିଲା। ଆଜିର ବୈଠକରେ ଏହାକୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରିବା ସହିତ ନିନ୍ଦା କରାଯାଇଛି। ୧୯୨୧ ମସିହାରେ କମଗାଁରେ ହୋଇଥିବା ପ୍ରଥମ ମହାସଭା ଏବଂ ୨୪ ତମ ମହାସଭାରେ ସମ୍ବିଧାନ ଅନୁଯାୟୀ ସ୍ୱୀକୃତି ପ୍ରାପ୍ତ ପୀଠ କୁଲତା ସମାଜ ଦ୍ୱାରା ଅନୁମୋଦିତ ହୋଇଥିଲା। କେବଳ ଏହି ସ୍ୱୀକୃତିପ୍ରାପ୍ତ ପୀଠ ହିଁ ସମାଜର ସମସ୍ତ ସଂସ୍କାର ତଥା ବିଧିବିଧାନକୁ ନିର୍ବାହନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟ କୌଣସି ଅଣସ୍ୱୀକୃତ ସ୍ଥାନରେ ସଂସ୍କାର କାର୍ଯ୍ୟକୁ ବିରୋଧ କରାଯାଇଥିଲା। ଆଗାମୀ ଦିନରେ ଏହି ପ୍ରସଙ୍ଗରେ ଜିଲ୍ଲାର ସମସ୍ତ ପୀଠ, ମନ୍ଦିର, ଜିଲ୍ଲା କମିଟି, ବ୍ଲକ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଲାଦେରପାଲୀ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସମ୍ପାଦକ ଶ୍ରୀ ବାରିକ ସୂଚନା ଦେଇଥିଲେ। ବୈଠକରେ 'ପ୍ରଗତିଶୀଳ କୁଲତା ସମାଜ'ର ବାର୍ଷିକ ଉତ୍ସବରେ ଆଲୋଚିତ ସମାଜ ବିରୋଧୀ ବିଷୟବସ୍ତୁ ସମାଜର ଲୋକଙ୍କୁ ଭ୍ରମିତ କରୁଥିବା କୁହାଯାଇଥିଲା। ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦସ୍ୟମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାରୁ ଲଲାଟେନ୍ଦୁ ବେହେରାଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମଗାଁ ଆଦିପୀଠ କମିଟିର ସମସ୍ତ ସଦସ୍ୟ, ଭଟଲି ବ୍ଲକ ଉପସଭାପତି ଖୀରଧର ସାହୁ, ସମ୍ପାଦକ ରାଜାରାମ ସାହୁ, ଅତାବିରା, ଅମ୍ବାଭୋନା, ବରଗଡ଼, ବରପାଲି, ଭଟଲି ବ୍ଲକ ସମେତ ଅନେକ ଗାଁରୁ କୁଲତା ମାନେ ଯୋଗ ଦେଇଥିଲେ।

# ରାଜ୍ ପଲିକ୍ଲିନିକ୍ ନୂତନ ବିଲ୍ଡିଂ ଉଦ୍‌ଘାଟିତ



**ବରଗଡ଼, ୧୨।୫(ସମିସ):** ବରଗଡ଼ ସହରର ପୁରାତନ ପାଥୋଲ୍ୟାବ୍ ରାଜ୍ ପଲିକ୍ଲିନିକ୍‌ର ନୂତନ ବିଲ୍ଡିଂ ପୁରୁଣା ଜିରା ବ୍ରିଜ ଠାରେ ସୋମବାର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ ପଲିକ୍ଲିନିକ୍‌ର ନିର୍ଦ୍ଦେଶକ ରାଜକିଶୋର ପାଣିଗ୍ରାହୀ ମୁଖ୍ୟ ଅତିଥି ବିଧାୟକ ଷଡ଼ଙ୍ଗୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଆଇନଜୀବୀ କିରଣ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଡାଇରେକ୍ଟର ଶ୍ରୀ ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରଗଡ଼ ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ସ୍ତ୍ରୀରୋଗ ବିଶେଷଜ୍ଞ ଡ.ପି.ଏଲ ତ୍ରିପାଠୀ, ଚକ୍ଷୁରୋଗ ବିଶେଷଜ୍ଞ ଡ.ସୁବଳ କର, ସର୍ଜରୀ ସ୍ପେସିଆଲିଷ୍ଟ ଡ.ବିନୋଦ ବିହାରୀ ନାୟକ, ରାଜ୍ ପଲିକ୍ଲିନିକ୍‌ର ମୁଖ୍ୟ ଉପଦେଷ୍ଟା ନବକିଶୋର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମାଟ୍ରିକ ପରୀକ୍ଷା ଓଡ଼ିଶା ଟପ୍ପର ବବିତା ରଥଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ସମାଜ କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିବା ନିଷ୍ଠା ପରିବାର, ସଂକଳ୍ପ ପରିବାର, ବରଗଡ଼ ଜିଲ୍ଲା ସମାଜସେବୀ ସଂଘ, କ୍ରୀଡ଼ା କ୍ଷେତ୍ରରେ ଜିଲ୍ଲାର ଗୌରବ ଦୁଇ ଭଉଣୀ ଅରୁଣା ଘିବିଲା ଏବଂ ଅନୁ ଘିବିଲା, ପଲିକ୍ଲିନିକ୍‌ର ଟିମ୍ ପ୍ରଭୃତିଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ପରିଶେଷରେ ମୁଖ୍ୟ ଉପଦେଷ୍ଟା ନବକିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପଲିକ୍ଲିନିକ୍‌ର ଷ୍ଟାଫ୍ ସର୍ବଶ୍ରୀ ଦୀପକ ମହାକୁଡ଼, ଥବିର ନନ୍ଦ, କୋମଳପ୍ରୀତ କୌର, ସପନା ବନଛୋର, ସଂଧାରଣୀ ବେନିଆ, ଅଜୟ ସାହୁ, ପ୍ରଦୀପ ନନ୍ଦ, ସିଦ୍ଧାନ୍ତ ସାହୁ, ମୋହିତ ପୁରୋହିତ, ଅକ୍ଷୟ ପାଇକ, ହରିପ୍ରିୟା ଧରୁଆ ଏବଂ ପ୍ରଦୀପ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମାଁ ରାମଚଣ୍ଡୀ ମଣ୍ଡପରେ ବହି ମିଶନ୍- ୩୬୫



**ଅତାବିରା, ୧୨।୫(ସମିସ):** ଆଞ୍ଚଳିକ ସାହିତ୍ୟ ପରିଷଦ ଅତାବିରା ଓ ନୂଆଁ ସକାଳ ପବ୍ଲିକେଶନର ମିଳିତ ଉଦ୍ୟମରେ ରବିବାର ମାଁ ରାମଚଣ୍ଡୀ କଲ୍ୟାଣ ମଣ୍ଡପ ଲାଦରପାଲିରେ ପାଞ୍ଚ ଖଣ୍ଡ ସମ୍ବଲପୁରୀ/କୋଶଲୀ ପୁସ୍ତକ ଲୋକାର୍ପିତ ହୋଇଛି। ଏହି ସାହିତ୍ୟ ସମାରୋହରେ ବିଶିଷ୍ଟ କବି ତଥା କଥାକାର ଡ.ଗୋବର୍ଦ୍ଧନ ସାହୁ ମୁଖ୍ୟ ଅତିଥି, ଅଧ୍ୟାପକ ଯୁବରାଜ ସା ସମ୍ମାନିତ ଅତିଥି, ଡ.ଅଜିତ ନାଥ ମୁଖ୍ୟବକ୍ତା ତଥା ସମୀକ୍ଷକ ଭାବରେ ଯୋଗ ଦେଇଥିଲେ। ସାହିତ୍ୟ ପରିଷଦର ସଭାପତି ଦଶରଥ ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାରସ୍ୱତ ସମ୍ମିଳନୀରେ ପରିଷଦର ସଦସ୍ୟ ତଥା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଧର୍ମରାଜ ପ୍ରଧାନ ମଞ୍ଚ ପରିଚାଳନା ଏବଂ ସଂଯୋଜନା କରିଥିଲେ। ନୂଆଁ ସକାଳ ପବ୍ଲିକେଶନର ମୁଖ୍ୟ ଗୌରାଙ୍ଗ ପାଣ୍ଡେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବି ଋଷଭ ବିଶିଙ୍କ ସୋର୍ ପଡ଼ସି ମନେ, ଡ.ଜଗଦୀଶ ମିଶ୍ରଙ୍କ ଭାବର୍ ଭିତରେଁ ଭାବାର୍ଥ, କବି ଲକ୍ଷ୍ମଣ ମଲ୍ଲିକଙ୍କ ଆଦିବାସୀର୍ ଆବାଜ୍, କବି ରୂପାଧର ସାହୁଙ୍କ ମାତାସିରୀ ଏବଂ ନୂଆଁ ସକାଳର ସାହିତ୍ୟ ବିଶେଷାଙ୍କ-୨୦୨୫ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ସନ୍ତୋଷ ତ୍ରିପାଠୀ, ନରେନ୍ଦ୍ର ମହାନ୍ତି, ତେଜରୁ ବାରିକ, ପ୍ରଫୁଲ୍ଲ ସାହୁ, ଡ.ନାରାୟଣ ଭୋଇ ପ୍ରମୁଖ ନିଜ ମତ ପ୍ରକାଶ କରିଥିଲେ। ଶେଷରେ ଆଞ୍ଚଳିକ ସାହିତ୍ୟ ପରିଷଦର ସଦସ୍ୟ ସରୋଜରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ନର୍ସ ଦିବସ

**ବରଗଡ଼, ୧୨।୫(ସମିସ):** ଜଣେ ରୋଗୀର ସ୍ୱାସ୍ଥ୍ୟ ପାଇଁ ଡାକ୍ତରଙ୍କ ଯେତିକି ଭୂମିକା ରହିଛି ଜଣେ ନର୍ସର ମଧ୍ୟ ସେମିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଜନ୍ମ ଦିନରେ ରୋଗୀ ସେବାରେ ନର୍ସମାନଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ପ୍ରତିବର୍ଷ ମେ' ମାସ ୧୨ ତାରିଖରେ "ଆନ୍ତର୍ଜାତୀୟ ନର୍ସ ଦିବସ" ପାଳନ କରାଯାଏ। ଏହି କ୍ରମରେ ବରଗଡ଼ ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଯଦୁମଣି ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେବିକାମାନେ ସେବା, ଯତ୍ନ ଓ ଶୁଶ୍ରୂଷା ଦ୍ୱାରା ରୋଗୀକୁ ନୂଆ ଜୀବନ ପ୍ରଦାନ କରିଥାଆନ୍ତି। ଏବେ ଡାକ୍ତରୀ ଚିକିତ୍ସାରେ ଯନ୍ତ୍ରପାତି ରହିଥିଲେ ମଧ୍ୟ ନର୍ସ ବା ସେବିକା ମାନଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ, ଅପରିହାର୍ଯ୍ୟ ଓ ନିର୍ଣ୍ଣାୟକ ଅଟେ। ଏଣୁ ସେମାନଙ୍କୁ ଉପଯୁକ୍ତ ନିରାପତ୍ତା, ସମ୍ମାନ, ପଦମର୍ଯ୍ୟାଦା ଓ ସାମାଜିକ ମୂଲ୍ୟବୋଧ ପ୍ରଦାନ କରିବା ଆମର କର୍ତ୍ତବ୍ୟ ହେବା ଉଚିତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ପ୍ରଶାନ୍ତ କିଶୋର ଦାସ ଏବଂ ଜିଲ୍ଲା ନର୍ସିଙ୍ଗ ସୁପରିଟେଣ୍ଡେଣ୍ଟ ବାଳମତି ଇକା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୩ ଜଣ ନର୍ସିଂ ଅଫିସର ଅମ୍ବିକା ଖମାରି, ସୁଭଦ୍ରା ଦୋରା ଏବଂ ସାବିତ୍ରୀ କାନ୍ହେଧରଙ୍କୁ ମୁଖ୍ୟ ଅତିଥି ଶ୍ରୀ ମହାଲିଙ୍ଗ ସମ୍ମାନିତ କରିଥିଲେ।



**● ନର୍ସଙ୍କୁ ସମ୍ମାନ ସମସ୍ତଙ୍କ କର୍ତ୍ତବ୍ୟ**

# ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

ପଦ୍ମପୁର, ୧୨।୫(ସମିସ): ରାଜବୋଡ଼ାସମ୍ବର ହାଇସ୍କୁଲ ପରିସରରେ ଆଗାମୀ ସାହିତ୍ୟ ସଂସଦ ତରଫରୁ ସାହିତ୍ୟ ସାରସ୍ୱତ ସାଧକ ଡ.ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ଉତ୍ସବ ଆଗାମୀ ୨୮ରେ ପାଳନ କରାଯିବ। ସେଥିପାଇଁ ଏକ ବୈଠକ ସଭାପତି ଡ.ପ୍ରମୋଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଅଶୋକ ବହିଦାର ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜୟନ୍ତୀ ଉତ୍ସବରେ ପ୍ରଫେସର ରାଜେନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବେ ଓ ଡ.ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିବା ଜଣାଯାଏ। ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ମାନଭଞ୍ଜନ ପ୍ରଧାନଙ୍କୁ ଗଙ୍ଗାଧର ଗୁରୁ ସମ୍ମାନ ମରଣୋତ୍ତର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ସାହିତ୍ୟ ସଂସଦ ତରଫରୁ ପୁସ୍ତକମେଳା ଆୟୋଜନ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିବା ସମ୍ପାଦକ କହିଛନ୍ତି। ବୈଠକରେ ଜିତେନ୍ଦ୍ରିୟ ନାଥ ଗୁରୁ, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପ୍ରୀତିରଞ୍ଜନ ପ୍ରଧାନ, ଅଧ୍ୟାପକ ବିଦ୍ୟାଧର ଦାଶ, କିଶୋର ପାତ୍ର, ଅଧ୍ୟାପକ ସନ୍ତୋଷ ସିଂ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହସମ୍ପାଦକ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଦ୍ଧଙ୍କ ମୂର୍ତ୍ତି ଉନ୍ମୋଚନ ସହ ବୁଦ୍ଧ ଜୟନ୍ତୀ ପାଳିତ

**ବରଗଡ଼, ୧୨।୫(ସମିସ):** ବଗେଇବିରା ପାହାଡ଼ରେ ବୁଦ୍ଧବିହାର କମିଟି ତରଫରୁ ସୋମବାର ବୁଦ୍ଧ ପୂର୍ଣ୍ଣିମା ଅବସରରେ ମହାମାନବ ଗୌତମ ବୁଦ୍ଧଙ୍କ ମୂର୍ତ୍ତି ଉନ୍ମୋଚନ ଓ ଜନ୍ମ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବୁଦ୍ଧ ଭକ୍ତ ଏବଂ ବଗେଇବିରା ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଗୌତମ ବୁଦ୍ଧଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ବୁଦ୍ଧଙ୍କର ବିଚାର ବିଷୟରେ ଆଲୋଚନା ଚକ୍ର ହୋଇଥିଲା। ଶେଷରେ ସହଭୋଜନ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବଗେଇବିରା ବୁଦ୍ଧବିହାର କମିଟିର ସଭାପତି ଧିମାନ୍ ପୁରନ୍ଦର ଭୋସାଗରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ, ମୁଖ୍ୟ ବକ୍ତା ଭାବେ ଡୋଲାମଣୀ କନ୍ହେଧର ଯୋଗ ଦେଇଥିଲେ। ବୁଦ୍ଧବିହାର କମିଟିର ସମ୍ପାଦକ ଅବିନାଶ ବାଗ୍, କୋଷାଧ୍ୟକ୍ଷ ଯୁଧିଷ୍ଠିର ବିଭାର, ବୌଦ୍ଧିକ ପ୍ରମୁଖ ଆଶିଷ ସୁନା, ବାଳମୁକୁନ୍ଦ ଜଗଦଲ୍ଲା, ବିକେ ନାଗ, ପ୍ରିୟା ତାଣ୍ଡି, ଜଳକ୍ରୀଡ଼ା ଛୁରିଆ, ଯକ୍ତ ବନ୍ଦନ ଦେହେଲିଆ, ସମୀର ବରିହା, ଆଶୁତୋଷ ଛତର, ବିକାଶ ବାଗ, ଅଭୟ ସାମଲ, ଅନ୍ତର୍ଯ୍ୟାମୀ ଗଡ଼ତିଆ, ଦିଲ୍ଲୀପ ନାଗ, ଅଚ୍ୟୁତ ସର, ସଞ୍ଜୀବ ସୁନା, ପରେଶ ଚନ୍ଦ୍ର ବେହେରା, ବିକ୍ରମ ବାଗ୍, ବାବଲୁ ବିଭାର, ବିକ୍ରମ ଛତର, ଉଦ୍ଧବ ମହାନନ୍ଦ, ସମ୍ପତି ବୌଦ୍ଧ, ଅଶୋକ ଛତର, ସଞ୍ଜୟ କୁମ୍ଭାର, ଆନନ୍ଦ କୁଅଁର, ଡିଲେଶ୍ୱର ସିଂହ, ଦୟାନିଧି ସୁନା, ବିଶ୍ୱନାଥ କୁମ୍ଭାର, ଜୌଷ୍ଣା ପାଇକ୍, ମନୋରଞ୍ଜନ ବାରିକ, ରୋହିତ ବାଗ୍ ଏବଂ କମିଟିର ସମସ୍ତ ସଦସ୍ୟଙ୍କ ସହ ବଗେଇବିରା ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସଭାକୁ ଆଶିଷ ସୁନା ପରିଚାଳନା କରିଥିଲେ ଏବଂ ସମ୍ପାଦକ ଅବିନାଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

# ପଦ୍ମପୁର ଅଞ୍ଚଳରେ ମଦର ବନ୍ୟା


**ପଦ୍ମପୁର, ୧୨।୫(ସମିସ):**





ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦର ଚାହିଦା ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି। ଉପଖଣ୍ଡ ମୁଖ୍ୟାଳୟ ହେଉ ଅବା ଗାଁ ଯୁଆଡ଼େ ଆଖି ବୁଲାଇଲେ ମଦ ମିଳିବା ସହଜ ହୋଇଛି। ମଦ୍ୟପ ବ୍ୟକ୍ତି ଟିକେ ଦୂରକୁ ଯାଇ ସରକାରୀ ଭାଟି କିମ୍ବା ବିଦେଶୀ ମଦ ଦୋକାନରୁ ମଦ ଆଣି ପିଇବା ଅପେକ୍ଷା ହାତପାହାନ୍ତାରେ ମଦ କିଣିବାକୁ ପସନ୍ଦ କରୁଛନ୍ତି। ତେଣୁ କୋଚିଆ ହୁଅନ୍ତୁ କି ଚୋରା ମଦବେପାରୀ ସେମାନଙ୍କୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ ବୋଲି ଖୋଦ ଅବକାରୀ କର୍ମଚାରୀ ମତ ରଖିଛନ୍ତି। ଉପଖଣ୍ଡରେ ମଦ ବେପାରରେ କିଛି ନୀତି ନିୟମ ରହିଥିବା ଅନୁଭବ ହେଉନାହିଁ। କେଉଁଠି ନକଲି ମଦ କାରଖାନା ଚାଲୁଛି ତ କିଏ ଅଧିକ ମୂଲ୍ୟରେ ମଦ ବିକ୍ରି କରୁଛି। ମଦର ବହୁଳ ବିକ୍ରି ଦ୍ୱାରା କେବଳ ରାଜସ୍ୱ ବୃଦ୍ଧି ହେଉଛି ତା' ନୁହେଁ; ହିଂସାକାଣ୍ଡ, ଦୁର୍ଘଟଣା ଓ ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ବୃଦ୍ଧି ହେଉଛି। ବିଦେଶୀ ମଦକୁ ବାଦ୍ ଦେଲେ ସହର ଠୁ ଗାଁ ପର୍ଯ୍ୟନ୍ତ ପାନ ଦୋକାନ, ହୋଟେଲ, ଢାବା ଓ ଗଳିକନ୍ଦିରେ ଦେଶୀ ମଦ ବିକ୍ରି କରାଯାଉଛି। ଚୋରାରେ ରନ୍ଧା ମଦ ପ୍ରସ୍ତୁତ କରାଯାଉଛି। ଅବକାରୀ ବିଭାଗ କୌଣସି ସୂଚନା ପାଇଲେ ଚଢ଼ାଉ କରି ଦେଶୀରନ୍ଧା ମଦ ଜବତ କରିବା ସହ ପୋଚ ନଷ୍ଟ କରି କେବଳ ଦାୟିତ୍ୱ ତୁଲାଉଛନ୍ତି। ନକଲି ମଦ ଓ ଗଳିକନ୍ଦିରେ ଯେଉଁଭଳି ମଦ ବିକ୍ରି ଚାଲିଛି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

# ସମ୍ପାଦକୀୟ



ଋଣଚିନ୍ତାରେ ସକାଳୁ ଉଠିବା ଅପେକ୍ଷା ବରଂ ରାତିରେ ଭୋକରେ ଶୋଇଯିବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ଉଚ୍ଚାଟ ଓ ଉଚ୍ଛନ

ଅପରେସନ ସିନ୍ଦୂର ପୂର୍ବ ଦୁଇଟି ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନଠାରୁ ନିଆରା ଓ ନିର୍ଣ୍ଣାୟକ ଥିଲା। ପାକିସ୍ତାନର ମୂଳପିଣ୍ଡିରେ ଥିବା ସୁରକ୍ଷିତ ୪ଟି ଆତଙ୍କୀ ଭିତ୍ତିଭୂମିକୁ ଧ୍ୱଂସ କରିବା ସବୁଠାରୁ ବଡ଼ ସଫଳତା। ବିଶେଷକରି ସମ୍ଭାବ୍ୟ ଆକ୍ରମଣର ମୁକାବିଲା ସକାଶେ ପାକ୍ ସେନାବାହିନୀ ପ୍ରସ୍ତୁତ ଥିଲେ ମଧ୍ୟ ନିର୍ବିଘ୍ନରେ ଲକ୍ଷ୍ୟଭେଦ ଏତେ ସହଜ ନୁହେଁ। ବିଶ୍ୱରେ ଶକ୍ତି ଓ ପରାକ୍ରମ ପ୍ରଦର୍ଶନ କରି ଆସୁଥିବା ରାଷ୍ଟ୍ରକୁ ଏହା ପରୋକ୍ଷ ଚେତାବନୀ। ପହଲଗାମ ପ୍ରସଙ୍ଗର ଘଟଣାକ୍ରମରୁ ପାକିସ୍ତାନ ବୁଝିଯିବା ଉଚିତ ଯେ ଏଣିକି ଆତଙ୍କବାଦ ବିରୋଧରେ ଯୁଦ୍ଧ ହିଁ ଶେଷ ଉତ୍ତର। ଆଗକୁ ସଂଯମ ରକ୍ଷା କରି ଆପୋସ ଆଲୋଚନାର ସୁଯୋଗ ସୃଷ୍ଟିର ଅବକାଶ ଆଉ ନାହିଁ। ଏକଥା ସତ ଯେ ଆମେ ବିଜୟର ଦ୍ୱାରଦେଶରେ ରହି ତାହାକୁ ହାତଛଡ଼ା କରିଛୁ। ତେବେ ଯୁଦ୍ଧ ସବୁବେଳେ ଗଣସଂହାରର ପ୍ରତୀକ। ମାନବିକତା ମୂଲ୍ୟବୋଧ ନିକଟରେ ବିଜୟ ଶ୍ରେୟ ହାସଲର ଗୁରୁତ୍ୱ କେତେ ତାହା ଆମ ପ୍ରଧାନମନ୍ତ୍ରୀ ହୃଦବୋଧ କରିଛନ୍ତି। ତେଣୁ କଠୋର ସମାଲୋଚନା ସତ୍ତ୍ୱେ ସେ ପ୍ରବୁଦ୍ଧ ବୁଦ୍ଧଙ୍କ ଭୂମିକା ନିର୍ବାହ କରିଛନ୍ତି। ସବୁଠାରୁ ବଡ଼ ଉପଲବ୍ଧି ହେଉଛି, ଦଳମତ ଓ ସାମ୍ପ୍ରଦାୟିକ ବିବିଧତା ସତ୍ତ୍ୱେ ରାଷ୍ଟ୍ରୀୟ ସ୍ୱାର୍ଥ ଯେ ସର୍ବାଗ୍ରେ ତାହାର ପ୍ରମାଣ ଆମେ ଦେଇଛୁ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୁବିଧାବାଦୀ ଭୂମିକା ଏବେ ଆଲୋଚନା ପରିସରକୁ ଆସିଛି। ନିର୍ବାଚନରେ ବିପୁଳ ବିଜୟ ହାସଲ ଲୋକପ୍ରିୟତା ପରିଚୟ ନୁହେଁ। ଶାସନର ଶହେଦିନ ଏଥିମଧ୍ୟରେ ସେ ଅତିକ୍ରମ କରିଛନ୍ତି। ତାଙ୍କର କାର୍ଯ୍ୟଶୈଳୀ ଓ ବିଶ୍ୱରେ ନୂଆ ବାଣିଜ୍ୟ ବିଭ୍ରାଟ ସୃଷ୍ଟି କରି ଯେଉଁ ଅପବାଦ ଓ ଅପଯଶ ସେ ମୁଣ୍ଡାଇଛନ୍ତି, ତାହା ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରାମ ସୁଯୋଗ ସୃଷ୍ଟି କରି ଯେ ନିଜର ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରି ପକାଇଛନ୍ତି, ଏକଥା ନୁହେଁ। ଜାନୁଆରୀ ୨୦ରେ କ୍ଷମତାସୀନ ହେବା ପୂର୍ବରୁ ଇସ୍ରାଏଲ ଓ ଗାଜା ମଧ୍ୟରେ ଚାଲିଥିବା ଯୁଦ୍ଧରେ ସାମୟିକ ବିରାମ ଆଣି ଗାଜାପଟିରେ ନିଜର ମାଲିକାନା ଜାହିର କଲାଭଳି ପ୍ରସ୍ତାବ ଆଣିଥିଲେ। ଇସ୍ରାଏଲ ପ୍ରତି ତାଙ୍କର ସ୍ୱତନ୍ତ୍ର ଅନୁକମ୍ପା ଓ ସହାୟତା ସେହି ଦୁଇଦେଶ ମଧ୍ୟରେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ଟାଣିବା ପରିବର୍ତ୍ତେ ଅଧିକ ତୀବ୍ର କରିଛି। ସେହିଭଳି ରୁଷ-ୟୁକ୍ରେନ ଯୁଦ୍ଧର ଅବସାନ ଉଦ୍ୟମକୁ ଉଭୟପକ୍ଷ ବିରୋଧ କରିବାରୁ ସ୍ଥିତି ଅପରିବର୍ତ୍ତିତ ରହିଛି। ତେଣୁ ବିଶ୍ୱରେ ନିଜକୁ ଶାନ୍ତିର ବାର୍ତ୍ତାବହ ରୂପେ ଉପସ୍ଥାପନ କରିବାର ପ୍ରୟାସ ଚରମ ବିଫଳତାର ସମ୍ମୁଖୀନ ହୋଇ ୭୨ ଘଣ୍ଟା ଯୁଦ୍ଧରେ ପାକିସ୍ତାନ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟକୁ ଏଡ଼ାଇଯିବା ସକାଶେ ଟ୍ରମ୍ପଙ୍କ ସହାୟତା ଲୋଡ଼ିଥିଲା। ସେ ଏହାକୁ ସୁଯୋଗ ରୂପେ ଗ୍ରହଣ କରି ଭାରତ ଓ ପାକିସ୍ତାନ ସକାଶେ ମଧ୍ୟସ୍ଥତା କରିଥିଲେ। ଏହି ଘଟଣାର ୨ ଦିନ ପୂର୍ବରୁ ଟ୍ରମ୍ପ ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏହା ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଭାରତ ଓ ପାକିସ୍ତାନ ଆପୋସ ବୁଝାମଣା ଭିତ୍ତିରେ ପରିସ୍ଥିତିକୁ ସୁଧାରିବା ସକାଶେ ପରାମର୍ଶ ଦେଇଥିଲେ। ଏପରିକି ଏହି ଘଟଣାରେ ଆମେରିକାର କିଛି ଭୂମିକା ନାହିଁ ବୋଲି ସେମାନେ ସ୍ପଷ୍ଟ କରିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ରାଷ୍ଟ୍ର ନେତାଙ୍କୁ ଆଲୋଚନାକ୍ରମେ କିଛି ପରାମର୍ଶ ଦେଇପାରେ; କିନ୍ତୁ ମଧ୍ୟସ୍ଥତା ନୁହେଁ। ଦୁଇପକ୍ଷର ଡିଜିଏମ୍‌ଓ ସ୍ତରରେ ଯୁଦ୍ଧ ବିରାମ ଚୂଡ଼ାନ୍ତ ରୂପ ନେବା ପୂର୍ବରୁ ଟ୍ରମ୍ପଙ୍କ ମଧ୍ୟସ୍ଥତା ଓ ଘୋଷଣା ଟ୍ୱିଟ୍ ମାଧ୍ୟମରେ ସମଗ୍ର ବିଶ୍ୱକୁ ଜଣାଇବା ବଡ଼ଭାଇ ପଣିଆର ନିଦର୍ଶନ କୁହାଯାଇପାରେ। ଅବଶ୍ୟ ଆମ ସରକାରଙ୍କ ପକ୍ଷରୁ ଯୁଦ୍ଧ ବିରତି ଘୋଷଣାରେ ଟ୍ରମ୍ପଙ୍କ ଭୂମିକା ସ୍ଥାନ ପାଇନଥିଲା।

ପାକିସ୍ତାନ ୧୯୭୧ ଯୁଦ୍ଧ କରି ବିଭାଜିତ ହେବା ପରେ ଚାପର ସମ୍ମୁଖୀନ ହୋଇ ୧୯୭୨ରେ ସିମଳା ରାଜିନାମାରେ ସ୍ୱାକ୍ଷର କରିବାକୁ ବାଧ୍ୟ ହୋଇଥିଲା। କାଶ୍ମୀର ପ୍ରସଙ୍ଗକୁ ଜାତିସଂଘରେ ଉପସ୍ଥାପନ କରି ଭାରତ ଯେଉଁ ତ୍ରୁଟି କରିଥିଲା, ତାହା ସଂଶୋଧିତ ହୋଇଥିଲା ଏହି ରାଜିନାମାରେ। କାଶ୍ମୀର ସମେତ ଅନ୍ୟାନ୍ୟ ସବୁ ପ୍ରସଙ୍ଗ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଭାରତ ଓ ପାକିସ୍ତାନ ସମାଧାନ କରିବାକୁ ରାଜି ହୋଇଥିଲେ। ଆନ୍ତର୍ଜାତିକ ସ୍ତରରେ ଏହା ସ୍ୱୀକୃତି ଲାଭ କରିଥିଲା। ସାମ୍ପ୍ରତିକ ଯୁଦ୍ଧ ଘନଘଟା ମଧ୍ୟରେ ସାଉଦୀ ଆରବ, ଆରବ ଏମିରେଟ୍ ଓ ଇରାନ ପ୍ରତିନିଧି ଭାରତ ଓ ପାକିସ୍ତାନ ଗସ୍ତରେ ଆସି ଘଟଣାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ, ମଧ୍ୟସ୍ଥତା କରିନଥିଲେ। ତେବେ ଟ୍ରମ୍ପଙ୍କ ଏହି ବଡ଼ଭାଇ ପଣିଆ ଯାହାକୁ ଆମେ କହୁ 'ଉପରେ ପଡ଼ି କଖାରୁ ବଡ଼ି' ଭଳି ଭୂମିକାକୁ ଆମର ଅସ୍ୱୀକାର କରିବାର ଥିଲା। ଏହାକୁ ଆମର କୂଟନୈତିକ ବିଫଳତା କହିଲେ ଭୁଲ୍ ହେବ ନାହିଁ। ଏମିତିରେ ପାକିସ୍ତାନ ଏହି ପ୍ରସଙ୍ଗରେ ଅନ୍ତର୍ଜାତିକୀକରଣ ସପକ୍ଷରେ ରହିଆସିଛି। ଟ୍ରମ୍ପଙ୍କ ହସ୍ତକ୍ଷେପ ମାଧ୍ୟମରେ ସେ ତାହାର ସୁଯୋଗ ନେଇଛି। ଦେଶ ବିଭାଜନ ସମୟରୁ କାଶ୍ମୀରକୁ ନେଇ ଦୁଇରାଷ୍ଟ୍ର ମଧ୍ୟରେ ରହି ଆସିଥିବା ବିବାଦରେ ମଧ୍ୟ ସେ ମଧ୍ୟସ୍ଥତା କରିବାକୁ ଆଗ୍ରହୀ ଥିବାର ସୂଚନା ଦେଇଛନ୍ତି। ଭାରତ ଏବେ ହରଡ଼ ଘଣାରେ ପଡ଼ିଛି କହିଲେ ଭୁଲ୍ ହେବ ନାହିଁ।

ପାକିସ୍ତାନ ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ଗତି କରୁଥିବା ବେଳେ ଏହି ଯୁଦ୍ଧର ସମ୍ମୁଖୀନ ହୋଇଛି। ଗତ ୩୫ ବର୍ଷ ମଧ୍ୟରେ ସେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ୨୫ଥର ଦ୍ୱାରସ୍ଥ ହୋଇଛି। ଆର୍ଥିକ ସହାୟତା ପାଇଁ ତାହାର କ୍ରେଡିଟ୍ ରେଟିଙ୍ଗ ଏବେ 'ସିଏଏ-୨'। ଋଣଧାରୀ ରାଷ୍ଟ୍ରଙ୍କ ମଧ୍ୟରେ ସେ ସର୍ବନିମ୍ନରେ ଅଛି। ଅଭିବୃଦ୍ଧି ହାର ୨.୫ ପ୍ରତିଶତ ହୋଇଥିବା ବେଳେ ମୁଦ୍ରାସ୍ଫୀତି ୨୫ ପ୍ରତିଶତ ଅତିକ୍ରମ କରିଛି। ଆତଙ୍କବାଦ ପ୍ରସଙ୍ଗକୁ ନେଇ ଯୁଦ୍ଧ ଘନଘଟାରେ ଜଡ଼ିତ ଥିବା ରାଷ୍ଟ୍ରକୁ ମୁଦ୍ରାପାଣ୍ଠି ଋଣ ନ ଦେବା ସକାଶେ ଭାରତ ଦାବି କରିଥିବା ବେଳେ ଯୁଦ୍ଧ ବିରତି ଘୋଷଣା ପୂର୍ବଦିନ ପାକିସ୍ତାନ ୨.୪ ବିଲିୟନ ଡଲାର ସହାୟତା ରାଶି ହାସଲ କରିଥିଲା। ଏ କ୍ଷେତ୍ରରେ ଆମେରିକାର ଭୂମିକା ବାରି ହୋଇପଡୁଛି। ତେଣୁ ଟ୍ରମ୍ପ ଯେ ଭାରତର ବନ୍ଧୁ ଏକଥା କୁହାଯାଇ ନପାରେ। ଯୁଦ୍ଧ ସମୟରେ ଆର୍ଥିକ ସହାୟତା ମାଧ୍ୟମରେ ପ୍ରୋତ୍ସାହିତ କରିବା ଟ୍ରମ୍ପଙ୍କ ଭାରତ ବିରୋଧୀ ଭୂମିକାକୁ ସ୍ପଷ୍ଟ କରିଛି।

ହୋଇପାରେ ଆମେରିକା ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର। କିନ୍ତୁ ଦେଶର ମୁଖିଆ ଯେତେବେଳେ କ୍ଷମତାର ଅହଂକାରରେ ନିଜର ବିଚାର ବୁଦ୍ଧି ହରାଏ, ସେତେବେଳେ ସହଯୋଗୀମାନେ ସମୟ ସୁବିଧା ଦେଖି ନିଜର ଆନୁଗତ୍ୟ ବଦଳାଇବାକୁ ବାଧ୍ୟ ହୁଅନ୍ତି। ନିଜର ବିଫଳତାକୁ ଘୋଡ଼ାଇବା ସକାଶେ ତାଙ୍କ ମନରେ ସୃଷ୍ଟି ହୋଇଥିବା ଉଚ୍ଚାଟ ପାକିସ୍ତାନ ପାଇଁ ସୁଯୋଗ ସୃଷ୍ଟି କରିଥିଲା। ତେଣୁ ସେ ଆଗ ପଛ ନ ବିଚାରି ମଧ୍ୟସ୍ଥତା ଘୋଷଣା କରିବାକୁ ଉଚ୍ଛନ ହୋଇପଡ଼ିଥିଲେ। ହେଲେ ଆମେ ସୁବିଧା ସ୍ଥିତିରେ ରହି ମୁଣ୍ଡ ପାତିଲୁ କାହିଁକି?

## ଗୃହଋଣ ପରିଶୋଧ: ଦ୍ୱନ୍ଦ୍ୱ ଓ ସମାଧାନ

**ଅନନ୍ତ ଚରଣ ସ୍ୱାଇଁ**

ଧନୀ ଗରିବ ସଭିଏଁ ନିଜର ଘର ଖଣ୍ଡେ ପାଇଁ ସ୍ୱପ୍ନ ଦେଖିଥା'ନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କର ସ୍ୱପ୍ନ ସାର୍ଥକ ହୋଇଥାଏ। ସହଜରେ ମିଳୁଥିବା ଗୃହ ଋଣ ଏବଂ ତା'ସହିତ ଜଡ଼ିତ ସୁବିଧାସୁଯୋଗ ଘର କିଣିବା ପାଇଁ ଅନେକଙ୍କୁ ପ୍ରୋତ୍ସାହିତ କରେ। ଗୃହ ଋଣରେ ସୁଧ ହାର ଅନ୍ୟ ଋଣଗୁଡ଼ିକ ତୁଳନାରେ ଅପେକ୍ଷାକୃତ କମ୍। ଏହି ଋଣର ଅବଧି ମଧ୍ୟ ଲମ୍ବା। ଋଣକର୍ତ୍ତାର ପସନ୍ଦ ଅନୁସାରେ ଗୃହଋଣରେ ସୁଧ ନିର୍ଦ୍ଧାରିତ(ଫିକ୍ସଡ୍) ହାର କିମ୍ବା ଭାସମାନ(ଫ୍ଲୋଟିଂ) ହାରରେ ସ୍ଥିର କରାଯାଏ। ନିର୍ଦ୍ଧାରିତ ସୁଧ ହାର ଗୃହ ଋଣର ସମ୍ପୂର୍ଣ୍ଣ ଅବଧି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହେ। ଏଣୁ ନିର୍ଦ୍ଧାରିତ ମାସିକ ଦେୟ(ମନ୍ଥଲି ଇନଷ୍ଟାଲ୍‌ମେଣ୍ଟ)ରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ଯେଉଁମାନେ ବଜାରରେ ହେଉଥିବା ପରିବର୍ତ୍ତନଠାରୁ ଦୂରେଇ ରହିବାକୁ ଚାହାନ୍ତି ସେମାନେ ନିର୍ଦ୍ଧାରତ ସୁଧ ହାର ବାଛିଥା'ନ୍ତି। ଅନ୍ୟପକ୍ଷରେ ଭାସମାନ ସୁଧହାର ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ରେପୋ ରେଟ୍ ଆଧାରିତ ବ୍ୟାଙ୍କଗୁଡ଼ିକର ଋଣ ନୀତି ଉପରେ ନିର୍ଭର କରେ। ରେପୋ ରେଟ ହେଉଛି ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଦେଉଥିବା ଋଣ ଉପରେ ସୁଧ ହାର। ମୁଦ୍ରାସ୍ଫୀତି ଓ ବଜାରରେ ତରଳତା(ଲିକ୍ୱିଡିଟି)କୁ ନିୟନ୍ତ୍ରଣ କରିବା ପାଇଁ ଆର.ବି.ଆଇ ରେପୋ ରେଟ ସ୍ଥିର କରେ। ରେପୋ ରେଟରେ ପରିବର୍ତ୍ତନ ସହିତ ଗୃହ ଋଣରେ ଭାସମାନ ସୁଧ ହାର ମଧ୍ୟ ବଦଳି ଥାଏ। ସୁଧ ହାର ବଢ଼ିଲେ କିମ୍ବା କମିଲେ ନିର୍ଦ୍ଧାରିତ ମାସିକ ଦେୟରେ ମଧ୍ୟ ସେହି ଅନୁସାରେ ପରିବର୍ତ୍ତନ ହୋଇଥାଏ। ନିର୍ଦ୍ଧାରିତ ମାସିକ ଦେୟକୁ ଅପରିବର୍ତ୍ତିତ ରଖିବାକୁ ହେଲେ ଋଣର ଅବଧିରେ ପରିବର୍ତ୍ତନ କରାଯାଏ।

ଗୃହ ଋଣର ଅଗ୍ରୀମ ଦେୟ ବା ପ୍ରିପେମେଣ୍ଟ କରିବା ଏକ ଜଣାଶୁଣା ପ୍ରଥା। ଏହା ଋଣଗ୍ରହୀତାଙ୍କୁ ସୁଧ ଖର୍ଚ୍ଚ କମ୍ କରିବାରେ ସାହାଯ୍ୟ କରେ ଏବଂ ଋଣର ମିଆଦି କମ୍ କରିବାରେ ସହାୟକ ହୋଇଥାଏ। ଘର ଋଣର ପ୍ରିପେମେଣ୍ଟ କରିବା ପାଇଁ ଅନେକ ବିକଳ୍ପ ଉପଲବ୍ଧ ଅଛି, ଯାହା ଋଣଗ୍ରହୀତାଙ୍କୁ ସେମାନଙ୍କର ଆର୍ଥିକ ସ୍ଥିତି ଏବଂ ଲକ୍ଷ୍ୟ ଅନୁଯାୟୀ ବାଛିବାର ସୁଯୋଗ ଦେଇଥାଏ। ବିକଳ୍ପମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ସମ୍ପୂର୍ଣ୍ଣ ଋଣ ପରିଶୋଧ। ସମ୍ପୂର୍ଣ୍ଣ ଋଣର ପ୍ରିପେମେଣ୍ଟ ଅର୍ଥ ହେଉଛି ସମ୍ପୂର୍ଣ୍ଣ ଋଣ ପରିମାଣର ଅବଶିଷ୍ଟ ରାଶି ଏକାସମୟରେ ପରିଶୋଧ କରିବା। ଏହି ବିକଳ୍ପ ପ୍ରାୟତଃ ଯେତେବେଳେ ଋଣଗ୍ରହୀତା ପାଖରେ ପର୍ଯ୍ୟାପ୍ତ ରାଶି ଥାଏ ଏବଂ ସେ ଋଣରୁ ମୁକ୍ତି ପାଇବାକୁ ଚାହାନ୍ତି, ସେତେବେଳେ ବ୍ୟବହାର କରାଯାଏ। ଏହାଦ୍ୱାରା ଋଣରୁ ଶୀଘ୍ର ମୁକ୍ତି ମିଳେ। ସୁଧ ଖର୍ଚ୍ଚ କମ୍ ହୋଇଥାଏ। ଏହି ବିକଳ୍ପଟିକୁ ବାଛିଲେ ଋଣ ପରିଶୋଧ ପାଇଁ ଏକକାଳୀନ ବଡ଼ ରାଶି ଦରକାର। କେତେକ ବ୍ୟାଙ୍କ ଋଣ ପ୍ରିପେମେଣ୍ଟ ପାଇଁ ବକେୟା ରାଶି ଉପରେ କିଛି ଦେୟ ନେଇଥା'ନ୍ତି। ଏହି ବିକଳ୍ପକୁ ଚୟନ ସମୟରେ ଏ ସମ୍ପର୍କିତ ସମସ୍ତ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।




ଆଂଶିକ ପରିଶୋଧ ବା ପ୍ରିପେମେଣ୍ଟ ଅର୍ଥ ହେଉଛି ଋଣର ଅବଶିଷ୍ଟ ରାଶିର ଏକ ଅଂଶ ପରିଶୋଧ କରିବା। ଏହି ବିକଳ୍ପ ପ୍ରାୟତଃ ଯେତେବେଳେ ଋଣଗ୍ରହୀତା ପାଖରେ ଅତିରିକ୍ତ ରାଶି ଥାଏ, କିନ୍ତୁ ସମ୍ପୂର୍ଣ୍ଣ ଋଣ ପରିଶୋଧ କରିବା ସମ୍ଭବ ନୁହେଁ, ସେତେବେଳେ ବ୍ୟବହୃତ ହୋଇଥାଏ। ଆଂଶିକ ପରିଶୋଧ ଫଳରେ ଋଣର ମୂଳଧନ କମ୍ ହୋଇଯାଏ, ସୁଧ ଖର୍ଚ୍ଚ କମ୍ ହୁଏ ଏବଂ ପ୍ରିପେମେଣ୍ଟ ପାଇଁ ଅଧିକ ରାଶିର ଆବଶ୍ୟକ ହୁଏ ନାହିଁ। ଅଗ୍ରୀମ ଋଣ ପରିଶୋଧ ହେତୁ ବକେୟା ଋଣ ରାଶି କମ ହୋଇଯାଏ। ପରିଶୋଧ ପାଇଁ ଋଣ କର୍ତ୍ତା ପାଖରେ ଆଉ ଦୁଇଟି ବିକଳ୍ପ ଥାଏ। ଗୋଟିଏ ବିକଳ୍ପ ହେଉଛି ନିର୍ଦ୍ଧାରିତ ମାସିକ ଦେୟକୁ ଅପରିବର୍ତ୍ତିତ ରଖି ଋଣର ଅବଧି କମେଇବା। ଅନ୍ୟ ବିକଳ୍ପଟି ହେଉଛି ଋଣର ଅବଧି ଅପରିବର୍ତ୍ତିତ ରଖି ନିର୍ଦ୍ଧାରିତ ମାସିକ ଦେୟକୁ କମେଇବା।

ଅଗ୍ରୀମ ପରିଶୋଧ କଲା ପରେ ବକେୟା ଋଣ ପରିଶୋଧ ପାଇଁ ମନରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୁଏ। କେଉଁ ବିକଳ୍ପଟି ଋଣକର୍ତ୍ତା ପାଇଁ ପ୍ରଯୁଜ୍ୟ ତାହା ଏକ ଉଦାହରଣରୁ ବୁଝିହେବ। ମନେକରାଯାଉ ଋଣରାଶି ହେଉଛି: ଟ୫୦ ଲକ୍ଷ। ସୁଧ ହାର: ୮%, ଋଣ ଅବଧି ୨୦ ବର୍ଷ(୨୪୦ ମାସ)। ନିର୍ଦ୍ଧାରିତ ମାସିକ ଦେୟ: ଟ ୪୧୮୨୨। କୋଡ଼ିଏ ବର୍ଷରେ ସୁଧ ଓ ମୂଳ ମିଶି ୧ କୋଟି ୩୭ ହଜାର ଟଙ୍କା ପରିଶୋଧ କରିବାକୁ ହେବ। ଏଥିରୁ ମୂଳଧନ ବାଦ ଦେଲେ ଋଣ ଉପରେ କେବଳ ସୁଧ ହେଉଛି ଟ୫୦ .୩୭ ଲକ୍ଷ। ତିନି/ଚାରି ବର୍ଷ ପରେ ୫ ଲକ୍ଷ ଟଙ୍କା ଏକକାଳୀନ ଜମା କରି ମାସିକ ନିର୍ଦ୍ଧାରିତ ଦେୟ ଅପରିବର୍ତ୍ତିତ ରଖିଲେ ନିର୍ଦ୍ଧାରିତ ଅବଧିର ପାଖାପାଖି ୩୮ ମାସ ପୂର୍ବରୁ ଋଣଟି ସମ୍ପୂର୍ଣ୍ଣ ପରିଶୋଧ ହୋଇଯିବ। ଏହାଦ୍ୱାରା ଋଣ ଉପରେ ପୂର୍ବାପେକ୍ଷା ଟ୧୨ .୦୯ ଲକ୍ଷ କମ୍ ସୁଧ ଲାଗିବ। ଋଣରୁ ଶୀଘ୍ର ମୁକ୍ତି ମଳିବ। ମନରେ ଶାନ୍ତି ଆସିବ। ଉକ୍ତ ଋଣର ଅବଧି ଅପରିବର୍ତ୍ତିତ ରଖି ନିର୍ଦ୍ଧାରିତ ମାସିକ ଦେୟ ହ୍ରାସ କରିବା ବିକଳ୍ପକୁ ବାଛିଲେ, ମାସିକ ଦେୟ ହେବ ଟ୩୭, ୩୮୧। ଏହା ପୂର୍ବ ମାସିକ ଦେୟଠାରୁ ଟ୪, ୪୪୧ କମ। ସମ୍ପୂର୍ଣ୍ଣ ଋଣ ପରିଶୋଧ କରିବା ପରେ ପୂର୍ବାପେକ୍ଷା ୪ .୧୮ ଲକ୍ଷ ଟଙ୍କାର କମ୍ ସୁଧ ଲାଗିବ। ମାସିକ ଦେୟ ହ୍ରାସ ହେତୁ ଋଣ ପରିଶୋଧର ଚାପ କମିଯିବ। ନଗଦ ପ୍ରବାହ ବଢ଼ିବ ଏବଂ ଖର୍ଚ୍ଚ ପାଇଁ ପାଖରେ ଅଧିକ ଅର୍ଥ ରହିବ। ଫଳରେ ବିଭିନ୍ନ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ପାଣ୍ଠି ଆବଣ୍ଟନ ଓ ପାଣ୍ଠି ପରିଚାଳନା ସୁବିଧା ହୋଇପାରିବ।

ପ୍ରତ୍ୟେକ ବ୍ୟାଙ୍କର ପ୍ରିପେମେଣ୍ଟ ସମ୍ବନ୍ଧରେ ସ୍ୱତନ୍ତ୍ର ନିୟମ ଥାଏ। ଋଣଗ୍ରହୀତା ପ୍ରିପେମେଣ୍ଟ କରିବା ପୂର୍ବରୁ ବ୍ୟାଙ୍କର ନିୟମ ଜାଣିବା ଜରୁରୀ। ଫଳରେ ପ୍ରିପେମେଣ୍ଟ ବା ଅଗ୍ରୀମ ପରିଶୋଧ ସମ୍ବନ୍ଧୀୟ ସଠିକ ତଥ୍ୟ ମିଳିବା ସହ ଅନାବଶ୍ୟକ ଜୋରିମାନାକୁ ଏଡ଼ାଇ ହେବ। ଗୃହ ଋଣର ପ୍ରିପେମେଣ୍ଟ କରିବା କିଛି ନୂଆ କଥା ନୁହେଁ। ଏହାଦ୍ୱାରା ଋଣଗ୍ରହୀତାଙ୍କୁ ସୁଧ ଖର୍ଚ୍ଚ କମ୍ ଲାଗେ। ଋଣର ମିଆଦୀ କମ୍ କରିବା, ମାସିକ ଦେୟକୁ ହ୍ରାସ କରିବା ଭଳି ବିକଳ୍ପ ମଧ୍ୟ ରହିଛି, ଯାହା ଋଣଗ୍ରହୀତାଙ୍କୁ ସେମାନଙ୍କର ଆର୍ଥିକସ୍ଥିତି ଏବଂ ଲକ୍ଷ୍ୟ ଅନୁଯାୟୀ ବିକଳ୍ପ ବାଛିବାର ସୁଯୋଗ ଦେଇଥାଏ। ପ୍ରିପେମେଣ୍ଟ କରିବା ପୂର୍ବରୁ ଏ ସମ୍ବନ୍ଧିତ ବ୍ୟାଙ୍କର ନିୟମ, ଟିକସ ବ୍ୟବସ୍ଥା ଏବଂ ଆର୍ଥିକ ପରାମର୍ଶଦାତାଙ୍କ ମତାମତ ସଠିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ। ଅଗ୍ରୀମ ଦେୟର ଦୁଇ ବିକଳ୍ପ ମଧ୍ୟରୁ ନିର୍ଦ୍ଧାରିତ ମାସିକ ଦେୟକୁ ଅପରିବର୍ତ୍ତିତ ରଖିବା ହେଉଛି ବୁଦ୍ଧିମାନର କାମ। ଏଥିରେ ଋଣର ଅବଧି କମିଯାଏ। ଋଣରେ ଅନ୍ୟ ବିକଳ୍ପ ଅପେକ୍ଷା ସୁଧ ଖର୍ଚ୍ଚ କମ୍ ହୋଇଥାଏ। ସାଧାରଣତଃ, ଗୃହ ଋଣରେ ସୁଧ ହାର କମ ଥାଏ। ଋଣର ଅଗ୍ରୀମ ଦେୟ ପରିବର୍ତ୍ତେ ସେହି ରାଶିକୁ ବଜାରରେ ଅଧିକ ଦରରେ ଖଟାଇ ପାରିଲେ ସେଥିରୁ ମିଳୁଥିବା ଲାଭ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାଏ। ଏଣୁ ଗୃହ ଋଣର ଅଗ୍ରୀମ ଦେୟ ପଇଠ ସମୟରେ ବିଭିନ୍ନ ବିକଳ୍ପକୁ ଭଲ ବାବଦରେ ବିଚାର କରିବା ଆବଶ୍ୟକ।

(ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ)
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

## କନ୍ୟାସନ୍ତାନ-ପରିବେଶ ଯତ୍ନର ଅନନ୍ୟ ଉଦାହରଣ

**ମିନାକ୍ଷୀ ଦ୍ୱିବେଦୀ**

ଭାରତ କେବଳ ଏହାର ସୁନ୍ଦର ଦୃଶ୍ୟ ପାଇଁ ଜଣାଶୁଣା ନୁହେଁ, ଏଠାରେ ଲକ୍ଷ ଲକ୍ଷ ଅନନ୍ୟ ସ୍ଥାନର ନିଜସ୍ୱ କାହାଣୀ ଅଛି। ସେହିପରି ଏକ କାହାଣୀ ହେଉଛି ରାଜସ୍ଥାନର ପିପ୍ଲାଣ୍ଟ୍ରି ଗ୍ରାମର, ଯେଉଁଠି କନ୍ୟା ଜନ୍ମ ହେଲେ ଢୋଲ ନଗାଡ଼ା ବଜାଯାଏ ଏବଂ ୧୧୧ଟି ଗଛ ମଧ୍ୟ ଲଗାଯାଏ।

ପିପ୍ଲାଣ୍ଟ୍ରି ହେଉଛି ଭାରତର ରାଜସ୍ଥାନ ରାଜ୍ୟର ରାଜସମନ୍ଦ ଜିଲ୍ଲାରେ ଅବସ୍ଥିତ ଏକ ଛୋଟ ଗାଁ। ୨୦୦୦ ଦଶକର ପ୍ରାରମ୍ଭରେ ଗାଁଟି ମୃତ୍ତିକା କ୍ଷୟ, ଜଳ ଅଭାବ, ଜନସଂଖ୍ୟା ହ୍ରାସ ସମେତ ଅନେକ ପରିବେଶ ଜନିତ ଓ ସାମାଜିକ ଆହ୍ୱାନର ସମ୍ମୁଖୀନ ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ପିପ୍ଲାଣ୍ଟ୍ରି ଗ୍ରାମବାସୀ ଏକ ଅନନ୍ୟ ଉଦ୍ୟମ କରିଥିଲେ। ଗାଁରେ ଜଣେ କନ୍ୟା ଜନ୍ମ ନେଲେ ୧୧୧ଟି ଚାରା ଲଗାଇବା ଆରମ୍ଭ କଲେ। ଚାରାରୋପଣ ପଦକ୍ଷେପ ପଛରେ କେବଳ ପରିବେଶକୁ ଉନ୍ନତ କରିବା ଏବଂ ମାଟି କ୍ଷୟକୁ ମୁକାବିଲା କରିବା ନୁହେଁ, ବରଂ ଗ୍ରାମର ପ୍ରାକୃତିକ ସମ୍ପଦ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଏକ ସାମୁଦାୟିକ ଉତ୍ତରଦାୟିତ୍ୱର ଭାବନା ସୃଷ୍ଟି କରିବାର ପ୍ରୟାସ ଥିଲା।

ପିପ୍ଲାଣ୍ଟ୍ରିରେ ଚାରାରୋପଣ ପଦକ୍ଷେପ ଗ୍ରାମ ଏବଂ ଏହାର ସମ୍ପ୍ରଦାୟ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇଛି। ଏହା ସ୍ଥାନୀୟ ପରିବେଶକୁ ଉନ୍ନତ କରିବାରେ, ଜଳର ଉପଲବ୍ଧତା ବୃଦ୍ଧି କରିବାରେ ଏବଂ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି ପାଇଁ ବାସସ୍ଥାନ ଯୋଗାଇବାରେ ସହାୟକ ହୋଇଛି। ପରିବେଶଗତ ଏବଂ ସାମାଜିକ ଲାଭ ସହିତ ପିପ୍ଲାଣ୍ଟ୍ରିରେ ଚାରାରୋପଣ ପଦକ୍ଷେପର ଅନେକ ଆର୍ଥିକ ଲାଭ ମଧ୍ୟ ହୋଇଛି। କାଠ ଓ ଉଦ୍ଭିଦ ଉତ୍ପାଦିତ ଜିନିଷ ବିକ୍ରୟ ମାଧ୍ୟମରେ ଗଛଗୁଡ଼ିକ ଗ୍ରାମବାସୀଙ୍କ ପାଇଁ ଆୟର ଏକ ଉତ୍ସ ଯୋଗାଇଛି। ସେମାନେ ଗ୍ରାମକୁ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକର୍ଷିତ କରିପାରୁଛନ୍ତି ଏବଂ ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିଛନ୍ତି। କିପରି ଏକ ଛୋଟ ସମ୍ପ୍ରଦାୟ ପରିବେଶଗତ ଏବଂ ସାମାଜିକ ଆହ୍ୱାନକୁ ମୁକାବିଲା ପାଇଁ ପଦକ୍ଷେପ ନେଇପାରିବ ଏବଂ ସକାରାତ୍ମକ ପରିବର୍ତ୍ତନ ସୃଷ୍ଟି କରିପାରିବେ ତାହାର ଅନ୍ୟନ୍ୟ ଓ ଅଭିନବ ଉଦାହରଣ ହେଉଛି ପିପ୍ଲାଣ୍ଟ୍ରି।




ଏହି କାର୍ଯ୍ୟକ୍ରମ ଗ୍ରାମର ପୂର୍ବତନ ସରପଞ୍ଚ ଶ୍ୟାମ ସୁନ୍ଦର ପାଲିୱାଲ ତାଙ୍କ ଝିଅ କିରଣଙ୍କ ସ୍ମୃତିରେ ଆରମ୍ଭ କରିଥିଲେ, ଯିଏ ୧୮ ବର୍ଷ ବୟସରେ ଜଳ ଅଭାବ ଯୋଗୁଁ ମୃତ୍ୟୁବରଣ କରିଥିଲେ। ଗାଁରେ କେବେ ବି ପାଣିର ଅଭାବ ନ ହେବା ପାଇଁ ଗାଁର ସବୁଜ ଆବରଣ ବୃଦ୍ଧି କରିବା ଏବଂ ସ୍ଥାନୀୟ ପରିବେଶକୁ ଉନ୍ନତ କରିବା ପାଇଁ ପାଲିୱାଲ ଚାରାରୋପଣ ଜରିଆରେ ସଂକଳ୍ପ ନେଇଥିଲେ। ପ୍ରତିବର୍ଷ ପିପ୍ଲାଣ୍ଟ୍ରିରେ ହାରାହାରି ପ୍ରାୟ ୬୦ ଜଣ ଝିଅ ଜନ୍ମ ହୁଅନ୍ତି ଏବଂ ଫଳସ୍ୱରୂପ ଚାରାରୋପଣ କାର୍ଯ୍ୟକ୍ରମ ଗ୍ରାମର ସବୁଜ ଆବରଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ପରିବେଶ ଓ ସମାଜ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇଛି। ରୋପଣ କରାଯାଇଥିବା ଚାରାଗୁଡ଼ିକ ଗାଁରେ ଜଳର ଉପଲବ୍ଧତା ବୃଦ୍ଧି କରିବାରେ ସାହାଯ୍ୟ କରିଛି। ମାଟିରେ ଆର୍ଦ୍ରତା ବଜାୟ ରଖିବା ଏବଂ ଅଧିକ ଆର୍ଦ୍ର ସୂକ୍ଷ୍ମ ଜଳବାୟୁ ସୃଷ୍ଟି କରିପାରିଛି। ୮୦୦ ଫୁଟ ତଳେ ଥିବା ଜଳସ୍ତର ମାତ୍ର ୫ ବର୍ଷ ମଧ୍ୟରେ ୧୫ ଫୁଟ ଉପରକୁ ଭୂମିସ୍ତରକୁ ଉଠି ପାରିଛି। ଏହି ପଦକ୍ଷେପର ଅଂଶ ଭାବରେ ରୋପଣ କରାଯାଇଥିବା ଚାରାଗୁଡ଼ିକ ବିଭିନ୍ନ ପ୍ରକାରର ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତି ପାଇଁ ବାସସ୍ଥାନ ପ୍ରଦାନ କରିଛି, ଯାହା ଜୈବବିବିଧତା ବୃଦ୍ଧି ଓ ସୁରକ୍ଷାରେ ସହାୟକ ହୋଇଛି। ଚାରାରୋପଣ ଉଦ୍ୟମ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ ମାଲିକାନା ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରିଛି।। କାରଣ ସେମାନେ ଗଛଗୁଡ଼ିକର ଯତ୍ନ ଏବଂ ସୁରକ୍ଷା ପାଇଁ ସଚେତନ ରହୁଛନ୍ତି।

ଭାରତରେ ଝିଅମାନଙ୍କୁ ଏକ ବଡ଼ ସମସ୍ୟା ବୋଲି ବିଚାର କରାଯାଏ। କାରଣ ସମାଜ ପୁଅ ସନ୍ତାନ ପ୍ରତି ଅତିଷ୍ଠ ଓ ବ୍ୟାକୁଳ ଏବଂ ଯୌତୁକ ପ୍ରଥା ଯୋଗୁଁ ଝିଅମାନଙ୍କୁ ଆର୍ଥିକ ବୋଝ ବୋଲି ବିବେଚନା କରନ୍ତି। କିନ୍ତୁ ପିପ୍ଲାଣ୍ଟ୍ରିରେ ୧୧୧ ଚାରାରୋପଣ ସଂକଳ୍ପ ଓ କାର୍ଯ୍ୟକ୍ରମ ଝିଅମାନଙ୍କ ପ୍ରତି ଏକ ସକାରାତ୍ମକ ମନୋଭାବ ସୃଷ୍ଟି କରିଛି, ଯାହା ଫଳରେ ଗାଁର ସାମାଜିକ ଗତିଶୀଳତାରେ ପରିବର୍ତ୍ତନ ଆସି ପାରିଛି। ପିପ୍ଲାଣ୍ଟ୍ରି ଗ୍ରାମ ପରିବେଶଗତ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଦେଶରେ ଏକ ଉଦାହରଣ ପାଲଟିଛି ଏବଂ 'ଓଏସିସ୍' ମାନ୍ୟତା ମଧ୍ୟ ମିଳିଛି। ପିପ୍ଲାଣ୍ଟ୍ରିର ଏହି ଉଦ୍ୟମ ଦେଖାଇ ଦେଇଛି ଯେ, ଛୋଟ ଏକ ସମୁଦାୟ ମଧ୍ୟ ଏକ ମିଳିତ ପ୍ରୟାସ ଦ୍ୱାରା ବଡ଼ ପରିବର୍ତ୍ତନ ଆଣିପାରିବ। ଏହି ଅନନ୍ୟ ସାମୂହିକ ଅଭ୍ୟାସ କେବଳ ଜୀବନର ଉତ୍ସବର ପ୍ରତୀକ ନୁହେଁ, ବରଂ ପରିବେଶ ଏବଂ କନ୍ୟାସନ୍ତାନ ଉଭୟକୁ ପାଳନ ଏବଂ ସୁରକ୍ଷା ଦେବାର ପ୍ରତିଜ୍ଞା ଭାବରେ ମଧ୍ୟ କାର୍ଯ୍ୟ କରୁଛି।

ପରିବାରମାନେ ସେମାନଙ୍କ ଝିଅମାନଙ୍କୁ ପାଳନ କରିବା ସହିତ ଲଗାଇଥିବା ଚାରାଗୁଡ଼ିକର ଯତ୍ନ ନେବାର ଦାୟିତ୍ୱ ଗ୍ରହଣ କରନ୍ତି, ଗଛର ବୃଦ୍ଧି ଏବଂ ଝିଅମାନଙ୍କ ସଶକ୍ତୀକରଣ ମଧ୍ୟରେ ଏକ ଗଭୀର ସମ୍ପର୍କ ସ୍ଥାପନ କରନ୍ତି। ସଂରକ୍ଷଣ ଏବଂ ଲିଙ୍ଗ ସମାନତା ପାଇଁ ସାମଗ୍ରିକ ଦୃଷ୍ଟିକୋଣ ଗାଁକୁ ସ୍ଥାୟୀ ଜୀବନ ଏବଂ ସାମାଜିକ ପ୍ରଗତିରେ ପରିଣତ କରିଛି। ପରିବାରର ସଦସ୍ୟମାନେ ଗଛଗୁଡ଼ିକ ଫଳବାନ ହେବା ପର୍ଯ୍ୟନ୍ତ ସେମାନଙ୍କର ଯତ୍ନ ନେବାକୁ ସଂକଳ୍ପବଦ୍ଧ ହୋଇଛନ୍ତି। ରକ୍ଷା ବନ୍ଧନ ଉତ୍ସବରେ ଝିଅମାନେ ରାଖୀ ଗଛରେ ବାନ୍ଧିଥା'ନ୍ତି, ଯାହା ଭାଇଭଉଣୀ ଭାବରେ ଅପାର ପ୍ରେମ ଏବଂ ସୁରକ୍ଷାର ପ୍ରତୀକ ହୋଇ ରହିଛି।

ଏହି ସଂକଳ୍ପ ଯୋଗୁଁ ପିପ୍ଲାଣ୍ଟ୍ରିରେ ନିମ, ଶୀଶମ, ଆମ୍ବ, ଆମଳା, ଆଲୋଭେରା ସମେତ ପ୍ରାୟ ଚାରି ଲକ୍ଷରୁ ଅଧିକ ଗଛ ସମୃଦ୍ଧ ହୋଇପାରିଛି। ଏହି ସବୁଜ ବିପ୍ଳବ କେବଳ ଗାଁର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବୃଦ୍ଧି କରେ ନାହିଁ ବରଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଜୈବ ବିବିଧତା ସଂରକ୍ଷଣରେ ମଧ୍ୟ ଯୋଗଦାନ ଦେଇଛି।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

## ମୂଷାର ସ୍ୱର ଉଚ୍ଚ ହେଲା

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ମୂଷାମାନେ ସାଧାରଣତଃ କେବେ କେମିତି ଚିଁ ଚିଁ ଶବ୍ଦ କରିଥା'ନ୍ତି। ଏହାରି ମାଧ୍ୟମରେ ଛୁଆ ତାଙ୍କ ମା' ସହିତ ଏବଂ ପ୍ରାପ୍ତ ବୟସ୍କ ତାଙ୍କ ପ୍ରଜନନ ସାଥୀ ସହିତ ଯୋଗାଯୋଗ କରନ୍ତି। ତେବେ ନିକଟରେ ଆମେରିକାର ରକ୍‌ଫେଲର ବିଶ୍ୱବିଦ୍ୟାଳୟର ଗବେଷକମାନେ ତାଙ୍କଠାରେ ପ୍ରତିରୋପଣ କରିଛନ୍ତି 'ନୋଭା ୧', ମଣିଷର ଏକ ଜାତୀୟ ଜିନ୍। ଫଳରେ ସେମାନଙ୍କ ସ୍ୱର ବଦଳିଯାଉଛି।

ଏହି ଜିନ୍‌ର ପୂରାନାମ ହେଲା 'ନ୍ୟୁରୋ ଅଙ୍କଲୋଜିକାଲ୍ ଭେଂଟ୍ରାଲ ଆଣ୍ଟିଜିନ୍'। ଜୀବମାନଙ୍କର ମସ୍ତିଷ୍କର ବିକାଶ ଏବଂ ସ୍ନାୟବିକ କାର୍ଯ୍ୟକଳାପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଏହା ଏ ପ୍ରକାର ଆର୍‌ଏନ୍‌ଏ ଅନୁବନ୍ଧିତ ପ୍ରୋଟିନ୍ ଉତ୍ପନ୍ନ କରାଏ। ଯାହାକି ଏଥିପାଇଁ ଅତ୍ୟାବଶ୍ୟକ। ତେବେ ମଣିଷଠାରେ ଥିବା ଏହି ଜିନ୍‌ର ଅନୁକ୍ରମରେ ମୂଷା ଆଦିଙ୍କ ତୁଳନାରେ କିଛି ବିଶେଷଧରଣର ପାର୍ଥକ୍ୟ ରହିଛି। ସେଥିପାଇଁ ଆମେ ବିଭିନ୍ନ ସ୍ୱର ଏବଂ ଭାଷାରେ କଥୋପକଥନ କରିପାରୁଛୁ, ଯାହାକି ଅନ୍ୟ ପ୍ରାଣୀମାନେ କରିବାକୁ ଅସମର୍ଥ। ମନେକରାଯାଏ ଯେ, ଏହା ହିଁ ଆମକୁ 'ଡେନିସୋଭାନ୍‌ସ୍' ଏବଂ 'ନିଏଣ୍ଡରଥାଲ୍'ମାନଙ୍କଠାରୁ ଭିନ୍ନ ରୂପେ ବିକଶିତ ହେବାକୁ ତଥା ବାର୍ତ୍ତାଳାପ ମାଧ୍ୟମରେ ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରିବାରେ ସାହାଯ୍ୟ କରିଥିଲା।

ଉପରୋକ୍ତ ଗବେଷକମାନେ ମୂଷାଙ୍କ 'ଜିନୋମ୍' (ସମ୍ପୂର୍ଣ୍ଣ ଜିନୀୟ ବ୍ୟବସ୍ଥା)ରେ ମଣିଷର ଏହି ଜିନ୍ ପ୍ରତିରୋପଣ କରି କଥା କହିବା ପ୍ରକ୍ରିୟାର କିପରି ବିକାଶ ଘଟିଲା, ତାହାର ରହସ୍ୟ ଉନ୍ମୋଚନ କରିବାରେ ଲାଗିଛନ୍ତି। ଏହି ରୂପାନ୍ତର ପ୍ରକ୍ରିୟା ବିଶେଷକିଛି ଅଧିକ ନୁହେଁ, କିନ୍ତୁ ତାହା ଅତ୍ୟନ୍ତ ପ୍ରଭାବଶାଳୀ। କାରଣ ଏହା ସେମାନଙ୍କୁ ଚିଁ ଚିଁ ସ୍ୱର ସୃଷ୍ଟି କରିବାରୁ ମଣିଷ ଭଳି ଉଚ୍ଚ ସ୍ୱରର ଅଧିକାରୀ ହେବାରେ ସାହାଯ୍ୟ କରିଛି। ଅତଏବ ତହିଁରୁ ଆମଠାରେ ସ୍ମରଣଶକ୍ତି କିପରି ବିକାଶ ଘଟିଲା ତାହାର ସୂଚନା ମିଳିପାରିବ। ଗବେଷକମାନେ ଏ ପରୀକ୍ଷା ପାଇଁ ମୂଷାଙ୍କୁ ବାଛିବାର କାରଣ ମୂଳରେ ରହିଛି ଏହା ସହିତ ଆମ ଜିନୀୟ ପଦାର୍ଥ ଡିଏନ୍‌ଏର ସାମ୍ୟତା- ମୂଷା, ଗୋରୁଗାଇ ଏବଂ ହାତୀଠାରେ ଏହା ପ୍ରାୟ ୯୦ ଶତାଂଶ। ତେବେ ସେମାନଙ୍କଠାରେ ଏହି ଜିନ୍‌ର ପ୍ରତିରୋପଣ କରିବା ଦ୍ୱାରା ସେମାନଙ୍କ ସ୍ୱରରେ ସିନା ପରିବର୍ତ୍ତନ ଆସିଲା, ସେମାନେ ମଣିଷ ଭଳି ଶବ୍ଦ ଉଚ୍ଚାରଣ କରିବା ସମ୍ଭବ ହେଲାନାହିଁ କି ହୋଇପାରିବ ନାହିଁ। ଏହା ମୂଳରେ ରହିଛି ସେମାନଙ୍କ ଶାରୀରିକ, ବିଶେଷକରି ସ୍ୱର ବ୍ୟବସ୍ଥାର ଗଠନରେ ଥିବା ତାରତମ୍ୟ।

ସାଧାରଣତଃ ମୂଷା ଛୁଆମାନେ ତାଙ୍କ ମା'ମାନଙ୍କ ସହିତ ଯୋଗାଯୋଗ ପାଇଁ ପାରସ୍ପରିକ ଧ୍ୱନି ବା 'ଅଲଟ୍ରା ସାଉଣ୍ଡ' ବ୍ୟବହାର କରିଥା'ନ୍ତି। ତାଙ୍କର ଏ ଧ୍ୱନି ଚାରି ପ୍ରକାର (ଏସ୍, ଡି, ୟୁ, ଏମ୍)। ତାହା ତାଙ୍କର ପ୍ରତିକ୍ରିୟାର ବିଭିନ୍ନତା ପ୍ରକଟ କରେ। କିନ୍ତୁ ରକ୍‌ଫେଲର ବିଶ୍ୱବିଦ୍ୟାଳୟର ଗବେଷକମାନେ ତାଙ୍କ 'ଜିନୋମ'ରେ ମଣିଷର 'ନୋଭା-୧' ଜିନ୍ ପ୍ରତିରୋପଣ କରିଦେଲା ପରେ ତାଙ୍କର ସ୍ୱରଗତ ସାମର୍ଥ୍ୟକୁ ପ୍ରଭାବିତ କରିଥିବାର ପ୍ରମାଣିତ ହେଲା। ମୂଷାମାନଙ୍କ ବୟସ ବୃଦ୍ଧି ସଂଗେ ସଂଗେ ଏହା (ସ୍ୱରଗତ ପ୍ରତିରୂପ) ଆହୁରି ଅଧିକ ବିକଶିତ ହେଲା।

ଏହି ଆବିଷ୍କାର ଏକ ବୃହତ୍ତର ସତ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ। ତାହା ହେଲା ଯେ ଜିନ୍‌ଗୁଡ଼ିକ କେବଳ ମସ୍ତିଷ୍କ ଓ ସ୍ନାୟୁ ବ୍ୟବସ୍ଥାର ରୂପରେଖ ନିର୍ଦ୍ଧାରଣ କରନ୍ତି ନାହିଁ। ଏଥିସହିତ ସେଗୁଡ଼ିକ ଜୀବଟି କିପରି ଅନ୍ୟ ସହିତ ସମ୍ପର୍କ ଏବଂ ଯୋଗାଯୋଗ ସ୍ଥାପନ କରେ ତାହା ମଧ୍ୟ ସ୍ଥିର କରିଥାଏ। ପୁନଶ୍ଚ 'ନୋଭା ୧' ଜିନ୍ ନିଜେ ମସ୍ତିଷ୍କ ଏବଂ ସ୍ୱରର ରୂପରେଖକୁ ପ୍ରଭାବିତ କରିବା ସହିତ ଆଉ କେତେକ ଜିନ୍‌କୁ ତାହା କରିବାକୁ ପ୍ରରୋଚିତ କରୁଥିବାର ସେଥିରୁ ଜଣାପଡ଼ିଛି।

ଗବେଷକ ଦଳର ମୁଖ୍ୟ ପ୍ରଫେସର ରବର୍ଟ ଡେରନେଲ୍‌ଙ୍କ ମତରେ ଏହାକୁ ବିଜ୍ଞାନରେ ଏକ ବିସ୍ମୟକର ମୁହୂର୍ତ୍ତ ବୋଲି କୁହାଯାଇପାରିବ। 'ନୋଭା ୧' ଜିନ୍‌ର ଏ ପ୍ରକାର ସଂସ୍କରଣଟି ପ୍ରଥମେ ଆଫ୍ରିକୀୟମାନଙ୍କଠାରେ ଦେଖାଦେଇଥିଲା। ତତ୍ପରେ ତାହା ହେଲା ବିଶ୍ୱବ୍ୟାପୀ, ଯାହାକି ମଣିଷର ଶବ୍ଦ ଉଚ୍ଚାରଣ ସାମର୍ଥ୍ୟକୁ ବିକଶିତ କଲା ଏବଂ ଭାବର ଆଦାନ ପ୍ରଦାନ କରିପାରୁଥିବା ମଣିଷ (ହୋମୋସାପିଏନ୍)କୁ ତିଷ୍ଠି ରହିବାକୁ ଦେଲା। ଅନ୍ୟପକ୍ଷରେ ଏହାର ଅନୁପସ୍ଥିତି ଉପମାନବ (ହୋମିନି) ମାନଙ୍କର ବିଲୁପ୍ତିର କାରଣ ହେଲା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପିଏମଏଲଏ ଅଧିନିୟମରେ ସମ୍ପତ୍ତି ଜବତ ବେଳେ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କର: ହାଇକୋର୍ଟ

**କଟକ,୧୨।୫(ସମିସ):** ପ୍ରିଭେନସନ୍ ଅଫ୍ ମନିଲଣ୍ଡରିଂ (ପିଏମଏଲଏ) ଆକ୍ଟ ଅନୁସାରେ ପ୍ରାଧିକୃତ ଅଧିକାରୀ ସମ୍ପତ୍ତି ଜବତ ତଥା ବ୍ୟାଙ୍କ ଜମାଖାତାକୁ ଅଚଳ କରିବା ବେଳେ ଏହି ଆକ୍ଟ ବା ଅଧିନିୟମ ଅନ୍ତର୍ଗତ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ଯାଞ୍ଚ ଅଭିଯାନ ପୂର୍ବରୁ ଓ ସମ୍ପତ୍ତି ଜବତ ପରେ ସମ୍ପୃକ୍ତ ଅଧିକାରୀ ଜବତ କରିଥିବା ସାମଗ୍ରୀ ସହ ନିର୍ଣ୍ଣାୟକ ଅଧିକାରୀଙ୍କ ନିକଟକୁ ଏକ ମୁଦା ଲଫାପାରେ ନିର୍ଦ୍ଦିଷ୍ଟ କାରଣ ଦର୍ଶାଇବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଶ୍ରୀ ମନୋଲିଥିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ସମ୍ପୃକ୍ତ ଆବେଦନକାରୀ କମ୍ପାନୀ ନାମରେ ଥିବା ବିଏମଡବ୍ଲୁ କାର୍‌କୁ ଫେରସ୍ତ ସହ କମ୍ପାନୀର ବ୍ୟାଙ୍କ ଜମାଖାତାକୁ ସଚଳ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ରତିକାନ୍ତ ରାଉତ ନାମକ

**ଜବତ ବିଏମଡବ୍ଲୁ କାର ଫେରସ୍ତ ସହ ବ୍ୟାଙ୍କ ଖାତା ସଚଳ କରିବାକୁ ନିର୍ଦ୍ଦେଶ**

ଜଣେ ବ୍ୟକ୍ତିଙ୍କ ବିରୋଧରେ ବେଆଇନ ଖଣି ଉତ୍ତୋଳନ, ବିସ୍ଫୋରକ ସାମଗ୍ରୀ ଚାଲାଣ ଆଦି ପ୍ରସଙ୍ଗରେ ଇଡି ପକ୍ଷରୁ ତଦନ୍ତ ଜାରି ରହିଥିଲା। ରତିକାନ୍ତଙ୍କ ସହ କଟକ ମର୍କତନଗର ନିବାସୀ ଶ୍ରୀ କନଷ୍ଟ୍ରକ୍ସନର ନିର୍ଦ୍ଦେଶକ ଚନ୍ଦ୍ରଶେଖର ସାମଲଙ୍କ ଲିଙ୍କ୍ ରହିଥିବା ଅଭିଯୋଗରେ ଇଡି ପକ୍ଷରୁ ଚଢ଼ଉ କରାଯାଇଥିଲା। ସେତେବେଳେ ଚନ୍ଦ୍ରଶେଖରଙ୍କ ଘର ସମ୍ମୁଖରେ ପାର୍କିଂ ହୋଇଥିବା ଏକ ବିଏମଡବ୍ଲୁ କାର୍‌କୁ ଇଡି ଜବତ କରିଥିଲା। ଏହି କାର୍‌ଟି ଆବେଦନକାରୀ ଶ୍ରୀ ମନୋଲିଥିକ୍ସ କମ୍ପାନୀ ନାମରେ ଥିବା ବେଳେ ଏହାକୁ କମ୍ପାନୀର ନିର୍ଦ୍ଦେଶିକା ତଥା ଚନ୍ଦ୍ରଶେଖରଙ୍କ ଝିଅ ଶୁଭଶ୍ରୀ ପ୍ରିୟଦର୍ଶିନୀ ନିଜ ଘରକୁ ଆଣିଥିଲେ। ପରେ ଇଡି ପକ୍ଷରୁ ମଧ୍ୟ ଆବେଦନକାରୀ କମ୍ପାନୀର ବ୍ୟାଙ୍କ ଜମା ଖାତା ଅଚଳ କରିଦିଆଯାଇଥିଲା। ଏହା ବିରୋଧରେ ଆବେଦନକାରୀ କମ୍ପାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପିଏମଏଲଏ ଆକ୍ଟ ଅନୁସାରେ ରୁଜୁ ମାମଲାରେ ଆବେଦନକାରୀ କମ୍ପାନୀ କିମ୍ବା ଚନ୍ଦ୍ରଶେଖରଙ୍କ କୌଣସି ଲିଙ୍କ୍ ରହିଥିବା ତଦନ୍ତକାରୀ ସଂସ୍ଥା ପକ୍ଷରୁ ଶୁଣାଣି ବେଳେ ଦର୍ଶାଯାଇପାରି ନଥିଲା।

**କଲେଜ ଅଧ୍ୟାପକ ନିଯୁକ୍ତିରେ ୟୁଜିସି ମାନଦଣ୍ଡକୁ ଉପେକ୍ଷା**

## ମିଳୁନି ଆଶାଜନକ ନାକ୍ ମାନ୍ୟତା

**ଭୁବନେଶ୍ୱର,୧୨।୫(ସମିସ):** ନାକ୍ ମାନ୍ୟତା ପାଇବାକୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରୟାସ କରୁଛନ୍ତି। ସେମାନଙ୍କୁ ସହଯୋଗ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରଶିକ୍ଷଣ ଦିଆଯାଉଛି। ତଥ୍ୟ ଏକତ୍ରୀକରଣ ଓ ଉପସ୍ଥାପନ କିପରି କରିବେ ବରିଷ୍ଠ ଓ ଅଭିଜ୍ଞଙ୍କୁ ନେଇ କର୍ମଶାଳା କରୁଛନ୍ତି; ହେଲେ ଶିକ୍ଷାନୁଷ୍ଠାନଗୁଡ଼ିକ ଆଶାଜନକ ମାନ୍ୟତା ପାଇପାରୁ ନାହାନ୍ତି। ଅଧ୍ୟାପକ ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ଏଥିରେ ପ୍ରମୁଖ ପ୍ରତିବନ୍ଧକ ସାଜିଛି। ଏପରିକି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଅଧ୍ୟାପକ ପଦରେ ନିଯୁକ୍ତି ହେଉ ନଥିବା ଅଭିଯୋଗ ହୋଇଛି।

ୟୁଜିସି ନିୟମ ଅନୁଯାୟୀ ଡିଗ୍ରୀ କଲେଜରେ ସହକାରୀ ପ୍ରଫେସର ଭାବେ ନିଯୁକ୍ତି ପାଇବା ପାଇଁ ସ୍ନାତକୋତ୍ତରରେ ଅନ୍ୟୁନ ୫୫ ପ୍ରତିଶତ ମାର୍କ ଥିବା ଆବଶ୍ୟକ। ଏହାସହ ଜାତୀୟ ପରୀକ୍ଷଣ ସଂସ୍ଥାଦ୍ୱାରା ଅନୁଷ୍ଠିତ ହେଉଥିବା ଜାତୀୟ ଯୋଗ୍ୟତା ପରୀକ୍ଷା ବା ରାଜ୍ୟ ଯୋଗ୍ୟତା ପରୀକ୍ଷା କିମ୍ବା ପିଏଚ୍‌ଡି କରିଥିବା ଅନିବାର୍ଯ୍ୟ। ହେଲେ ରାଜ୍ୟର ୪୮୮ ବର୍ଗ ସ୍ନାତକ ମହାବିଦ୍ୟାଳୟରେ ଏହାକୁ ସମ୍ପୂର୍ଣ୍ଣ ଉପେକ୍ଷା କରି ନିଯୁକ୍ତି ଦେଉଛନ୍ତି ଉଚ୍ଚଶିକ୍ଷା ବିଭାଗ ଓ କଲେଜ ପରିଚାଳନା କମିଟି। କେବଳ ସ୍ନାତକୋତ୍ତରରେ ସାଧାରଣ ଓ ଓବିସି ବର୍ଗଙ୍କ ପାଇଁ ସର୍ବନିମ୍ନ ୫୫ ପ୍ରତିଶତ ନମ୍ବର ଧାର୍ଯ୍ୟ କରାଯାଇଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ସର୍ବନିମ୍ନ ୫୦ ପ୍ରତିଶତ ମାର୍କକୁ ମାନଦଣ୍ଡ ରଖି ନିଯୁକ୍ତି ଦିଆଯାଉଛି।

ନାକ୍ ଟିମ୍ ସଦସ୍ୟ ଥିବା ଅଧ୍ୟାପକ ଅଶୋକ କୁମାର ମହାନ୍ତିଙ୍କ କହିବା କଥା, ନାକ୍ ପ୍ରସ୍ତୁତି ସମୟରେ ଅନେକ ଶିକ୍ଷାନୁଷ୍ଠାନ ଭୁଲ୍ ଓ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି। ୟୁଜିସି ଯୋଗ୍ୟତା ମାନଦଣ୍ଡ ପୂରଣ କରୁ ନଥିବା ଅଧ୍ୟାପକ ନିଯୁକ୍ତ ହେଉଥିବାରୁ ନାକ୍ ମାନ୍ୟତା ପ୍ରଭାବିତ ହେଉଛି। ସମ୍ପ୍ରତି ସରକାର ଏଥିରେ ସୁଧାର ଆଣିବା ଆବଶ୍ୟକ। ନିଯୁକ୍ତି ଯୋଗ୍ୟତା ମାନଦଣ୍ଡକୁ କଡ଼ାକଡ଼ି କରିବା ସହ ପର୍ଯ୍ୟାପ୍ତ ଅଧ୍ୟାପକ/ଅଧ୍ୟାପିକା ନିଯୁକ୍ତି କରାଗଲେ ଆଶାଜନକ ମାନ୍ୟତା ମିଳିପାରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଜାର @୩୦୦୦...

ଟଙ୍କାର ହ୍ରାସ ଘଟିଛି। ତେବେ ଦୀର୍ଘ ୪ ବର୍ଷ ପରେ ପୁଞ୍ଜି ବଜାରରେ ଗୋଟିଏ କାରବାର ଦିବସରେ ସେନ୍‌ସେକ୍ସରେ ଏହା ସବୁଠୁ ବଡ଼ ବୃଦ୍ଧି ବୋଲି କୁହାଯାଉଛି। ଷ୍ଟକ୍ ବଜାରରେ ଏହି ବୃଦ୍ଧି ଯୋଗୁ ନିବେଶକମାନେ ଆଜି ଗୋଟିଏ ଦିନରେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କାର ଲାଭ କମାଇଛନ୍ତି।

ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ସୋମବାର ସେନ୍‌ସେକ୍ସରେ ୨୯୭୫.୪୩ ପଏଣ୍ଟ ବା ୩.୭୪ ପ୍ରତିଶତ ବୃଦ୍ଧି ଘଟି ୮୨,୪୨୯.୯୦ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି)ରେ ୯୧୬.୭୦ ପଏଣ୍ଟ ବା ୩.୮୨ ପ୍ରତିଶତ ବୃଦ୍ଧି ହୋଇ ୨୪,୯୨୪.୭୦ ପଏଣ୍ଟରେ କାରବାର ଶେଷ ହୋଇଛି। ତେବେ ୨୦୨୧ ଫେବୃଆରୀ ପରେ ଭାରତୀୟ ଷ୍ଟକ୍ ବଜାରରେ ଆଜି ସବୁଠାରୁ ବଡ଼ ଇନ୍‌ଟ୍ରା ଡେ’ ବୃଦ୍ଧି ଦେଖିବାକୁ ମିଳିଛି। ଆଜିର ଏହି ବୃଦ୍ଧି ଯୋଗୁଁ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୧୬ ଲକ୍ଷ କୋଟି ଟଙ୍କାରୁ ଅଧିକ ବଢିଛି।

ଭାରତ-ପାକିସ୍ତାନ ଅସ୍ତ୍ରବିରତି ସହ ଆମେରିକା-ଚୀନ ମଧ୍ୟରେ ଶୁଳ୍କ ବୁଝାମଣା ଘୋଷଣା ମଧ୍ୟ ନିବେଶକଙ୍କ ଆଜି ପୁଞ୍ଜି ବଜାରରେ ଉତ୍ସାହର ଅନ୍ୟତମ କାରଣ ଥିଲା। ଏହାର ପ୍ରଭାବରେ ନିଫ୍ଟିର ଆଇଟି ଇଣ୍ଡେକ୍ସ ୭.୧ ପ୍ରତିଶତ ବଢିଛି, ଯାହା ଗତ ୫ ବର୍ଷରେ ସବୁଠୁ ବଡ଼ ବୃଦ୍ଧି। ଅସ୍ତ୍ରବିରତି ପରେ ବଜାରରେ ସ୍ଥିରତା ଫେରିବା ଆଶାରେ ଟ୍ରାଭେଲ୍ ବୁକିଂ, ହୋଟେଲ୍ ଓ ଏୟାରଲାଇନ୍ କମ୍ପାନୀଗୁଡିକର ସେୟାର ମୂଲ୍ୟରେ ଭଲ ବୃଦ୍ଧି ଦେଖିବାକୁ ମିଳିଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୪ ପ୍ରତିଶତ ବୃଦ୍ଧି ସହ ବନ୍ଦ ହୋଇଛି।

ଅପରପକ୍ଷେ ଆଜି ଘରୋଇ ସହ ବୈଶ୍ୱିକ ଉତ୍ତେଜନାରେ ହ୍ରାସର ପ୍ରଭାବ ସୁନା ବଜାର ଉପରେ ପଡିଛି। ଏଥିଯୋଗୁ ମାତ୍ର ଦିନକରେ ଘରୋଇ ବଜାରରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୩୦୦୦ ଟଙ୍କା ହ୍ରାସ ଘଟିଛି। ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଅସ୍ତ୍ରବିରତି ଘୋଷଣା ପରେ ସେହି ଉତ୍ତେଜନା କମ୍ ହୋଇଛି। ଚଳିତବର୍ଷ ଜାନୁଆରୀ ପହିଲାଠାରୁ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧୬,୯୧୪ ଟଙ୍କା ବୃଦ୍ଧି ଘଟିଛି। ଆଜି ନୂଆଦିଲ୍ଲୀରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୮,୯୩୦ ଟଙ୍କା ଏବଂ ୨୪ କ୍ୟାରେଟ୍ ସୁନା ୯୭,୦୩୦ ଟଙ୍କା ରହିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫,୪୫୦ ଟଙ୍କାକୁ ବୃଦ୍ଧି ପାଇଛି। ତେବେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭,୫୦୦ ଟଙ୍କାକୁ ହ୍ରାସ ହୋଇଛି। ଅପରପକ୍ଷେ ଏକ କିଲୋ ରୁପା ମୂଲ୍ୟ ଭୁବନେଶ୍ୱରରେ ୯୯,୦୦୦ ଟଙ୍କାରେ ପହଞ୍ଚିଛି।

### ରକ୍ତ ଓ ପାଣି...

ହୋଇନାହିଁ, ସେମାନଙ୍କର ମନୋବଳ ମଧ୍ୟ ଦୋହଲିଯାଇଛି। ସେମାନେ କେବେହେଲେ କଳ୍ପନା କରିନଥିଲେ ଯେ ପହଲଗାମ ଆକ୍ରମଣର ଭାରତ ଏପରି ପ୍ରତିଶୋଧ ନେବ। ଆତଙ୍କବାଦୀମାଦେ ପହଲଗାମରେ ଆମ ଭଉଣୀମାନଙ୍କର ସିନ୍ଦୂର ଉଜାଡ଼ିଥିଲେ, ଆମେ ସେମାନଙ୍କ ଭାଷାରେ ହିଁ ସେମାନଙ୍କର ଆଡ୍ଡାକୁ ଧ୍ୱଂସ କରିଦେଇଛୁ। ଆମର ଏହି କାର୍ଯ୍ୟାନୁଷ୍ଠାନ ବିଶ୍ୱବ୍ୟାପୀ ଆତଙ୍କବାଦୀଙ୍କ ପାଇଁ ବାର୍ତ୍ତା ଦେଇଛି ଯେ ଆତଙ୍କବାଦୀ ଭାରତ ଉପରେ ଆକ୍ରମଣ କଲେ ଆମେ ସେମାନଙ୍କର ମୂଳଦୁଆକୁ ଧ୍ୱଂସ କରିଦେବୁ। ଭାରତ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରି ଏହାର ଅସୀମ ଶୌର୍ଯ୍ୟର ପ୍ରଦର୍ଶନ କରିଛି। ଏଥିରେ ଶତାଧିକ ଆତଙ୍କବାଦୀ ଏବଂ ସେମାନଙ୍କର ଗୁରୁ ସଫା ହୋଇଯାଇଛନ୍ତି।

ପ୍ରଧାନମନ୍ତ୍ରୀ କହିଲେ ଯେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ପାକିସ୍ତାନରେ ଧ୍ୱଂସର ତାଣ୍ଡବ ରଚିଥିଲା। ଏଥିରେ ଭୟଭିତ ହୋଇ ପାକିସ୍ତାନ କାର୍ଯ୍ୟାନୁଷ୍ଠାନକୁ ତୁରନ୍ତ ବନ୍ଦ କରିବା ଲାଗି ଭାରତ ନିକଟରେ ବିକଳ ହୋଇ ଗୁହାରି କରିଥିଲା। ଭାରତ ତାର କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛି, ବନ୍ଦ କରିନାହିଁ। ଭାରତ ସ୍ପଷ୍ଟ ଭାଷାରେ ଜଣାଇ ଦେଇଛି ଯେ ଭାରତରେ କୌଣସି ପ୍ରକାର ଆତଙ୍କକବାଦୀ ଆକ୍ରମଣ ହେଲେ ଏହାର ଦୃଢ଼ତାର ସହ ଜବାବ ଦିଆଯିବ। ଏହି ଯୁଗ ଯୁଦ୍ଧର ନୁହେଁ କି ଆତଙ୍କବାଦର ବି ନୁହେଁ। ଏହା ପାକିସ୍ତାନ୍ନୁ ବୁଝିବାକୁ ପଡ଼ିବ। ପାକିସ୍ତାନ ସିନ୍ଧୁ ନଦୀ ଚୁକ୍ତି ବହାଲ କରିବାକୁ ଚାହୁଥିଲା। କିନ୍ତୁ ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି ଯେ ରକ୍ତ ଓ ପାଣି ଏକ ସମୟରେ ବୋହିପାରିବ ନାହିଁ। ଏବେ ପାକିସ୍ତାନ ସହିତ ଯେଉଁ କଥାବାର୍ତ୍ତା ହେବ, ତାହା କେବଳ ପାକ୍ ଅଧିକୃତ କାଶ୍ମୀରକୁ ଭାରତ ଫେରାଇ ଆଣିବା ଲାଗି ହିଁ କଥାବାର୍ତ୍ତା ହେବ। କଶ୍ମୀର ଉପରେ କୌଣସି ଆଲୋଚନା ହେବନାହିଁ ବୋଲି ସେ ସ୍ପଷ୍ଟ କରିଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଲେ ଯେ ଅପରେସନ ସିନ୍ଦୂର କେବଳ ନାମ ନୁହେଁ, ଏହା ହେଉଛି ଆମ ଭାବାବେଗର ପ୍ରତୀକ। ଭାରତୀୟ ସେନାର ପରାକ୍ରମକୁ ସେ ଦେଶର ମାତା, ଝିଅ ଓ ଭଉଣୀଙ୍କୁ ସମର୍ପିତ କରି କହିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ପ୍ରତ୍ୟେକ ବର୍ଗ, ଜାତି ଓ ଦଳର ଲୋକେ ଏକଜୁଟ ହୋଇ ଦାବି କରିଥିଲେ। ଆମର ଏହି ଏକତା ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାରେ ସହାୟକ ହୋଇଛି। ଆତଙ୍କବାଦୀମାନେ ଧର୍ମ ପଚାରି ହତ୍ୟା କରି ଆମ ଦେଶରେ ଯେଉଁ ବିଦ୍ୱେଷ ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଥିଲେ, ଆମେ ତାହାକୁ ପ୍ରତିହତ କରିଛୁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ଶିଳ୍ପ ଯୁଗର...

ହୋଇଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ଏହି ଅଭିବୃଦ୍ଧି ହାର ଦେଶରେ ସର୍ବାଧିକ ବୋଲି ଜଣାପଡ଼ିଛି। ଓଡ଼ିଶାରେ ଏହି ସଫଳତାକୁ ନେଇ ବେଶ୍ ଖୁସି ପ୍ରକଟ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଗତ ଦଶନ୍ଧିରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ପୂର୍ବ ବିଜେଡି ସରକାର ଏକାଧିକ ନିଷ୍ପତ୍ତି ନେଇଥିଲେ। ସ୍ୱତନ୍ତ୍ର ଶିଳ୍ପ ନୀତି ସହ ଶିଳ୍ପ ପ୍ରସ୍ତାବଗୁଡ଼ିକର ସଅଳ ଏବଂ ତ୍ୱରିତ୍ ଢଙ୍ଗରେ କାର୍ଯ୍ୟନ୍ୱୟନ ପାଇଁ ସରକାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ରାଜ୍ୟରେ ଶୃଙ୍ଖଳିତ ଆଇନ ବ୍ୟବସ୍ଥା ସହ ଶିଳ୍ପ ନୀତିରେ ଏକାଧିକ ଆକର୍ଷଣୀୟ ସୁବିଧା ସୁଯୋଗ ଦେଶ, ବିଦେଶର ପ୍ରତିଷ୍ଠିତ ଶିଳ୍ପପତିଙ୍କୁ ଓଡ଼ିଶାକୁ ଆକୃଷ୍ଟ କରିବାରେ ସକ୍ଷମ ହୋଇଥିଲା। ଫଳରେ ପୂର୍ବ ବିଜେଡି ସରକାର ଓଡ଼ିଶାରେ ଆରମ୍ଭ କରିଥିବା ମେକ୍ ଇନ୍ ଓଡ଼ିଶା ଅଭିଯାନକୁ ଆଖିଦୃଶିଆ ସଫଳତା ମିଳିଥିଲା। ଯାହାକୁ ଆଇସିଆରଏଏଲ ଏହି ରିପୋର୍ଟ ସ୍ପଷ୍ଟ ଭାବେ ସ୍ୱୀକାର କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏ ନେଇ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ ଗତ ସରକାର ମେକ୍ ଇନ୍ ଓଡ଼ିଶା ମାଧ୍ୟମରେ ନିବେଶକଙ୍କୁ ଆକୃଷ୍ଟ କରିବାକୁ ଭରପୁର ଉଦ୍ୟମ କରିଥିବା ବେଳେ ରାଜ୍ୟରେ ଶିଳ୍ପ ବାତାବରଣର ଅଭିବୃଦ୍ଧି ପାଇଁ ଏକାଧିକ ପଦକ୍ଷେପ ନେଇଥିଲେ। ଯାହାଫଳରେ ୨୦୨୪ରେ ଜିଏସଭିଏ(ଗ୍ରସ ଷ୍ଟେଟ ଭ୍ୟାଲୁ ଆଡେଡ)ରେ ଶିଳ୍ପ ସେୟାର ୫୧ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲା। ଯାହା ଦେଶରେ ସର୍ବାଧିକ ବୋଲି ନବୀନ ଉଲ୍ଲେଖ କରିଛନ୍ତି। ସେହିପରି ସ୍ଥିର ମୂଲ୍ୟରେ ଜିଏସଭିଏ ଅଭିବୃଦ୍ଧି ୭ ପ୍ରତିଶତରୁ ଅଧିକ ରହିଛି। ଏହି ଅବିବୃଦ୍ଧି ସାରା ଦେଶରେ ଦ୍ୱିତୀୟ ସର୍ବାଧିକ ହୋଇଥିବା ବେଳେ ସମାନ ଅବଧିରେ ଦେଶର ଅଭିବୃଦ୍ଧି ୫.୮ ପ୍ରତିଶତ ରହିଛି। ନବୀନ କହିଛନ୍ତି ଯେ ଏହି ନିରନ୍ତର ଶିଳ୍ପ ଅଭିବୃଦ୍ଧି କେବଳ ଓଡ଼ିଶାର ଅର୍ଥନୀତିରେ ରୂପାନ୍ତରଣ ଆଣିନାହିଁ ବରଂ ଲୋକଙ୍କ ପାଇଁ ସମୃଦ୍ଧି ଆଣିପାରିଛି। ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସହଯୋଗ ବିନା ଏହା ସମ୍ଭବପର ହୋଇପାରିନଥାନ୍ତା। ଏହି ରୂପାନ୍ତରଣ ଯାତ୍ରାରେ ସହଯାତ୍ରୀ ହୋଇଥିବାରୁ ନବୀନ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କେବଳ ଶିଳ୍ପ ଅଭିବୃଦ୍ଧି ନୁହେଁ, ବରଂ ନିବେଶ ପ୍ରସ୍ତାବ ପ୍ରାପ୍ତିରେ ମଧ୍ୟ ଓଡ଼ିଶା ବିଭିନ୍ନ ସମୟରେ ଦେଶରେ ଏକ ନମ୍ବର ସ୍ଥାନରେ ରହି ଆସିଛି। ୨୦୨୩ ମସିହାରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ୨୦୨୩ ବର୍ଷରେ ସାରା ଦେଶର ବିଭିନ୍ନ ରାଜ୍ୟକୁ ୫ ଲକ୍ଷ ୧୦ ହଜାର ୮୫୨ କୋଟି ନିବେଶ ପ୍ରସ୍ତାବ ଆସିଥିବା ବେଳେ, ଏଥିରୁ ଓଡ଼ିଶାକୁ ସର୍ବାଧିକ ୨ ଲକ୍ଷ ୧୦ ହଜାର ୮୩୭ କୋଟି ଟଙ୍କାର ପ୍ରସ୍ତାବ ମିଳିଥିଲା। ଯାହା ମୋଟ ନିବେଶ ପ୍ରସ୍ତାବର ପ୍ରାୟ ୪୦ ପ୍ରତିଶତ ଥିଲା। ସେହିପରି ଶିଳ୍ପ ଅନୁକୂଳ ବାତାବରଣ କ୍ଷେତ୍ରରେ ଓଡ଼ିଶା ବିଭିନ୍ନ ସମୟରେ ଦେଶରେ ପ୍ରମୁଖ ରାଜ୍ୟମାନଙ୍କ ତାଲିକାରେ ପ୍ରଥମ ୫ ରାଜ୍ୟ ମଧ୍ୟରେ ରହିଆସିଛି। ଯାହା ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱ, ୫-ଟି ଉପକ୍ରମର ପ୍ରଭାବ ଏବଂ ଶୃଙ୍ଖଳିତ ପ୍ରଶାସନିକ ନିଷ୍ପତ୍ତି ପାଇଁ ସମ୍ଭବ ହୋଇପାରିଥିଲା ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରନ୍ତି।

### ପୁଲିସକୁ ଢେଲାମାଡ଼...

‘ଯୋଗାମ୍ମା’ ଯାତ୍ରା କରିବାକୁ ଚାହୁଁଥିବା ବେଳେ ଅନ୍ୟ ଗୋଷ୍ଠୀ ଚଳିତ ମାସ ଶେଷ ଆଡ଼କୁ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି, ଏହାକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ହେବାରୁ ୧୧ ତାରିଖରେ ଯାତ୍ରା ସମ୍ଭବପର ହୋଇନଥିଲା। କେବଳ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ରାତିରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଗ୍ରାମରେ ପ୍ରଶାସନ ପକ୍ଷରୁ ୧୬୩ ଧାରା ଲାଗୁ କରାଯିବା ସହ ୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଗ୍ରାମରେ ତିନିଟି ତହସିଲଦାର ଓ ବରିଷ୍ଠ ପୁଲିସ ଅଧିକାରୀ ଆଇନଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିଲେ। ତେବେ ରବିବାର ରାତିରେ ହଠାତ୍ ୧୦୦ରୁ ୧୫୦ ପୁରୁଷ ଓ ମହିଳା ହାତରେ ଠେଙ୍ଗା, ପଥର, ପେଟ୍ରୋଲ ବୋମା ଓ ହାତବୋମା ଆଦି ଧରି ରାସ୍ତା ଅବରୋଧ କରିବା ସହ ଗାଁରେ ଚାଲିଥିବା ପୂଜାର୍ଚ୍ଚନାକୁ ବନ୍ଦ କରିବାକୁ ଅଡ଼ି ବସିଥିଲେ। ଖବର ପାଇ ପୁଲିସ ତୁରନ୍ତ ମାଜିଷ୍ଟ୍ରେଟ୍‌ଙ୍କ ସହ ଘଟଣାସ୍ଥଳକୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ। ସେଠାରେ ମାଜିଷ୍ଟ୍ରେଟ୍‌ଙ୍କ ସହ ପୁଲିସ୍ ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପାଲଟା ଆନ୍ଦୋଳନକାରୀମାନେ ସେଠାରେ ନିୟୋଜିତ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ରାସ୍ତା ଅବରୋଧ କରିଥିଲେ। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ପୁଲିସକୁ ଆକ୍ରମଣ କରିଥିଲେ। ସେମାନେ ପୁଲିସ୍ ଉପରକୁ ଢେଲା ଓ ମଦ ବୋତଲ ମାଡ଼ କରିଥିଲେ। ଏଥିରେ ୬ ପୁଲିସ୍ କର୍ମଚାରୀ ଆହତ ହୋଇଥିଲେ। ବୋମା ଓ ପଥର ମାଡ଼ରେ ପୁଲିସ୍ ଗାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଦୀର୍ଘ ୩ ଘଣ୍ଟା ଧରି ଗାଁ ରାସ୍ତା ଅବରୋଧ ହେବା ଦ୍ୱାରା ସାଧାରଣ ଲୋକେ ନାନା ହଇରାଣ ହୋଇଥିଲେ। ଏହି ଘଟଣାରେ ପୁଲିସ୍ ୧୮ ମହିଳାଙ୍କ ସମେତ ମୋଟ ୨୨ଜଣଙ୍କୁ ଗିରଫ କରିଛି। ଗ୍ରାମବାସୀମାନେ ପୁଲିସକୁ କର୍ତ୍ତବ୍ୟ ପାଳନରେ ବାଧା ଦେଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଓମ୍ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ପାତିସୁନାପୁର ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଏଣୁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ଆଶଙ୍କା କରି ସେଠାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

**ପିପିଲିରେ ପୁଣି ଲଜ୍ଜା...**

## ନାବାଳିକାକୁ ଦୁଷ୍କର୍ମ

**ପିପିଲି, ୧୨।୫(ସମିସ):** ପିପିଲିରେ ଲଜ୍ଜା। ଏନ୍‌ଏସି ଅଞ୍ଚଳରେ ରହୁଥିବା ୭ ବର୍ଷୀୟ ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଜଣେ ବୃଦ୍ଧଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅପରପକ୍ଷେ, ଏହି ଘଟଣା ପଦାକୁ ଆସିବା ପରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

**ମାମଲା ରୁଜୁ, ବୃଦ୍ଧ ଅଟକ**

ସୂଚନାନୁଯାୟୀ, ଗତକାଲି ଦିନବେଳା ନାବାଳିକାଜଣଙ୍କ ନିଜ ଘର ପାଖରେ ଖେଳୁଥିଲା। ନାବାଳିକାକୁ ଏକୁଟିଆ ଦେଖି ପଡ଼ୋଶୀରେ ଭଡ଼ା ଘରେ ରହୁଥିବା ମେଦିନୀପୁର ଅଞ୍ଚଳର ଫେରିବାଲା ସେଖ ବରେଲି (୬୭) ତାକୁ ପ୍ରଲୋଭନ ଦେଖାଇ ଘରକୁ ଡାକି ନେଇଥିଲା ଏବଂ ସେଠାରେ ଦୁଷ୍କର୍ମ କରିଥିଲା। ଏହାସହ ଏ ସମ୍ପର୍କରେ କାହାରିକୁ ଜଣାଇଲେ, ହତ୍ୟା କରିଦେବ ବୋଲି ଧମକାଇଥିଲା। ନାବାଳିକାଜଣଙ୍କ ଭୟରେ କାହାକୁ କିଛି କହିନଥିଲା। କିନ୍ତୁ ରାତିରେ ଅସହ୍ୟ କଷ୍ଟ ହେବାରୁ ସେ ତା’ ମା’କୁ ସବୁ ଜଣାଇଥିଲା। ଆଜି ସକାଳେ ପରିବାରଲୋକେ ତାକୁ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଏ ସମ୍ପର୍କରେ ପିପିଲି ଥାନାରେ ଅଭିଯୋଗ କରାଯାଇଥିଲା। ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ପିପିଲି ପୁଲିସ୍ ନମ୍ବର ୨୯୩/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି।

**■ କାଳ ସାଜିଲା କାଳବୈଶାଖୀ**

## ବଜ୍ରପାତରେ ଅଜା-ନାତି ମୃତ

**ପାତ୍ରପୁର,୧୨।୫(ସମିସ):** ଗଂଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଜରଡ଼ା ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ମଇଁଷି ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ଅଜା-ନାତିଙ୍କ ଜୀବନ ଯାଇଛି। ମୃତକ ହେଲେ, ଉକ୍ତ ଗ୍ରାମର ସାକିଲି କନ୍ୟାରି (୫୫) ଓ ତାଙ୍କ ନାତି ଭୁବେଶ କନ୍ୟାରି (୧୭)। ସାକିଲି ଓ ଭୁବେଶ ଆଜି ଗ୍ରାମ ନିକଟ ନଦୀ ପାଖ ତୋଟାରେ ଗାଈ ମଇଁଷି ଛାଡ଼ି ଗଛ ତଳେ ରୋଷେଇ କରୁଥିଲେ। ହଠାତ୍ କଳାହାଣ୍ଡିଆ





ମେଘ ଘୋଟି ଆସିବା ସହ ବଜ୍ରପାତ ହୋଇଥିଲା। ଏଥିରେ ଅଜା-ନାତି ଗୁରୁତର ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ବ୍ୟବଚ୍ଛେଦ ତୁରନ୍ତ କରିବା ସହ ସରକାରୀ ସହାୟତା ପାଇଁ ଗଞ୍ଜାମ ଜିଲ୍ଲାପାଳ ଓ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କଥା ହୋଇଥିଲେ। ହସ୍ପିଟାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅପରପକ୍ଷେ, ଆଜି ବଜ୍ରପାତରେ ସ୍ଥାନୀୟ ଅଞ୍ଚଳର କିଛି ଗ୍ରାମରେ ନଡ଼ିଆ ଗଛ ଜଳିଯାଇଛି।

**ପୁତୁରା ଘରେ ନିଆଁ ଲଗାଇଦେଲା ଦାଦା**

## ଅଳ୍ପକେ ବର୍ତ୍ତିଲେ ପରିବାରର ୫ ସଦସ୍ୟ

**କପ୍ତିପଦା,୧୨।୫(ସମିସ):** ଦାଦା ରଚିଲା ନାରକୀୟ କାଣ୍ଡ। ଘରେ ଶୋଇଥିବା ଅବସ୍ଥାରେ ପୋଡି ମାରିବା ପାଇଁ ବାହାରୁ କବାଟ ବନ୍ଦକରି ଜାଳିଦେଲା ଘର। ଅଳ୍ପକେ ବର୍ତ୍ତିଲେ ପରିବାର ଦୁଇ ଶିଶୁ ସମେତ ୫ ଜଣ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ଗେଣ୍ଡାଗଡିଆ ଗ୍ରାମରେ। ସୂଚନା ଅନୁସାରେ, ଗେଣ୍ଡାଗଡିଆ ଗ୍ରାମର ଟୁନା ମହୁରିଆ ଏବଂ ତାଙ୍କ ଭାଇ ଟିମା ମହୁରିଆଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଥିଲା। ରବିବାର ରାତିରେ ଟୁନା ମହୁରିଆ ଘରେ ନ ଥିବାବେଳେ ତାଙ୍କ ପୁଅ ମାନସ ମହୁରିଆ ଏବଂ ମାନସଙ୍କ ସ୍ତ୍ରୀ, ଶିଶୁକନ୍ୟା, ଭଉଣୀ ଏବଂ ୨ ମାସର ଭଣଜା ଚାଳ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ମାନସଙ୍କ ଦାଦା ଟିମା ମହୁରିଆ ତାଙ୍କ ଘରର ବାହାରପଟୁ କବାଟ ବନ୍ଦ କରିଦେଇ ପରିବାରକୁ ଜୀବନରୁ ମାରିଦେବା ନିମନ୍ତେ ନିଆଁ ଲଗାଇ ଦେଇଥିଲା। ନିଆଁ ଲାଗିବା ପରେ ଘରୁ ବାହାରିବା ପାଇଁ ସମସ୍ତେ ଚେଷ୍ଟା କରିଥିଲେ ସୁଦ୍ଧା ବାହାରି ପାରି ନ ଥିଲେ। ସେମାନେ ଚିତ୍କାର କରିବାରୁ ପଡୋଶୀ ଆସି କବାଟ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ। ଫଳରେ ପରିବାରର ୫ ଜଣ ବର୍ତ୍ତି ଯାଇଥିଲେ। ପରେ ଦମକଳବାହିନୀ ପହଞ୍ଚି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଭିଯୁକ୍ତ ଟିମା ବେହେରା ଫେରାର ହୋଇଯାଇଛି। ଅନ୍ୟପଟେ ଏ ନେଇ କପ୍ତିପଦା ଥାନାରେ ଟୁନା ମହୁରିଆ ପରିବାର ଲିଖିତ ଅଭିଯୋଗ କରିଛନ୍ତି।

## ଡ୍ୟୁଟିରେ ପୁଲିସ ବାବୁ ମାତାଲ



**କପ୍ତିପଦା,୧୨।୫(ସମିସ):** କପ୍ତିପଦା ଥାନାର ଜଣେ ପୁଲିସ ଅଧିକାରୀ ଡ୍ୟୁଟିରେ ରହି ମଦ ପିଉଥିବା ଏକ ଭିଡିଓରୁ ଜଣାପଡିଛି। ପୁଲିସ ବାବୁଜଣକ ହେଲେ କପ୍ତିପଦା ଥାନାର ଏଏସଆଇ ମିତ୍ରଭାନୁ ବାରିକ। ପୁଲିସ ପୋଷାକରେ ଥାଇ ମଦ ପିଉଛନ୍ତି ଶ୍ରୀ ବାରିକ। ଯାହାର ଏକ ଫଟୋ ଭିଡିଓରୁ ଜଣାପଡିଛି। ଭିଡିଓଟି କିଛି ଦିନ ପୂର୍ବର ହୋଇଥିବା ବେଳେ ସେ ଏକ ଗ୍ରାମକୁ କୌଣସି କାମରେ ଯାଇଥିବାବେଳେ ପୁଲିସ ପୋଷାକରେ ଥାଇ ମଦ ପିଉଛନ୍ତି। ଏ ନେଇ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କ୍ୟାମେରା ସାମ୍ନାରେ ମୁହଁ ଖୋଲିବାକୁ ନାରାଜ ହୋଇଥିଲେ।

## ବଜ୍ରପାତରେ ଜଣେ ମୃତ

**କଳାବାଡିଆ/ଝାରପୋଖରିଆ, ୧୨।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ତଥା ଝାରପୋଖରିଆ ଥାନା ଅଧୀନ ତଳକ ଗ୍ରାମର ଜଣେ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ ଭୁରୁସାଣୀ ପଞ୍ଚାୟତର ତଳକ ଗ୍ରାମର ସୁରେନ୍ଦ୍ର ମହାନ୍ତ। ସେ ଘର ନିକଟ ବିଲରୁ ଗୋରୁଗାଇ ଆଣିବା ପାଇଁ ଯାଇଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା।

ସେହିପରି ବାଙ୍ଗିରିପୋଷି ଓ ସାରସକଣା ବ୍ଲକରେ କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ ବର୍ଷା ହେବା ସହିତ ପବନରେ ବିଭିନ୍ନ ସ୍ଥାନରେ ୨୦ରୁ ଅଧିକ ଗଛ ଉପୁଡି କିଛି ସ୍ଥାନରେ କ୍ଷତି ହେବା ସହିତ ରାସ୍ତା ଅବରୋଧ ହୋଇଥିବା ମଧ୍ୟ ସୂଚନା ମିଳିଛି। ବାଙ୍ଗିରିପୋଷି ବ୍ଲକ ଅଧୀନ କଳାବାଡିଆ, ପଥୁରୀ, ନିଶ୍ଚିନ୍ତା, ବଣକାଟୀ, ଗୋଲାମୁଣ୍ଡା କଟା, ନାଫ୍ରି, ଧୋବଣୀ ଖୋଳ ଆଦି ପଞ୍ଚାୟତରେ ଆଜି ଅପରାହ୍ନରେ ବ୍ୟାପକ କ୍ଷତି ହେବା ସହିତ ଅନେକ ବଡ଼ ବଡ଼ ଗଛ ଉପୁଡିବା ସହିତ ଭାଙ୍ଗିଯାଇଛି। ଗଛ ଭାଙ୍ଗିଯିବା ଫଳରେ କଳାବାଡିଆ-ବାଙ୍ଗିରିପୋଷି ରାସ୍ତା ଅବରୋଧ ହୋଇଛି। ଆନ୍ଦୋଳା ଗ୍ରାମରେ ଗଛ ପଡି ଗାଁକୁ ଯିବା ରାସ୍ତା ବନ୍ଦ ହୋଇଛି। ହରି ନାଏକଙ୍କ ଘର ଉପରେ ଏକ ବିଶାଳ ଆମ୍ବଗଛ ପଡି ରହିଥିଲା।

**■ ରାଜଧାନୀରେ ଆଇନଶୃଙ୍ଖଳା ବେଲଗାମ**

## ଯୁବକଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଲେ

**ଭୁବନେଶ୍ୱର,୧୨।୫(ସମିସ):** ରାଜଧାନୀରେ ବିଗିଡ଼ି ଗଲାଣି ଆଇନଶୃଙ୍ଖଳା। ଅବସ୍ଥା ଏମିତି ଯେ ଘରୁ ଗୋଡ଼ କାଢ଼ିବାକୁ ଲୋକେ ଭୟ କଲେଣି। ଚୋରି, ଛିନ୍‌ତାଇଠାରୁ ଆରମ୍ଭ କରି ଅପହରଣ, ହତ୍ୟା ଉଦ୍ୟମ, ହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି। ଆଜି ସଂଧ୍ୟାରେ ଏୟାରପୋର୍ଟ ଥାନା ନୂଆ ଫରେଷ୍ଟ ପାର୍କ ଜିନ୍ଦଲ ଅଫିସ୍ ନିକଟରେ ଜଣେ ଯୁବକଙ୍କୁ ଗୋଡ଼େଇଗୋଡ଼େଇ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣିଛନ୍ତି। ଆହତ ଯୁବକଜଣଙ୍କ ହେଲେ, ପଲାସପଲ୍ଲୀର ବିକି ନାୟକ। ତାଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ସେଠାରେ ତାଙ୍କର ଅବସ୍ଥା ଜଟିଳ ହେବାରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବିକିର ହାତ ଏବଂ ଗୋଡ଼ରେ ଗଭୀର କ୍ଷତ ହୋଇଛି। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କୁ ଧରିବା



**କାର୍‌ରେ ୭ରୁ ୮ ଜଣ ଆସି ଲୁହା ପାଇପ୍‌ରେ ପିଟିଲେ**

**ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ**

ପାଇଁ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ଆକ୍ରମଣର କାରଣ ଜଣାପଡ଼ିନଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି କାଣ୍ଡ ହୋଇଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁସାରେ, ଆଜି ରାତି ପ୍ରାୟ ୯ଟାରେ ବିକି ଏବଂ ତା’ର ସାଙ୍ଗମାନେ ନୂଆ ଫରେଷ୍ଟ ପାର୍କ ଜିନ୍ଦଲ ଅଫିସ୍ ନିକଟ ଗଳିରେ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ କାର୍‌ରେ ୭ଜଣ ଯୁବକ ଆସିଥିଲେ। କେହି କିଛି ବୁଝିବା ଆଗରୁ ପ୍ରଥମେ ଲୁହା ପାଇପ୍‌ରେ ବିକିର ମୁଣ୍ଡକୁ ପିଟିଥିଲେ। ବିକି ତଳେ ପଡ଼ି ଚିତ୍କାର କରିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ହାଣିଥିଲେ। ଜୀବନ ବଞ୍ଚାଇବାକୁ ବିକି ରାସ୍ତାରେ ଦୌଡ଼ୁଥିବା ବେଳେ ଅଭିଯୁକ୍ତମାନେ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ଶେଷରେ ବିକି ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ରାଜଧାନୀ ରାଜରାସ୍ତାରେ ଏଭଳି ଗୋଡାଇ ଗୋଡାଇ ହାଣିବା ଘଟଣା ସମସ୍ତଙ୍କୁ ଚକିତ କରିଛି।


**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact

GADHWAL GROUP

M.: 9437015112

**AFFIDAVIT**

By virtue of an affidavit No. 4147/2025, dt. 02.04.2025 sworn before the Executive Magistrate, Balasore, Odisha I, Sultan Ali Khan, S/o. Ejhar Saha, At.Mirjapur, Po. Balaramgadi, Ps- Marine, Dist. Balasore, Odisha declare that unfortunately my name is mentioned as Sultan Saha in some valuable documents is same and one person. Henceforth, I shall be known as **Sultan Ali Khan** for all purposes.

**AFFIDAVIT**

By virtue of an affidavit sworn before the Notary Gunupur, dist-Rayagada, odisha, vide affidavit sl.no.374/2025, dated-06/05/2025, that Sri Bhima kadraka of village-Jambaguda, Po-Kankubadi P.s-Bissam Cuttack changed the name of his minor Daughter Archita Kadraka instead of Laxmi Kadraka. Hence forth the minor Daughter shall be known as **Archita kadraka** In Her Aadhar And for all purposes.

ସକାଳ THE SAKALA



www.sakalaepaper.com

## ୧ ଲକ୍ଷ ୨୫ ହଜାର ବୀଜମନ୍ତ୍ର ଜପ ସହ ୧୨ ହଜାର ଆହୁତି

# ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି



**ପାଇକମାଳ, ୧୨।୫(ସମିସ):** ପ୍ରସିଦ୍ଧ ପୁଣ୍ୟ ପୀଠ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଥିବା ନୃସିଂହନାଥରେ ବୈଶାଖ ମେଳାରେ ସୋମବାର ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି ପଡ଼ିବା ସହ ୫ ଦିନରେ ୧ଲକ୍ଷ ୨୫ହଜାର ବୀଜମନ୍ତ୍ର ଜପ ସହ ୧୨ ହଜାର ଆହୂତି ଦିଆଯାଇଛି। ଶେଷ ଦିନରେ ନୃସିଂହ ଭଗବାନଙ୍କୁ ଦର୍ଶନ କରି ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରାଯାଇଥିଲା। ଶେଷରେ ଅପରାହ୍ଣ ୨ ଟାରେ ପୂର୍ଣ୍ଣାହୂତି ହୋମ, ଭୋଗ ଆଳତୀ ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା। ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସମେତ ୧୨ ଜଣ ପଣ୍ଡିତଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ସହ ମହାଯଜ୍ଞର ପୂର୍ଣ୍ଣାହୂତି ପଡ଼ିଛି। ପାଇକମାଳ ଅଞ୍ଚଳବାସୀ ନୃସିଂହନାଥ ପାପହାରିଣୀ ଝରଣା ଗଣେଶ ଘାଟରେ କଳସ ବିସର୍ଜନ କରିଥିଲେ।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଣ୍ଡପ




ନୃସିଂହନାଥ ସ୍ଥିତ ମାର୍ଜାର କେଶରୀ ସାଂସ୍କୃତିକ ମଣ୍ଡପରେ ଶେଷ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୈଶାଖ ମେଳା କମିଟି ତରଫରୁ ଆୟୋଜିତ ସାଂସ୍କୃତିକ ମଞ୍ଚ ଢୋଲ ନିଶାନ ଆଦି ବାଦ୍ୟର ତାଳେ ତାଳେ ଦୁଲକି ଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହାସହ ପଦ୍ମଶ୍ରୀ ହଳଧର ନାଗ, ଗୋବର୍ଦ୍ଧନ ଭୁଏ, ପ୍ରୀତମ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନୃସିଂହନାଥର ଐତିହ୍ୟ ବର୍ଣ୍ଣନା କରିଥିଲେ। ମନ୍ଦିର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ତଥା ଏବିଡିଓ ଦେବାଶିଷ ସେହ୍ନା ମଧ୍ୟ ଯୋଗଦେଇ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ଶେଷ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଗଡ଼ମେଜର ଅନୁଷ୍ଠାନର ନୃତ୍ୟଶିଳ୍ପୀ ମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ସେହିପରି ପଦ୍ମପୁର ସଙ୍ଗୀତ ସମିତିର ଡାଲଖାଇ ନୃତ୍ୟ, ଭେଡେନ ଚୁମକୁଚୁମା କଳା ପରିଷଦର ସମ୍ବଲପୁରୀ ନୃତ୍ୟ, ପ୍ରତିଭା ଭବାନିପାଟଣା ଘୁମୁରା ନୃତ୍ୟ, ନୂଆପଡ଼ାର ଘୋଡ଼ା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ପରେ ଶ୍ରୀଶ୍ରୀ ନୃସିଂହ ଚରିତ ଓ ମୂଷିକ ଦୈତ୍ୟ ଦରବାର ଅନ୍ତିମ ଦୃଶ୍ୟରେ କିପରି ମୂଷିକ ଦୈତ୍ୟ ପାହାଡ଼ ଗୁମ୍ଫାରେ ଆତ୍ମଗୋପନ ପାଇଁ ରହିଲା ଓ ପ୍ରଭୁ ଶ୍ରୀହରି ବିଷ୍ଣୁ ଦୈତ୍ୟର ସଂହାର ପାଇଁ ମାର୍ଜାର କେଶରୀ ରୂପରେ ପ୍ରତିଷ୍ଠିତ ହେଲେ ତାହା ମଞ୍ଚସ୍ଥ ହୋଇଥିଲା। ତେବେ ଏହି ମନଲୋଭା ସାଂସ୍କୃତିକ ସନ୍ଧ୍ୟାକୁ ଶହ ଶହ ଦର୍ଶକ ଆନନ୍ଦର ସହ ଉପଭୋଗ କରିଥିଲେ। ପ୍ରଥମେ କୀର୍ତ୍ତନ ଧାରା ଡୁଙ୍ଗୁରିପାଲି ଓ କୋକନରା, ମହିଳା କର୍ମା ବଡ଼ଅନକି, ସୁଆନାଚ ଓ ଲୋଉଡ଼ିନୃତ୍ୟ ନିତ୍ୟାନନ୍ଦପୁର ଦ୍ୱାରା ପରିବେଷିତ ହୋଇଥିଲା। ସଞ୍ଚାର କଳାକାର ପଦ୍ମନାଭ ମାହାରଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ପରିଚାଳନା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ପଞ୍ଚୁ ପାଣ୍ଡବ ଘାଟରେ ପାଣି ସିଞ୍ଚନ



ବୈଶାଖ ମେଳାରେ ଶେଷ ଦିନ ଥିବାରୁ ଚାଲଧାର ନିକଟରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଶତାଧିକ ଶ୍ରଦ୍ଧାଳୁ ପଞ୍ଚୁପାଣ୍ଡବ ଯାଇ ବୁଡ଼ ପକାଇ ପଞ୍ଚୁ ପାଣ୍ଡବ ଶିଳାଚିତ୍ରରେ ପାଣି ସିଞ୍ଚନ କରିଥିଲେ। ଏମିତି ସିଞ୍ଚନ କଲେ ବହୁ ପୁଣ୍ୟ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

### ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ନୃସିଂହନାଥ ପୀଠରେ ପ୍ରଭୁ ଶ୍ରୀଶ୍ରୀ ମାର୍ଜାର କେଶରୀ ଜନ୍ମୋତ୍ସବ ଶେଷ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ, ଭକ୍ତ ତଥା ପର୍ଯ୍ୟଟକ ଚାଲଧାର ଝରଣାରେ ବୁଡ଼ ପକାଇଛନ୍ତି। ବୈଶାଖ ସୋମବାର ଶେଷ ଦିନ ଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଛତିଶଗଡ଼, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ସୋନପୁର ଜିଲ୍ଲାରୁ ବହୁ ଶ୍ରଦ୍ଧାଳୁ ଆସିଥିଲେ। ନୃସିଂହନାଥ ପାହାଡ଼ ଚଢ଼ି ଅନେକ ଶ୍ରଦ୍ଧାଳୁ ହରିଶଙ୍କର ପୀଠକୁ ମଧ୍ୟ ଯାଉଥିଲେ। ହରିଶଙ୍କର ପୀଠରୁ ପାହାଡ଼ ଚଢ଼ି ନୃସିଂହନାଥ ପୀଠକୁ ଆସି ପ୍ରଭୁ ମାର୍ଜାର କେଶରୀକୁ ଦର୍ଶନ କରି ଫେରିଥିଲେ। ମୀନାବଜାର ସାଙ୍ଗକୁ ଦୋକାନ ବଜାର ଲୋକେ ଭିଡ଼ ଦେଖିବାକୁ ମିଳିଥିଲା। ବୈଶାଖ ମେଳା କମିଟି, ପୁଲିସ ବିଭାଗ, ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ବିଭାଗ ତଥା ଦମକଳ ବିଭାଗ ନିଜ ନିଜ ଦାୟିତ୍ୱ ନିର୍ବାହ କରିଥିଲେ।

### ଲୋକସମ୍ପର୍କ ବିଭାଗର ସୂଚନାକେନ୍ଦ୍ର




ଓଡ଼ିଶା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ଚାଲିଥିବା ବୈଶାଖ ମେଳାରେ ଓଡ଼ିଶା ସରକାରଙ୍କ ସୂଚନା ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମନ୍ଦିର ପରିସରରେ ଏକ ସୂଚନାକେନ୍ଦ୍ର ଖୋଲିଛି। ମେଳାକୁ ଆସୁଥିବା ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କୁ ବିଭିନ୍ନ ସୂଚନା ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ମାସିକ ପତ୍ରିକା ଉତ୍କଳ ପ୍ରସଙ୍ଗ ବିକ୍ରୟ ହୋଇଥିଲା। ଏଥିରେ ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ, ରାୟ ସିଂ ମାଝୀ, ଦୀନକୃଷ୍ଣ ସ୍ୱାଇଁ ଦାୟିତ୍ୱ ସମ୍ପାଦନ କରିଥିଲେ। ଉପଖଣ୍ଡର ସାମ୍ବାଦିକ ବନ୍ଧୁମାନେ ସୂଚନା ଆଦାନ ପ୍ରଦାନରେ ସହଯୋଗ କରିବା ସହିତ ଦୈନିକ ଖବର ପ୍ରସାରଣ କରିଥିଲେ।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା



ବୈଶାଖ ମେଳାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଜାମସେଠ ପାକ୍ସ ତରଫରୁ ସମ୍ପାଦକ ଦାମୋଦର ରଣାଙ୍କ ତତ୍ତ୍ୱାବଧାନରେ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ପାକ୍ସ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଟିପିଡବ୍ଲୁଓଡିଏଲ ତରଫରୁ ମଧ୍ୟ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା।

### ଖବର ପାଇଁ ଯିବାକୁ ପଡ଼ିଲା ୭ କିମି

ପ୍ରସିଦ୍ଧ ନୃସିଂହନାଥ ପୀଠରେ ବୈଶାଖ ମେଳା ଶେଷ ହେଲା ପଛେ ଇଣ୍ଟରନେଟ୍ ସମସ୍ୟା ଦୂର ହେଲା ନାହିଁ। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଗଲା ନାହିଁ। ଫଳରେ ଦୋକାନୀମାନେ ନେଟୱର୍କ ସମସ୍ୟା ହେତୁ ଅନେକ ଅସୁବିଧା ଭୋଗି ରୋଜଗାର ଭଲଭାବେ କରିପାରିଲେ ନାହିଁ। ସାମ୍ବାଦିକମାନେ ନୃସିଂହନାଥ ବୈଶାଖ ମେଳା ଖବର ପଠାଇବାକୁ ହେଲେ ପାଇକମାଳ ୭ କିମି ଯିବାକୁ ପଡ଼ିଥିଲା।

### ଭକ୍ତଙ୍କୁ ପରଷିଲେ ସେବାୟତ



ତୀର୍ଥକ୍ଷେତ୍ର ଶ୍ରୀଶ୍ରୀ ନୃସିଂହନାଥ ପୀଠରେ ମହାପ୍ରଭୁଙ୍କ ଜନ୍ମୋତ୍ସବ ବେଳେ ଜନଗହଳିର ସୁରକ୍ଷା, ଗମନା ଗମନ ଆଦି ସମସ୍ତ ଦାୟିତ୍ୱ ପ୍ରଶାସନ ତରଫରୁ କରାଯାଇଛି। ଦୀର୍ଘ ୭ ଦିନ ଧରି ପ୍ରତିଦିନ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ଖାଇବା ଦାୟିତ୍ୱ ସୂଚାରୁ ସମ୍ପାଦନ ହୋଇଛି। ମହାପ୍ରଭୁଙ୍କର ମନ୍ଦିର ରୋଷେଇଶାଳର ସେବାୟତ ପ୍ରତିଦିନ ସକାଳୁ ପରିବା କଟାଠୁ ନେଇ ରୋଷେଇ ସହ ସବୁ କାର୍ଯ୍ୟ କରିଥାନ୍ତି। ଯେମିତି କୌଣସି ଭକ୍ତ ଭୋକିଲା ନରହିବେ କି ଖାଲି ପେଟରେ ଫେରି ନଯିବେ ସେଥିପ୍ରତି ସଜାଗ ରହିଥାନ୍ତି। ଏହି ସେବାୟତମାନେ ବିନା ଭେଦଭାବରେ ଭକ୍ତଙ୍କୁ ଭୋଗ ମଣ୍ଡପରେ ବସେଇ ପ୍ରତିଦିନ ମହାପ୍ରଭୁଙ୍କ ଭୋଗ ବଣ୍ଟନର ଦାୟିତ୍ୱ ତୁଲାଇଛନ୍ତି।

### ଶ୍ରମିକ ପଞ୍ଜୀକରଣ ଓ ସଚେତନତା ଶିବିର




ନୃସିଂହନାଥ ପୀଠରେ ଚାଲିଥିବା ବୈଶାଖ ମେଳାରେ ବରଗଡ଼ ଜିଲ୍ଲା ଶ୍ରମ ବିଭାଗ ତରଫରୁ ନିର୍ମାଣ ଶ୍ରମିକ, ଅଣ ସଂଗଠିତ ଶ୍ରମିକ ତଥା ଦାଦନ ଶ୍ରମିକଙ୍କ ପାଇଁ ପଞ୍ଜୀକରଣ ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶେଷ ଦିନରେ ୧୬୦ ଜଣ ପଞ୍ଜୀକରଣ କରିଥିବା ବେଳେ ୩୦ ଜଣଙ୍କୁ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକରଣ କାର୍ଡ ପ୍ରଦାନ କରାଯାଇଥିଲା। ଜିଲ୍ଲା ଶ୍ରମ ଅଧିକାରୀ ଯଶୋବନ୍ତ ଅମାତ ଏହାର ପରିଚାଳନା କରିଥିବା ବେଳେ ଡାଟା ଏଣ୍ଟ୍ରି ଅପେରାଟର ଜଗନ୍ନାଥ ଷଡ଼ଙ୍ଗୀ, ନିତ୍ୟାନନ୍ଦ ସାହୁ ଓ ଯତିଶ ସାହୁ ସହଯୋଗ କରିଥିଲେ।

### ସତ୍ୟସାଇ ସଙ୍ଗଠନର ସେବା କାର୍ଯ୍ୟ

ବୈଶାଖ ମେଳା ଶେଷ ଦିନରେ ନୃସିଂହନାଥ ପୀଠରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସତ୍ୟସାଇ ସେବା ସଙ୍ଗଠନର ୨୦ ଜଣ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ମନ୍ଦିର ଚାରି ପାର୍ଶ୍ୱରେ ଶ୍ରଦ୍ଧାଳୁଙ୍କୁ ଧାଡ଼ି କରି ମନ୍ଦିର ଯିବାକୁ ସହଯୋଗ କରିଥିଲେ।



### ନୃସିଂହନାଥଙ୍କ ଦର୍ଶନ କଲେ ସାଂସଦ



**ପଦ୍ମପୁର:** ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବୈଶାଖ ମେଳା ୨୦୨୫ ଅବସରରେ ନୃସିଂହନାଥ ଯାଇ ମହାପ୍ରଭୁ ମାର୍ଜାର କେଶରୀ ଏବଂ ବିନ୍ଧ୍ୟ ବାସିନୀଙ୍କ ଦର୍ଶନ କରି ଆଶୀର୍ବାଦ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ପ୍ରସ୍ତାବିତ ରୋପୱେ, ପାନୀୟ ଜଳ, ନୂତନ ଫାଣ୍ଡି ସ୍ଥାପନ, ପାଇକମାଳ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନୁସଙ୍ଗିକ ଉନ୍ନତିକରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି।

### ଆୟୁର୍ବେଦିକ ସ୍ୱାସ୍ଥ୍ୟ ଓ ଯୋଗ ଶିବିର



ବୈଶାଖ ମେଳାରେ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଓ ଯୋଗ ଶିବିର ବରଗଡ଼ ଜିଲ୍ଲା ଆୟୁର୍ବେଦ ବିଭାଗ ତରଫରୁ ୬ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ଜଣ ଡାକ୍ତର ମିଶାଇ ୧୬ ଜଣ ଷ୍ଟାଫ୍ ଦିନରାତି ଲୋକଙ୍କ ସେବା କରିଥିଲେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଶିବିର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟ ଶିବିର ଡ.ଲକ୍ଷ୍ମୀପ୍ରିୟା ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

### ମେଳାରେ ଜଡ଼ିବୁଟି ଚାହିଦା



ବୈଶାଖ ମେଳା ଚାଲିଥିବା ସମୟରେ ଅନେକ ଛୋଟ ବଡ଼ ଦୋକାନ ଗୁଡ଼ିକ ମେଳାକୁ ଆସିଛନ୍ତି। ପାଇକମାଳ କୋକନରା ଗାଁର ସୁମନ ବାଗ ଜଣେ ବୈଦ୍ୟ ଭାବରେ ଜଣାଶୁଣା। ସେ ବିଭିନ୍ନ ପ୍ରକାରର ଜଡ଼ିବୁଟି ଔଷଧ ବିକ୍ରୟ କରୁଥିଲେ। ଜଡ଼ିବୁଟି ତାଙ୍କର ୩୦ ବର୍ଷର ଅଭିଜ୍ଞତା ରହିଛି ବୋଲି କହିଛନ୍ତି। ଗନ୍ଧମାର୍ଦ୍ଦନ ପର୍ବତରୁ ଜଡ଼ିବୁଟି ସଂଗ୍ରହ କରି ତିଆରି କରି ବିକ୍ରୟ କରୁଥିବା ସେ କହିଛନ୍ତି। ବହୁ ଦୁରାରୋଗ୍ୟ ଏହି ଜଡ଼ିବୁଟି ଔଷଧ ଖାଇ ଦୂର ହେଉଛି।

### ଗନ୍ଧମାର୍ଦ୍ଦନ ପଠାରରେ ରାଜପ୍ରସାଦ



ବୈଶାଖ ମେଳା ଚାଲିଥିବା ସମୟରେ ନୃସିଂହନାଥ ପୀଠରୁ ପର୍ବତ ଚଢ଼ି ହଜାର ହଜାର ଭକ୍ତ ହରିଶଙ୍କର ପୀଠକୁ ଯାଆନ୍ତି। ସେହିପରି ହରିଶଙ୍କର ପୀଠରୁ ପର୍ବତ ବାଟେ ନୃସିଂହନାଥ ପୀଠକୁ ଭକ୍ତ ଆସନ୍ତି। ଗନ୍ଧମାର୍ଦ୍ଦନ ପର୍ବତ ଉପରେ ପଠାର (ସମତଳ ଭୂମି) ରେ ରାଜା ରାଜୁଡ଼ା ସମୟର ଏକ ପୁରାତନ ରାଜପ୍ରସାଦ ରହିଛି। ପାହାଡ଼ ଚଢ଼ି ଯାଉଥିବା ଶହ ଶହ ଲୋକଙ୍କ ପାଇଁ ଏହା ଏକ ଆକର୍ଷଣୀୟ ସ୍ଥଳୀ ହୋଇଥାଏ।

# ୮୦ ପରିବାର ପାଇଁ ଗୋଟିଏ ନଳକୂପ ବି ଅଚଳ

## ସୋଲଘରା ଗ୍ରାମରେ ମିଳୁନି ପାନୀୟ ଜଳ

**ଜମନକିରା, ୧୨।୫(ସମିସ):** ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି ଯୋଗୁଁ ବଢୁଛି ଜନ ଅସନ୍ତୋଷ। ବର୍ତ୍ତମାନର ଅସହ୍ୟ ଗ୍ରୀଷ୍ମକୁ, ପିଇବା ପାଣି ଅଭାବ, ସମ୍ପୂର୍ଣ୍ଣ ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ପଞ୍ଚାୟତର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡ଼ିଓ ଏପରିକି ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗରରେ ଅଭିଯୋଗ ପରେ ଅଭିଯୋଗ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଭୋଜପୁର ପଞ୍ଚାୟତର ସୋଲଘରା ଗ୍ରାମରେ ଉତ୍କଟ ପାନୀୟ ଜଳ ସମସ୍ୟା ମୁଣ୍ଡ ଟେକିଛି। ଏ ସମ୍ପର୍କରେ ଗ୍ରାମବାସୀ ବିଭିନ୍ନ ମହଲରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଏ ଦିଗରେ ଅଦ୍ୟାବଧି ପଞ୍ଚାୟତ, ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ୩ଶହ ଜନ ସଂଖ୍ୟା ବିଶିଷ୍ଟ ସୋଲଘରା ଗ୍ରାମରେ ପ୍ରାୟ ୮୦ ଟି ପରିବାର ରହୁଛନ୍ତି। ଗ୍ରାମରେ ଥିବା ଏକମାତ୍ର ନଳକୂପ ଯାହାକି ଦୀର୍ଘ ଦିନରୁ ଅଚଳ ରହିଛି। ଯାହା ଫଳରେ ନିତ୍ୟ ବ୍ୟବହାର ପାଣି ଲୋକେ ଦୁରଦୁରାନ୍ତରୁ ଆଣିଥାନ୍ତି। ଗ୍ରାମର ଏକମାତ୍ର ନଳକୂପ ଅଚଳ ସମ୍ପର୍କରେ ଅଭିଯୋଗ କରିବା ପରେ ବି ପ୍ରଶାସନ କୌଣସି ବିକଳ୍ପ ବ୍ୟବସ୍ଥା କରୁନାହିଁ। ପାଣି ସମସ୍ୟା ନେଇ ଗ୍ରାମରେ ଆଉ ୨ ଟି ନଳକୂପ ସ୍ଥାପନା ନେଇ ବାରମ୍ବାର ଗ୍ରାମବାସୀଙ୍କ ଦାବିକୁ ମଧ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରି ଚାଲିଛି। ଏ ସମ୍ପର୍କରେ ଭୋଜପୁର ସରପଞ୍ଚଙ୍କୁ ପଚାରିବାରୁ ଆମେ ପାଣିକୁ ପ୍ରଥମ ପ୍ରାଧାନ୍ୟ ଦେଇଥାଉ, ଗ୍ରାମବାସୀଙ୍କ ଅଭିଯୋଗ ପାଇବା ମାତ୍ରେ ମୁଁ ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛି। ସନ୍ଧ୍ୟା ସୁଦ୍ଧା ଏହାର ସମାଧାନ ହୋଇଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିବା ସଫେଇ ଦେଇଥିଲେ। ଗ୍ରାମରେ ଉତ୍କଟ ଜଳ ସଙ୍କଟ ଦେଖା ଦେଇଥିବା ବେଳେ ପଞ୍ଚାୟତର ସରପଞ୍ଚ ଓ ବିଡିଓଙ୍କ ଖାମଖିଆଲନୀତି ନେଇ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।



# ଫାର୍ମାସିଷ୍ଟଙ୍କୁ ହତ୍ୟା ଘଟଣାରେ ୩ ଗିରଫ



**ହତ୍ୟା ପରେ ଛତିଶଗଡ଼ରେ ଫିଙ୍ଗିଥିଲେ**

**ଟଙ୍କା ପାଇଁ ହତ୍ୟା କରିଥିଲେ**

**ଛତିଶଗଡ଼ ପୁଲିସ ହାତରେ ଧରା ପଡ଼ିଲେ**

**ନୂଆପଡ଼ା, ୧୨।୫(ସମିସ)**

ନୂଆପଡ଼ା ଜିଲ୍ଲା ସଦର ମହକୁମା ୧୨ନମ୍ବର ୱାର୍ଡର ମାନସ ତ୍ରିପାଠୀ(୩୫)ନାମକ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ଛତିଶଗଡ଼ ପୁଲିସ ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ଛତିଶଗଡ଼ ମହାସମୁନ୍ଦ ଜିଲ୍ଲା କୋମାଖାନ ଥାନା ପୁଲିସ ଜଣେ ନାବାଳକ ସମେତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପାରସୁ ଦଣ୍ଡସେନା (୨୬), ଗଣପତି ଦଣ୍ଡସେନା (୨୭), ସରୋଜ ଦଣ୍ଡସେନା (୨୪) ଏବଂ ଜଣେ ୧୪ବର୍ଷିୟ ନାବାଳକ। ଅଭିଯୁକ୍ତମାନେ ଟଙ୍କା ପାଇଁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ଛତିଶଗଡ଼ ଅଞ୍ଚଳରେ ମୃତଦେହ ଫିଙ୍ଗିଦେଇଥିଲେ। ଏକ ପ୍ରେସ୍ ବିବୃତ୍ତିରେ ପୁଲିସ ସୂଚନା ଦେଇଛି।

ଗତ ୮ତାରିଖ ସନ୍ଧ୍ୟାରେ ମାନସ ଘରୁ ସ୍ଥାନୀୟ ଅଞ୍ଚଳରେ ରୋଗୀ ଚିକିତ୍ସା କରିବାକୁ ବାହାରିଥିଲେ। ରାତିରେ ଆଉ ଘରକୁ ଫେରି ନ ଥିଲେ। ପରବର୍ତ୍ତୀ ସମୟରେ ଦିନକ ପରେ ଛତିଶଗଡ଼ର କୋମାଖାନ ଥାନା ନିକଟବର୍ତ୍ତୀ କୋସେକେରା ଜଙ୍ଗଲ ନିକଟରେ ମୃତଦେହକୁ ପୁଲିସ ଠାବ କରିଥିଲା। ଏହାକୁ ନେଇ ମାମଲା ରୁଜୁ ହେବା ପରେ କୋମାଖାନ ପୁଲିସ ତନାଘନା ତଦନ୍ତ ଚଲାଇଥିଲା। ମୃତକଙ୍କ ଫୋନ କଲ୍ ଡିଟେଲସକୁ ଭିତ୍ତି କରି ତଦନ୍ତ ଆଗେଇଥିଲା। ମାମଲା ରୁଜୁ କରି ଘଟଣାର ଗମ୍ଭୀରତାକୁ ବିଚାର କରି ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଏକ ଟିମ୍ ଗଠନ କରାଯାଇଥିଲା। ଅନୁସନ୍ଧାନ ବେଳେ ହତ୍ୟାକାଣ୍ଡର ସମସ୍ତ ସମ୍ଭାବ୍ୟ ଦିଗ ଉପରେ ଅନୁସନ୍ଧାନ କରି ପୁଲିସ ଅଭିଯୁକ୍ତମାନଙ୍କୁ ଖୋଜିବା ଆରମ୍ଭ କରିଥିଲା। ଇଲେକ୍ଟ୍ରୋନିକ୍ ପ୍ରମାଣ ମଧ୍ୟ ସଂଗ୍ରହ କରିବା ଆରମ୍ଭ କରିଥିଲା। ନୂଆପଡ଼ା ସହରର ମହୁଲଭଟା ଗ୍ରାମବାସୀଙ୍କୁ ପଚରାଉଚରା ବେଳେ ଘଟଣାସ୍ଥଳରେ ରାତି ସାଢେ ୭ଟା ପର୍ଯ୍ୟନ୍ତ ମାନସ ଗାଁରେ ଦେଖାଯାଇଥିବା ଜଣାପଡ଼ିଥିଲା। ପରେ ସେ କେଉଁଆଡେ ଯାଇଥିବା ଜଣା ପଡ଼ି ନ ଥିଲା। ତଦନ୍ତ ବେଳେ ସନ୍ଦିଗ୍ଧ ପାରସୁ ଦଣ୍ଡସେନା ତା' ଅନ୍ୟ ବନ୍ଧୁ ସରୋଜ କୁମାର, ଗଣପତି ଏବଂ ଜଣେ ନାବାଳକଙ୍କ ନାମ ଧରିଥିଲା। ପାରସୁ ତାଙ୍କୁ ଚିକିତ୍ସା କରିବାକୁ ଫୋନରେ ମାନସଙ୍କୁ ଡାକିଥିଲେ। ସୁଖ ସାଗର ହୋଟେଲ ନିକଟକୁ ମାନସ ଆସିବା କ୍ଷଣି ୪ଜଣ ମିଶି ମୁହଁ ଏବଂ ଦୁଇ ହାତକୁ ବାନ୍ଧି ଦେଇଥିଲେ। ପରେ ଗଣପତିର ଟାଭେରାରେ ନେଇଥିଲେ। ତାଙ୍କୁ ଟାନୱାଟ ଛକ ଦେଇ ଜଙ୍ଗଲ ରାସ୍ତାରେ କୋମାଖାନ ଆଡକୁ ନେଇଥିଲେ। କୋସେକେରା ନିକଟରେ ତାଙ୍କ ବ୍ୟାଙ୍କ ବାଲାନ୍ସ ସମ୍ପର୍କରେ ସୂଚନା ନିଆଯାଇଥିଲା। ଆକାଉଣ୍ଟରେ ମାତ୍ର ୯ ହଜାର ଟଙ୍କା ଥିବାରୁ ଅଭିଯୁକ୍ତଙ୍କ ଯୋଜନା ସଫଳ ହୋଇପାରି ନ ଥିଲା। ଏହାପରେ ୪ଜଣ ମିଶି ହତ୍ୟା କରିଥିଲେ। ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ମୃତଦେହକୁ କୋସେକେରା ନିକଟ କ୍ଷେତରେ ଫିଙ୍ଗି ଦେଇ ପଳାଇ ଯାଇଥିଲେ। ପର୍ଯ୍ୟାପ୍ତ ପ୍ରମାଣ ପାଇବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ନୀତେଶ ଠାକୁର ସୂଚନା ଦେଇଛନ୍ତି। ତେବେ ଏମାନଙ୍କୁ ପୁଣି ରିମାଣ୍ଡରେ ଆଣି ତଦନ୍ତ ଜାରି ରହିବ ବୋଲି ସେ କହିଛନ୍ତି।

# ଜିଲ୍ଲା ପୁଲିସ ପକ୍ଷରୁ ବରିଷ୍ଠ ନାଗରିକ ସମ୍ମିଳନୀ

## ନୂତନ ଅପରାଧିକ ଆଇନ ସମ୍ବନ୍ଧୀୟ ସଚେତନତା

**ଦେବଗଡ଼, ୧୨।୫(ସମିସ):** ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଦେବଗଡ଼ ଆଦର୍ଶ ଥାନା ସମ୍ମିଳନୀ କକ୍ଷରେ ଜିଲ୍ଲାର ବରିଷ୍ଠ ନାଗରିକଙ୍କୁ ନେଇ ସୋମବାର ସନ୍ଧ୍ୟାରେ ବରିଷ୍ଠ ନାଗରିକ ସମ୍ମିଳନୀ ସହିତ ସଡକ ସୁରକ୍ଷା ଏବଂ ନୂତନ ଆଇନର କାର୍ଯ୍ୟକାରୀତା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅୟୋଜିତ ହୋଇଯାଇଛି। ଦେବଗଡ଼ ଅଦର୍ଶ ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସବ୍ୟସାଚୀ ଶତପଥିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ କୁମାର ଚୋପଦାର ଓ ଡିଏସ୍‌ପି ପବିତ୍ର କିସାନ ପ୍ରମୁଖ ଉପସ୍ଥିତ ରହି ସଡକ ସୁରକ୍ଷା ଆଇନ ଓ ଏହାର ବ୍ୟବହାର, ଦୁର୍ଘଟଣା ରୋକିବାର ବିଭିନ୍ନ ପ୍ରତିକାର ମୂଳକ ବ୍ୟବସ୍ଥା ଉପରେ ଉପସ୍ଥିତବରିଷ୍ଠ ନାଗରିକଙ୍କୁ ସଚେତନ କରିଥିଲେ। ସେହିପରି ୨୦୨୪ ମସିହା ଜୁଲାଇ ୧ ତାରିଖରୁ ଲାଗୁ ହୋଇଥିବା ଭାରତୀୟ ନାଗରିକ ନ୍ୟାୟ ସଂହିତା, ଭାତରୀୟ ନ୍ୟାୟ ସଂହିତା ଓ ନୂତନ ସାକ୍ଷ୍ୟ ଅଧିନିୟମ ଆଦି ନୂତନ ଅପରାଧିକ ଆଇନର ବିଭିନ୍ନ ଧାରା ଉପରେ ଆଲୋଚନା କରିବା ସହ ଏହାର କାର୍ଯ୍ୟକାରୀତା ଉପରେ ସବିଶେଷ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଶ୍ରୀମନ୍ତ ସାହୁନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଦେବଗଡ଼ ଥାନା କର୍ମଚାରୀ ସହଯୋଗ କରିଥିଲେ।




# ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ନେଇ ସମୀକ୍ଷା

**ଝାରସୁଗୁଡା, ୧୨।୫(ସମିସ):** ଝାରସୁଗୁଡା ଜିଲ୍ଲାରେ ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାରେ ଚାଲୁଥିବା ସମସ୍ତ ଉଠା ଜଳସେଚନ ପ୍ରକଳ୍ପ ସହିତ କ୍ଷୁଦ୍ରଜଳ ସେଚନ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯାଇଛି। ଜିଲ୍ଲାରେ ଅଚଳ ଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ, ନିର୍ମାଣଧୀନ ପ୍ରକଳ୍ପର କାର୍ଯ୍ୟ ଶେଷ ଆଦିକୁ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇ ବର୍ଷା ଋତୁ ଆସିବା ପୂର୍ବରୁ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ। ଏହାସହ ଝାରସୁଗୁଡ଼ା ଜିଲ୍ଲାରେ ଘରକୁ ଘର ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରି ଏହାକୁ ଶୀଘ୍ର ଶେଷ କରି ଲୋକଙ୍କ ଘରକୁ କିପରି ସୁରୁଖୁରୁରେ ପାଣି ପହଞ୍ଚି ପାରିବ ତୁରନ୍ତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି। ବୈଠକରେ ଝାରସୁଗୁଡା ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ



**ବରଗଡ଼, ୧୨।୫(ସମିସ):** ବରଗଡ଼ ଭଟଲି ଛକ ସ୍ଥିତ ସାଇକୃପା ନର୍ସିଂହୋମରେ ସୋମବର ଆନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଛି। ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଆଜି ଜୟନ୍ତୀ ଥିଲା। ସାରା ବିଶ୍ୱରେ ତାଙ୍କ ଜନ୍ମଦିନକୁ ଆନ୍ତର୍ଜାତୀୟ ନର୍ସ ଦିବସ ଭାବରେ ପାଳନ କରାଯାଉଛି। ସାଇକୃପା ନର୍ସିଂହୋମରେ ସମାଜସେବୀ ତଥା ଡ.ସସ୍ମିତା ଦାଶ ତଥା ଡା.ରାଜେଶ୍ ତ୍ରିପାଠୀ ଡାକ୍ତରଖାନାରେ କାର୍ଯ୍ୟରତ ସମସ୍ତ ନର୍ସ ଓ ଷ୍ଟାଫ୍‌ଙ୍କ ସହ କେକ୍ କାଟି ଥିଲେ। ସମସ୍ତେ ନିଷ୍ଠାର ସହ ରୋଗୀଙ୍କ ସେବା ଶୁଶ୍ରୂଷା କରିବାକୁ ଡ. ଦାଶ କହିଥିଲେ। ପରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ଜନ୍ମଦିନ ପାଳିତ ହୋଇଥିଲା।

# ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ନିଃଶୁଳ୍କ କମ୍ପ୍ୟୁଟର ଶିକ୍ଷାଦାନ



**ବରଗଡ଼, ୧୨।୫(ସମିସ):** ବରଗଡ଼ ସଂସ୍କାର ଇଣ୍ଟରନାସନାଲ ସ୍କୁଲରେ ଶ୍ରୀ ଓଁକାର ଏଜୁକେଶନ ଟ୍ରଷ୍ଟ ଦ୍ୱାରା ଅଞ୍ଚଳର ଅଭାବୀ ଶିଶୁମାନଙ୍କୁ ମାଗଣା କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଉଛି। ଗତବର୍ଷ ମଧ୍ୟ ଟ୍ରଷ୍ଟ ପକ୍ଷରୁ ଏହି ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ବର୍ଷ ମେ' ୯ରୁ ସମ୍ପୂର୍ଣ୍ଣ ଜୁନ୍ ମାସ ପର୍ଯ୍ୟନ୍ତ ଏହା ଚାଲିବ। ଡାଙ୍ଗ ଏବଂ ଆଖପାଖ ଗାଁର ବହୁ ଶିଶୁ ସଂସ୍କାର ଇଣ୍ଟରନାସନାଲ ସ୍କୁଲର ଅତ୍ୟାଧୁନିକ ସୁବିଧା ଯୁକ୍ତ କମ୍ପ୍ୟୁଟର ଲାବ୍‌ରେ ବିଦ୍ୟାଳୟର ଅଭିଜ୍ଞ ଶିକ୍ଷକଙ୍କ ଦେଖାଶୁଣାରେ ଏଥିରୁ ଲାଭାନ୍ୱିତ ହୋଇପାରିବେ। ଶ୍ରୀ ଓଁକାର ଏଜୁକେଶନ ଟ୍ରଷ୍ଟ ଦ୍ୱାରା ଏହି ଯୋଜନାରେ ଶିଶୁମାନେ କମ୍ପ୍ୟୁଟର ସମ୍ବନ୍ଧୀୟ ମୌଳିକ ଜ୍ଞାନ ଯଥା ଏମ୍ଏସ୍ ଅଫିସ୍, ଇଣ୍ଟରନେଟ୍ ଆଦି ଶିକ୍ଷାଲାଭ କରିବେ। ଆଜି ଏହି ଶିକ୍ଷା ଶିବିରକୁ ବିଦ୍ୟାଳୟର ଅଧକ୍ଷ ସୁମନ ସାୱଡ଼ିୟା ଉଦ୍‌ଘାଟନ କରିଥିଲେ। ଆର୍ଥିକ ଅଭାବରୁ ଶିକ୍ଷା ପ୍ରାପ୍ତ କରିପାରୁ ନଥିବା ଶିଶୁମାନଙ୍କୁ ଶିକ୍ଷିତ କରିବା ଶ୍ରୀ ଓଁକାର ଏଜୁକେଶନ ଟ୍ରଷ୍ଟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଆର୍ଥିକ ତାଡ଼ନା ଯୋଗୁଁ ଯେଉଁ ପ୍ରତିଭାମାନେ ଆଗକୁ ବଢ଼ି ପାରୁନାହାନ୍ତି ସେମାନଙ୍କୁ ସମ୍ବଳ ପ୍ରଦାନ କରିବା ଲକ୍ଷ୍ୟ ନେଇ ଟ୍ରଷ୍ଟ ଆଗକୁ ମଧ ଏପରି କାର୍ଯ୍ୟ ଜାରି ରଖିବ ବୋଲି କୁହାଯାଇଛି।

# କେଶାଇପାଲିରେ ନୃସିଂହ ଜନ୍ମୋତ୍ସବ ଉଦ୍‌ଯାପିତ

**ବରଗଡ଼, ୧୨।୫(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ କେଶାଇପାଲି ଗାଁର ନୃସିଂହ ମନ୍ଦିରରେ ମହାସମାରୋହରେ ଅନୁଷ୍ଠିତ ହୋଇଥିବା ନୃସିଂହ ମହାପ୍ରଭୁଙ୍କ ଜନ୍ମୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବ ନାଟ୍ୟାଭିନୟ ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବୈଶାଖ ପୂର୍ଣ୍ଣିମା ସୋମବାର ଦିନ ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ନୃସିଂହ ମହାପ୍ରଭୁଙ୍କର ଉପଚାର ପୂଜନ ପୂର୍ବକ ଚନ୍ଦନ ପୂର୍ଣ୍ଣମୀ ବିହିତ ପୂଜନୋତ୍ସବ ହୋଇଥିଲା। ୧୨ଟାରେ ଗୀତା ଯଜ୍ଞ, ପରେ ପୂର୍ଣ୍ଣାହୂତି ମହାଧ୍ୱଜାରୋହଣ, ସାମୂହିକ ଆଶୀର୍ବାଦ ପ୍ରଦାନ ପୂର୍ବକ ଅନ୍ନପ୍ରସାଦ ସେବନ ହୋଇଥିଲା। ଏହି ଅବସରରେ ଭକ୍ତ ପ୍ରହଲ୍ଲାଦଙ୍କର ସଂକୀର୍ତ୍ତନ ଦଳ ସହ ନଗର ପରିକ୍ରମା ହୋଇଥିଲା। ବିଷ୍ଣୁ ଭକ୍ତଙ୍କୁ ପାଇ ଗ୍ରାମବାସୀ ନିଜ ନିଜ ଗୃହ ସମ୍ମୁଖରେ ଝୋଟି, ରଙ୍ଗୋଲୀ ଅଙ୍କନ କରି କଳସ, ଜାଗର ବସାଇ ପଦଧୋଇ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ମନ୍ଦିରରେ ମହାପ୍ରଭୁଙ୍କୁ ସନ୍ଧ୍ୟା ଆଳତୀ ପ୍ରଦାନ ପୂର୍ବକ ତ୍ରିଦିନାତ୍ମକ କାର୍ଯ୍ୟର ସମାପନ ହୋଇଥିଲା। ଗାଁର ଜମିଦାର ଲକ୍ଷ୍ମୀନାରାୟଣ ସିଂ ଓ ତାଙ୍କ ସହଧର୍ମିଣୀ ଜ୍ୟୋତ୍ସ୍ନାରାଣୀ ସିଂ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ଚୂଡ଼ାମଣୀରଥ, ଭାଗରଥୀ ମହାପାତ୍ର, ବିଷ୍ଣୁ ଦାଶ, ବିଘ୍ନରାଜ ଦାଶ, ସରୋଜରଥ ପୂଜାର୍ଚ୍ଚନା କରିଥିଲେ। ମୋତି ବନମାଳୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ହିରଣ୍ୟକଶ୍ୟପଙ୍କ ଭଉଣୀ ହୋଲିକାଙ୍କର ନଗର ପରିଭ୍ରମଣ ଅନୁଷ୍ଠିତ ହୋଇଥିଲା। ରାଜଦରବାରରେ ଭକ୍ତ ପ୍ରହଲ୍ଲାଦଙ୍କୁ ଅକଥନୀୟ ଅତ୍ୟାଚାର, ହୋଲିକା ଦହନ, ମହାପ୍ରଭୁ ନୃସିଂହ ଭଗବାନଙ୍କର ଆବିର୍ଭାବ ଏବଂ ନଖରେ ହିରଣ୍ୟକଶ୍ୟପଙ୍କର ବିଦାରଣ ନାଟ୍ୟାଭିନୟ ମାଧ୍ୟମରେ ପରିବେଷିତ ହୋଇଥିଲା। ଏହା ସହିତ ମଞ୍ଚରେ କେଶାଇପାଲିର ସଉକିଆ ପିଲା ଡାନ୍ସ ଗ୍ରୁପଙ୍କ ନୃତ୍ୟ ସମେତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିରଣ୍ୟକଶ୍ୟପ ଭାବେ ଝସକେତନ ପଧାନ ଏବଂ ଭକ୍ତ ପ୍ରହଲ୍ଲାଦ ଭାବେ ଅଦ୍ୱିକ ଆର୍ଯ୍ୟନ ଷଡ଼ଙ୍ଗୀ ନିଖୁଣ ଅଭିନୟ କରିଥିଲେ। ନରେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଗାଁର ତଥା ଆଖପାଖ ଅଞ୍ଚଳର ବହୁଭକ୍ତଙ୍କ ସମାଗମ ହୋଇଥିଲା।



# ଆନ୍ତଃ କ୍ଲବ୍ ସ୍କୁଲ ବାଳକ ହକି ଜୁନିୟର ପ୍ରତିଯୋଗିତା

## ଏକଲବ୍ୟ ସ୍କୁଲ, ଜେଇଏସ୍ ଷ୍ଟାର ଓ ଗୋଲଡେନ କ୍ଲବ୍ ବିଜୟୀ



**ଝାରସୁଗୁଡ଼ା, ୧୨।୫(ସମିସ)**

ଝାରସୁଗୁଡା ଜିଲ୍ଲା ହକି ଷ୍ଟାଡିୟମରେ ରବିବାର ଠାରୁ ଆରମ୍ଭ ହୋଇ ଥିବା ଆନ୍ତଃ କ୍ଲବ୍ ୫-ଏ ସାଇଡ ହକି ଜୁନିୟର ବାଳକ ପ୍ରତିଯୋଗିତାର ୨ୟ ଦିବସରେ ମୁଖ୍ୟଅତିଥି ଭାବରେ ୨ୟ ଓଏସ୍ଏପିର ଉପଦୁର୍ଗପତି ଭବାନୀ ଶଙ୍କର ଶେଠ ଯୋଗ ଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ସମ୍ମାନୀୟ ଅତିଥି ଭାବରେ ଝାରସୁଗୁଡା କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ଡିଲେଶ୍ୱର ରାଓ ଯୋଗଦେଇ ଥିଲେ।ପ୍ରତିଯୋଗିତାରେ ଜିଲ୍ଲାର ୧୯ ବର୍ଷ ବୟସରୁ କମ୍ ବର୍ଗର ବାଳକ ହକି ଖେଳାଳି ଝାରସୁଗୁଡା ଜିଲ୍ଲାର କ୍ଲବ୍ ଓ ସ୍କୁଲ ମାଧ୍ୟମରେ ଅଂଶ କରିଛନ୍ତି। ଆନ୍ତଃ କ୍ଲବ୍ ୫-ଏ ସାଇଡ ହକି ଜୁନିୟର ବାଳକ ନକ୍ ଆଉଟ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ହକି କ୍ଲବ୍ ଗଜୁଡିହି (ଲଇକେରା) ଓ ଏକଲବ୍ୟ ସ୍କୁଲ କିରିମିରା ମଧ୍ୟରେ ଅନୁଷ୍ଠିତ ହେବାରଥିଲା। କିନ୍ତୁ ହକି କିଲବ୍ ଗଜୁଡିହି ନ ଆସିବାରୁ ଏକଲବ୍ୟ ସ୍କୁଲ ବିଜୟୀ ଘୋଷିତ ହୋଇଥିଲା। ୨ୟ ମ୍ୟାଚ୍ ଗୋଲଡେନ କ୍ଲବ୍ ରେଲବାଇ କଲୋନୀ ଓ ଗତକାଲିର ବିଜୟୀ ଦଳ ଭିନସେଟ୍ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଗୋଲଡେନ କ୍ଲବ୍ ୫-୧ ଗୋଲରେ ବିଜୟୀ ହୋଇଥିଲା। ୩ୟ ମ୍ୟାଚ୍ ଓଡ଼ିଶା ବିଗ୍ରେଡ ସ୍କୁଲ ଅରଡା ଓ ଜେଇଏସ୍ ଷ୍ଟାର ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇ ଜେଇଏସ୍ ଷ୍ଟାର ୪-୧ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ଶକୁନ ନାୟକ, ପ୍ରଫୁଲ କୁଲୁ, ସୁଜିତ ଲାକ୍ରା, ସଙ୍ଗିତାରୋଜ କୁଲୁ, ଓ ଜିତେନ୍ଦ୍ର ମହନ୍ତ ପରିଚାଳନା କରିଥିଲେ।



# ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା, ୧୨।୫(ସମିସ):** ମରଣାନ୍ତକ ଆକ୍ରମଣ କରି ଫେରାର ଥିବା ଅଭିଯୁକ୍ତ ମନୁ ଚୌହାନ(୩୩)କୁ ଝାରସୁଗୁଡା ଟାଉନ୍ ପୁଲିସ୍ ସୋମବାର ଗିରଫ କରିଛି। ଗତ ୨୦୨୪ ମସିହା ୨୫ ଫେବୃଆରୀ ସନ୍ଧ୍ୟାରେ ଝାରସୁଗୁଡ଼ା ବୁରୋମାଲ ଅଞ୍ଚଳର ସମ୍ଭୁ କହାଲିଙ୍କ ଭାଇଙ୍କୁ ଅଭିଯୁକ୍ତ ଆକ୍ରମଣ କରି ଧମକ ଦେଇଥିଲା। ଏନେଇ ସମ୍ଭୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ମନୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ୍ ସୂଚନା ଦେଇଛି।

# ଟୁହିଲାମାଲରେ ଅଷ୍ଟପ୍ରହର ନାମଯଜ୍ଞ

**ଦେବଗଡ଼, ୧୨।୫(ସମିସ):**ରିଆମାଳ ବ୍ଲକ ଅନ୍ତର୍ଗତ ଟୁହିଲାମାଲ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଅଛି।ରବିବାର ବାଙ୍କେଶ୍ୱରି ମନ୍ଦିର ନିକଟସ୍ଥ ବାଉଁଶ ଯୋରା ନାଳରେ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ଆରମ୍ଭ ହୋଇଥିଲା। ରତ୍ନାକର ଗଡ଼ନାୟକ ଓ ତାଙ୍କ ପତ୍ନୀ ମନୋରମା ଗଡ଼ନାୟକ ଯଜ୍ଞର କର୍ତ୍ତା ହୋଇଥିବା ବେଳେ ସଞ୍ଜୟ ଶତପଥୀ, ଶୁଶାନ୍ତ ମିଶ୍ର, ସଞ୍ଜୟ ଶତପଥୀ, ଶୁଭମ୍ ମିଶ୍ର, ଯଜ୍ଞେଶ୍ୱର୍ ମିଶ୍ର, ଧିରେନ ମିଶ୍ର, ଧୀରେନ୍ ପଣ୍ଡା, ପୀତବାସ ପଣ୍ଡା ପୁରୋହିତ କାର୍ଯ୍ୟସମ୍ପାଦନ କରିଥିଲେ। ବ୍ରହ୍ମଚାରୀ ସ୍ୱାମୀ ଅଭୟ ଚୈତନ୍ୟ ଜି ଆଜି ସକାଳେ ହରି ଭକ୍ତ ମାନଙ୍କୁ ହରେ କୃଷ୍ଣ ମହାମନ୍ତ୍ର ପ୍ରଦାନ କରିଥିଲେ। ଯଜ୍ଞ କମିଟି ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ଭାବଗ୍ରାହୀ ନାୟକଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଉଛି। ଆସନ୍ତାକାଲି ପୂର୍ଣ୍ଣାହୂତି ପୂଜନ ସମାପ୍ତ ହେବ। କଖାରୁମାଲ, ତାରଙ୍ଗ, କାଦୋପଡ଼ା, କୁମାଳ, ଦଶଘରିଆ ଆଦି ଚାଳିଶ ସଙ୍କୀର୍ତ୍ତନ ମଣ୍ଡଳୀ ହରି ନାମ ଗାନ କରିଥିଲେ। ଦୁଷ୍ମନ୍ତ ନାୟକ, ପ୍ରଫୁଲ୍ଲ ନାୟକ, ଶ୍ରୀବତ୍ସ ମହାକୁଲ୍, ଅରୁଣ ମାଟିଆରି, ମନୋଜ ନାୟକ, ବାପି ନାୟକ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ

**ଝାରସୁଗୁଡା, ୧୨।୫(ସମିସ):** ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଞ୍ଚପଡ଼ା ଶିଶୁବିକାଶ ବିଦ୍ୟାମନ୍ଦିରରେ ଚାଲିଥିବା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝୀଙ୍କ ଦ୍ୱାରା ଦିନିକିଆ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ସକାଳ ୭ ଟା ସମୟରେ ପଞ୍ଚପଡ଼ା ସିଆର୍‌ସିସି ସୁରଜ୍ ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ୧୨ ଜଣ ଗୁରୁଜୀ, ଗୁରୁମାଙ୍କୁ ଶିକ୍ଷା କ୍ଷେତ୍ରରେ ଅଧିକ ଦକ୍ଷତା ବୃଦ୍ଧି କରିବା ପାଇଁ ସରବହାଲ ଶିଶୁମନ୍ଦିରର ଗୁରୁମା ସଂଯୁକ୍ତା ମେହେର, ବୋରମାଲ୍ ପ୍ରାଥମିକ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିପି ପୁଷ୍ପା ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟ ଶଙ୍କର ପଟେଲ, ରୁପାନନ୍ଦ ଚୌଧୁରୀ ପ୍ରମୁଖ ପ୍ରଶିକ୍ଷକ ଭାବରେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରି ଥିବା ବେଳେ ବିଦ୍ୟାଳୟ ଶୈକ୍ଷୀକ ଓ ସହ ଶୈକ୍ଷୀକ ପ୍ରମୁଖ ମନ୍ଦାକିନୀ ମାକର, ତାରାଣି ପ୍ରିୟା ମହାନ୍ତି ପ୍ରଶିକ୍ଷଣର ଉତ୍ତମ ସଂଯୋଜନା କରିଥିଲେ। ଗଣିତ, ସାହିତ୍ୟ, ଶାରୀରିକ, ବନ୍ଦନା ପ୍ରାର୍ଥନା ଆଦି ସହିତ ଶିଶୁ କଳିକା ଉପରେ ବିଭିନ୍ନ ଗୀତ ଓ ଗପ ର କ୍ରିୟାକଳାପର ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା।

■ ରଥଖଳାରୁ...

# ସିଙ୍ଗଡ଼ା ବାଡ଼ିଆ ଅନୁକୂଳ



ପୁରୀ, ୧୨।୫(ସମିସ): ରଥଖଳାରେ ସୋମବାର ତୁମ୍ବରେ ଅର ସଂଯୋଗ କରାଯାଇଛି। ତୁମ୍ବରେ ଅର ସଂଯୋଗକୁ ପାରମ୍ପରିକ ଭାଷାରେ ସିଙ୍ଗଡା ବାଡ଼ିଆ କୁହାଯାଏ। ଭୋଇ ସେବକମାନେ ମା’ ଚର୍ଚ୍ଚିକାଙ୍କ ନିକଟରେ ମାଜଣା କରି ଶ୍ରୀଫଳ, ବିରିପିଠା, ସୁଆରପିଠା ସମର୍ପଣ କରିଥିଲେ। ପରେ ଭୋଇ ସର୍ଦ୍ଦାର ରବି ଭୋଇ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରି ତିନିରଥର ୩ଟି ତୁମ୍ବରେ ଅର ଯୋଡ଼ି ସିଙ୍ଗଡ଼ା ବାଡିଆ କାର୍ଯ୍ୟ ଅନୁକୂଳ କରିଛନ୍ତି।

ରଥଖଳାରେ ଚାଲିଛି ମହାପ୍ରଭୁଙ୍କ ତିନିରଥ ନିର୍ମାଣ। ନିହଣ, ମୁଗୁର ଓ ବାରିସି ମାଡ଼ ଧ୍ୱନିରେ ଗୁଞ୍ଜରିତ ହେଉଛି ରଥଖଳା। ରଥ ତିଆରିରେ ନିମଗ୍ନ ରହିଛନ୍ତି ଏହାସହ ସମ୍ପୃକ୍ତ ସେବକ। ପୂର୍ବରୁ ସମସ୍ତ ୪୨ଟି ତୁମ୍ବ ବୋଳା ସରିବା ସହ ସୂତା ବାଡ଼ିଆ ଶେଷ ହୋଇଥିଲା। ଏବେ ତୁମ୍ବରେ ଅର ସଂଯୋଗ କରାଯାଉଛି। ଆସନ୍ତା ୧୯ ତାରିଖ ଭଉଁରୀରେ ଚକଡେରା ନୀତି ରହିଛି। ଏହାକୁ ଦୃଷ୍ଟିରେ ରଖି ୬ଟି ଚକ କାମ ଶେଷ କରିବାକୁ ଲାଗିପଡ଼ିଛନ୍ତି ମହାରଣା ସେବକ। ଅନ୍ୟପକ୍ଷରେ ରଥଖଳାରେ କୋଣଗୁଜ କାଠ ଚଉପଟ କରାଯାଉଛି। ରୂପକାର ସେବକମାନେ କୋଣଗୁଜରେ ନୃସିଂହ ବିରାଳ ରୂପ ଖୋଦେଇ କାମ ଜାରି ରଖିଛନ୍ତି। ରବିବାର ଭୋଇ ସେବକମାନେ ଯନ୍ତାଗାଡ଼ରେ ତୁମ୍ବ ଆଣି ରଖିଥିଲେ। ତୁମ୍ବ, ଅର, କୋରାମୁଣ୍ଡା (କାଠ ତିଆରି ହାତୁଡ଼ି)କୁ ଚନ୍ଦନ, ସିନ୍ଦୁର ଦେଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶ୍ରୀଫଳ ଭାଙ୍ଗି ତୁମ୍ବରେ ଗୋଟିଏ ପରେ ଗୋଟିଏ ଅର ସଂଯୋଗ କରି କୋରାମୁଣ୍ଡାରେ ଭୋଇ ସେବକମାନେ ପ୍ରହାର କରିଥିଲେ। ଏହାସହ ତୁମ୍ବ ଏବଂ ଅରକୁ ସଲଗ୍ନ କରି ଅରକଣ୍ଟା ବାଡିଆ ଯାଇଥିଲା। ପ୍ରତି ତୁମ୍ବରେ ୩୨ଟି ବିନ୍ଧ ଓ ୧୬ଟି ଅର ସଂଯୋଗ ହୋଇଥାଏ। ଅନ୍ୟପକ୍ଷରେ ରଥଖଳାରେ ଏବେ ମହାରଣାମାନେ ଗୁଜ, କୁତୁକା, ଜଳଯନ୍ତ୍ର, ତିଖ ଗୁଜ ନିର୍ମାଣ କରୁଛନ୍ତି। ସେହିପରି ଦୋଳବେଦୀ କୋଣ କମାର ଶାଳାରେ କମାର ସେବକମାନେ ତିନିରଥର ୪୨ଚକ ପାଇଁ ଅରକଣ୍ଟା କରିବା ସହ ପଦାରୀ ଓ ତୁମ୍ବର ବଳା ତିଆରି କରୁଛନ୍ତି।

**ମହାନଦୀର ତଣ୍ଟି ଚିପିଛି ଛତିଶଗଡ଼**

# ଶୁଖିଲା ନଈପଠାରେ ଜୀବିକାର ରାହା



■ ସଙ୍କଟରେ ରାଜ୍ୟର ଶତାଧିକ ମତ୍ସ୍ୟଜୀବୀ ପରିବାର
■ ଗତବର୍ଷଠାରୁ ୩ ଫୁଟ କମିଲା ହୀରାକୁଦ ଜଳସ୍ତର

ସମ୍ବଲପୁର,୧୦।୦୫(ସମିସ): ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ଶହ ଶହ ସଂଖ୍ୟାରେ ବନ୍ଧ ଓ ବ୍ୟାରେଜ୍ ଓଡିଶା ପାଇଁ ଦିନକୁ ଦିନ କାଳ ହେବାରେ ଲାଗିଲାଣି। ବିଶେଷକରି ଅଣମୌସୁମୀ ଋତୁରେ ଏହା ଉତ୍କଟ ଜଳାଭାବ ସ୍ଥିତି ସୃଷ୍ଟି କରିବାରେ ଲାଗିଛି। ଗ୍ରୀଷ୍ମଋତୁରେ ଏଭଳି ସ୍ଥିତି ଓଡିଶା ପାଇଁ ଚିନ୍ତାର କାରଣ ପାଲଟିଛି। ବିଶେଷକରି ଉପରମୁଣ୍ଡ କଲମାର ସମସ୍ତ ଗେଟ୍ ବନ୍ଦ ଥିବା ବେଳେ ମହାନଦୀ ଦିନକୁ ଦିନ ଭୟଙ୍କର ସ୍ଥିତି ଧାରଣ କରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶୁଖିଲା ମହାନଦୀ କେବଳ ଜଳସେଚନ କିମ୍ବା ବିଦ୍ୟୁତ୍ ଉତ୍ପାଦନ ପାଇଁ ବାଧା ସୃଷ୍ଟି କରୁନାହିଁ; ବରଂ ମତ୍ସ୍ୟଜୀବୀଙ୍କ ଚୁଲି ବି ବନ୍ଦ ହେବା ସ୍ଥିତିକୁ ଆସିଗଲାଣି। ଓଡିଶାର ଶହ ଶହ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଛି। ଶୁଖିଲା ନଈପଠାରେ ପଡ଼ିରହିଛି ଗୁଜୁରାଣ ମେଣ୍ଟାଉଥିବା ଡଙ୍ଗା। ଜଳାଭାବ ଯୋଗୁଁ ଓଡିଶାର ଝାରସୁଗୁଡ଼ା ଏବଂ ବରଗଡ଼ ଜିଲ୍ଲାର ୪ ଖଣ୍ଡ ଗାଁର ଶତାଧିକ ମତ୍ସ୍ୟଜୀବୀ ପରିବାର ଜୀବିକା ହରାଇଲେଣି।

ଚଳିତବର୍ଷ ଛତିଶଗଡ଼ ଆରମ୍ଭରୁ କଲମା ସମେତ ଇବ୍, କେଲୋ ଭଳି ସମସ୍ତ ଶାଖା ନୀଦ ଉପରେ ନିର୍ମାଣ କରିଥିବା ବନ୍ଧଗୁଡ଼ିକର ସମସ୍ତ ଗେଟ୍ ପକାଇ ପାଣି ଅଟକାଇବା ଆରମ୍ଭ କରିଥିଲା। ଏହାର ପରିଣାମ ସ୍ୱରୂପ, ମାସକ ତଳୁ ହୀରାକୁଦ ଜଳଭଣ୍ଡାରରେ ନିଅଣ୍ଟିଆ ସ୍ଥିତି ସୃଷ୍ଟି ହୋଇସାରିଛି। ଏପରିକି ଗତବର୍ଷଠାରୁ ଏବର୍ଷ ହୀରାକୁଦ ଜଳସ୍ତର ୩ ଫୁଟ୍ କମିଗଲାଣି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୧୦.୯୧ ଫୁଟ୍ ଥିବା ବେଳେ ଆଜି ୬୦୭.୬୨ ଫୁଟ୍ ରହିଛି। ସେପଟେ ଉପରମୁଣ୍ଡରୁ ଅଧିକାଂଶ ଦିନ ମାତ୍ର ହଜାରେ କ୍ୟୁସେକରୁ ବି କମ୍ ପାଣି ହୀରାକୁଦକୁ ପ୍ରବେଶ କରୁଛି। ଆଜି ହୀରାକୁଦକୁ ମାତ୍ର ୮୦୫ କ୍ୟୁସେକ୍ ପାଣି ପ୍ରବେଶ କରିଥିବା ବେଳେ ବିଭିନ୍ନ କେନାଲ ଏବଂ ପାୱାର୍ ଚ୍ୟାନେଲ ମିଶି ମୋଟ୍ ୯୭୩୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଏପରିକି କେବଳ ଖରା ଯୋଗୁଁ ୯୩୫ କ୍ୟୁସେକ୍ ଜଳ ବାଷ୍ପିତ ହୋଇ ଉଡ଼ିଯାଉଛି। କହିବାକୁ ଗଲେ ହୀରାକୁଦକୁ ଯେତିକି ପାଣି ପ୍ରବେଶ କରୁଛି, ପ୍ରାୟ ସମ ପରିମାଣର ପାଣି ସୂର୍ଯ୍ୟ ଶୋଷି ନେଉଛି। ଏଭଳି ସ୍ଥିତିରେ ଦ୍ରୁତ ଗତିରେ ଜଳସ୍ତର ଖସିବାରେ ଲାଗିଛି।

ଆଜି ପୂର୍ବାହ୍ଣର ସୂଚନା ଅନୁଯାୟୀ, କଲମା ତା’ର ସମସ୍ତ ୬୬ ଗେଟ୍ ବନ୍ଦ କରିଥିବା ବେଳେ କେବଳ ୫୬ ନମ୍ବର ଗେଟ୍‌କୁ ୫୦ ଏମ୍ଏମ୍ ଖୋଲା ରଖିଛି। ହେଲେ ଏଥିରୁ ୫୦ କ୍ୟୁସେକ୍‌ରୁ ବି କମ୍ ପାଣି ତଳ ମୁଣ୍ଡକୁ ଆସୁଥିବା ବେଳେ ଏହା ଓଡିଶା ଯାଏ ପହଞ୍ଚି ପାରୁନାହିଁ। ଏହି ପରିସ୍ଥିତି ପାଇଁ କଲମାର ତଳମୁଣ୍ଡରେ ଥିବା ଛତିଶଗଡ଼ର ରାୟଗଡ଼ ଜିଲ୍ଲାର ୩୦ରୁ ଅଧିକ ଗାଁରେ ଉତ୍କଟ ଜଳାଭାବ ଦେଖାଦେଇଛି। ମହାନଦୀ ପାଣି ଭରସାରେ ହେଉଥିବା ଡାଲୁଅ ଚାଷ ବି ବନ୍ଦ ହୋଇଯାଇଛି। ଅପରପକ୍ଷେ, ଓଡିଶାରେ ମହାନଦୀର ପ୍ରବେଶ ସ୍ଥାନରେ ନଈ ଶୁଖିଲା ପଡ଼ିଲାଣି।

ଏହି ସ୍ଥିତି ପାଇଁ ବର୍ତ୍ତମାନ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର କଣ୍ଢେଇକେଲା ପଞ୍ଚାୟତର ସେମଲିଆ ଏବଂ ପିଥିଣ୍ଡା ପଞ୍ଚାୟତର ନନ୍ଦପାଲି ଗାଁର ମତ୍ସ୍ୟଜୀବୀଙ୍କ ଜୀବିକା ଠପ୍ ହୋଇଗଲାଣି। ସେମଲିଆରେ ପ୍ରାୟ ୩୦ ମତ୍ସ୍ୟଜୀବୀ ପରିବାର ଏବଂ ନନ୍ଦପାଲିରେ ପ୍ରାୟ ୮୦ ପରିବାର ମହାନଦୀରେ ମାଛ ମାରି ପରିବାର ପ୍ରତିପୋଷଣ କରିଥା’ନ୍ତି। ହେଲେ ବର୍ତ୍ତମାନ ଏହି ଦୁଇ ଗାଁ ନିକଟରେ ନଦୀ ଏକପ୍ରକାର ବାଲିଚରରେ ପରିଣତ ହୋଇଥିବାରୁ ସବୁ ଡଙ୍ଗାଗୁଡିକ ଶୁଖିଲା ନଈପଠାରେ ପଡ଼ି ରହିଛି। ସେହିପରି ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକର ଚିଖିଲି, ଅନ୍ତରାଡ଼ି ଆଦି ଗାଁରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଲାଣି। ଆଗକୁ ଏଭଳି ହାରରେ ଜଳସ୍ତର ଖସିଲେ ଲଖନପୁର ବ୍ଲକର ମହୁଲପାଲିର ୭୦ ପରିବାର, ଚିଖିଲିର ୫୦ ପରିବାର, ତିଲଗିର ୫୦ ପରିବାର ମଧ୍ୟ ଜୀବିକାଶୂନ୍ୟ ହେବାର ଆଶଙ୍କା ସୃଷ୍ଟି ହେଲାଣି।

ଅପରପକ୍ଷେ, ମହାନଦୀ ଜଳ ବିବାଦର ସମାଧାନ ପାଇଁ ଉଦ୍ଦିଷ୍ଟ ଟ୍ରିବ୍ୟୁନାଲରେ ନ୍ୟାୟିକ ପ୍ରକ୍ରିୟା ଠପ୍ ହୋଇଯାଇଥିବା ବେଳେ ଏହା ମୂରବୀଶୂନ୍ୟ ହୋଇପଡିଛି। ଏପରିକି ଟ୍ରିବ୍ୟୁନାଲ ଗଠନର ୭ ବର୍ଷ ପରେ ମଧ୍ୟ ଛତିଶଗଡ଼ର ନିର୍ମାଣ କାମ ରୋକିବା ତଥା ଓଡିଶାର ତା’ର ଧାର୍ଯ୍ୟ ଜଳ ଛାଡ଼ିବାକୁ କୌଣସି ଅନ୍ତରୀଣ ଆଦେଶ ମଧ୍ୟ ଜାରି ହୋଇନାହିଁ। ଯଦ୍ଦ୍ୱାରା ଛତିଶଗଡ଼ ତା’ର ଦାଦାଗିରି ଜାରି ରଖିଛି। ବର୍ତ୍ତମାନ ଓଡିଶା, ଛତିଶଗଡ଼ ସମେତ କେନ୍ଦ୍ରରେ ବି ବିଜେପି ସରକାର ଥିବାରୁ ମହାନୀଦକୁ ଟ୍ରିପଲ ଇଞ୍ଜିନ ସରକାର ମିଳିଛି। ତଥାପି ମହାନଦୀର ଭାଗ୍ୟ ଫିଟୁ ନ ଥିବାରୁ ଏହା ଓଡିଶାବାସୀଙ୍କ ପାଇଁ ଅସନ୍ତୋଷର କାରଣ ହେଲାଣି।

**ବଦଳିଲା ଟର୍ମିନାଲ ପଏଣ୍ଟ**

# ଭୁବନେଶ୍ୱର ନୂଆ ଷ୍ଟେସନରୁ ଗଡ଼ିଲା ତିନି ଟ୍ରେନ୍

ଭୁବନେଶ୍ୱର,୧୨।୫(ସମିସ): କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ ଏଣିକି ଭୁବନେଶ୍ୱର ମୁଖ୍ୟ ଷ୍ଟେସନ୍ ପରିବର୍ତ୍ତେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଚାଲିବ। ଭୁବନେଶ୍ୱର ନୂଆ ଷ୍ଟେସନ୍‌ରୁ ଆଜି ଗଡ଼ିଛି ଏହି ତିନି ଟ୍ରେନ୍। ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସଏମଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଆଜିଠାରୁ ଭୁବନେଶ୍ୱର ନୂତନ ଷ୍ଟେସନରୁ ଏହାର ଯାତ୍ରା ପ୍ରାରମ୍ଭ ଏବଂ ଶେଷ କରିଛି। ଉପରୋକ୍ତ ସମସ୍ତ ଟ୍ରେନଗୁଡ଼ିକ ମଞ୍ଚେଶ୍ୱର ରେଳ ଷ୍ଟେସନରେ ଉଭୟ ଦିଗରୁ ପ୍ରତ୍ୟେକ ଦୁଇ ମିନିଟ୍ ପାଇଁ ରହଣି ପ୍ରଦାନ କରିଛନ୍ତି। ଏତାଛଡା ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ଉପରୋକ୍ତ ଟ୍ରେନଗୁଡିକ ୨୦ ମିନିଟ୍ ପାଇଁ ରହିବେ। ଏଥିଯୋଗୁଁ ଉତ୍ତର ଭୁବନେଶ୍ୱର, ଆଠଗଡ଼ ଏବଂ କଟକ ଅଞ୍ଚଳର ଲୋକମାନେ ଅଧିକ ଲାଭ ପାଇବେ। ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ରାତି ୧୨ଟା ୨୦ ମିନିଟ୍‌ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିଛି। ୧୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତ୍ତେ ଅପରାହ୍ନ ୦୨ଘ.୪୦ମି. ରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଛାଡିଛି। ଏହି ଟ୍ରେନ ଅପରାହ୍ନ ୦୨ଘ.୪୮ମି.ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ନ ୦୨ଘ.୫୦ମି. ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଯାତ୍ରା କରିଥିଲା। ଅପରାହ୍ଣ ୩ଟାରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛି। ସେହିପରି, ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଅପରାହ୍ନ ୪ଟା ୨୫ ମିନିଟ୍‌ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିଛି। ଏହାବ୍ୟତୀତ, ୨୨୮୨୦ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ରାତି ୧୨ଟା ୩୫ ମିନିଟ୍ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଞ୍ଚିଛି।

■ କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟିର ଯାତ୍ରା ପ୍ରାରମ୍ଭ
■ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରୁ ଆଉ ଯିବନାହିଁ

# ୪ ଦିନିଆ ଓଡ଼ିଶା ଗସ୍ତରେ ମୋହନ ଭାଗବତ

ଭୁବନେଶ୍ୱର,୧୨।୫(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍ଏସ୍)ର ସରସଂଘଚାଳକ ମୋହନ ଭାଗବତ ଆଜିଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସୋମବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ସ୍ୱାଗତ କରାଯାଇଥିଲା। ଏହାପରେ ସେ ସଡ଼କ ପଥରେ ସିଧାସଳଖ କଟକ ଅଭିମୁଖେ ଯାଇଛନ୍ତି। କଟକ ଗତିରାଉତପାଟଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହାସହ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀ ଭାଗବତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୬ ତାରିଖ ଅପରାହ୍ଣରେ ସେ ନୂଆଦିଲ୍ଲୀ ଫେରିଯିବେ ବୋଲି ଜଣାଯାଇଛି।

■ ନାଟକ ବେଳେ ଅଘଟଣ...

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ; ୮ ଆହତ

ବ୍ରହ୍ମପୁର,୧୨।୫(ସମିସ): ସଦର ଥାନା ଅନ୍ତର୍ଗତ ଲାଠି ପଞ୍ଚାୟତର ବେନ୍ଦାଳିଆ ଗ୍ରାମ ହରିଜନ ସାହିରେ ରାମାୟଣ ନାଟକ ପରିବେଷଣ ବେଳେ ଘଟିଛି ଅଭାବନୀୟ ଘଟଣା। ନାଟକରେ ଲାଇଟ୍ ପରିଚାଳନା କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ପଳାସୀ ଗ୍ରାମର ସଞ୍ଜୟ କୁମାର ସେଠୀ(୩୦)। ସେ ଫୁଲୁଟା ଗ୍ରାମର ରାମାୟଣ ନାଟକର ମା’ କାଳୀ ଚିତ୍ରାଳୟ ପକ୍ଷରୁ ଆସିଥିବା ସୂଚନା ମିଳିଛି। ସେହିପରି ସଞ୍ଜୟଙ୍କୁ ବଞ୍ଚାଇବାକୁ ଯାଇ ପ୍ରାୟ ୮ ଜଣ ବ୍ୟକ୍ତି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ବେନ୍ଦାଳିଆ ଗ୍ରାମରେ ମାଙ୍ଗଳିକ କାର୍ଯ୍ୟକ୍ରମ ଉପଲକ୍ଷେ ରବିବାର ରାତିରେ ରାମାୟଣ ନାଟକ ମଞ୍ଚସ୍ଥ ହୋଇଥିଲା। ଫୁଲଟା ଗ୍ରାମର ରାମାୟଣ ନାଟ୍ୟ ଦଳ ବେନ୍ଦାଳିଆ ଯାଇ ରାମାୟଣ ପରିବେଷଣ କରିଥିଲେ। ଏହି ଦଳ ସହ ଲାଇଟ୍ ସାଉଣ୍ଡ ସାଜସଜ୍ଜା ପାଇଁ ଯାଇଥିବା ଚିତ୍ରାଳୟ ପକ୍ଷରୁ ସଞ୍ଜୟ ସେଠାକୁ ଯାଇଥିଲେ। ନାଟକ ପାଇଁ ଲାଇଟ୍ ପରିଚାଳନା କରୁଥିବା ବେଳେ ହଠାତ୍ ସଞ୍ଜୟ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେଠାରେ ଉପସ୍ଥିତ ଅନ୍ୟ ସହଯୋଗୀମାନେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ସମସ୍ତ ୮ ଜଣ ଆହତଙ୍କ ଚିକିତ୍ସା ଜାରି ରହିଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ସଞ୍ଜୟଙ୍କ ଶବ ଜବତ କରି ତଦନ୍ତ ଚଳାଇଛି।

# ଦାଣ୍ଡପିଣ୍ଡାରୁ ଟାଣିନେଇ ହାଣିଦେଲେ

ଧର୍ମଗଡ଼/ଗୋଲାମୁଣ୍ଡା, ୧୨।୫(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧୀନ ଚିଚିଆ ଗ୍ରାମର ମୁଣ୍ଡପଡ଼ାରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ, ଚିଚିଆ ଗ୍ରାମର ମକରଧ୍ୱଜ ନାଏକ (୩୩)। ସେ ଘର ବାହାରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ହାଣି ପକାଇଥିଲା। ଏ ସଂପର୍କରେ ତାଙ୍କ ବାପା ଯୁଧେଷ୍ଠି ନାଏକ ଦଶପୁର ଫାଣ୍ଡିରେ କରିଛନ୍ତି। ଏହି ଘଟଣାରେ ପୁଲିସ୍ ୫ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରବଳ ଗରମ ହେବାରୁ ଗତକାଲି ବିଳମ୍ବିତ ରାତିରେ ମକରଧ୍ୱଜ ଘର ବାହାରେ ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କୁ ଦାଣ୍ଡପିଣ୍ଡାରୁ ଘୋଷାଡ଼ି ଘୋଷାଡ଼ି ନେଇ ହାଣି ହତ୍ୟା କରିବା ପରେ ସନତ ମୁଣ୍ଡ ନାମକ ଗାଁର ଜଣେ ବ୍ୟକ୍ତିଙ୍କ ଘର ଦ୍ୱାର ମୁହଁରେ ପକାଇ ଚାଲି ଯାଇଛନ୍ତି। ସକାଳୁ ଗାଁ ଲୋକେ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ଦଶପୁର ଫାଣ୍ଡିକୁ ଖବର ଦେଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚିଚିଆ ଗ୍ରାମର ଭରକା ଅଘରିଆ, ମୁନା ହଂସ, ସୁଧାଂଶୁ ହଂସ ମିଶି ପିଟି ପିଟି ତାଙ୍କୁ ହତ୍ୟା କରିଥିବା ଏତଲାରେ ଉଲ୍ଲେଖ ରହିଛି। ଖବର ପାଇ ଦଶପୁର ଫାଣ୍ଡି ପୁଲିସ ପହଞ୍ଚି ଶବ ଜବତ ପୂର୍ବକ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଛି। ଧର୍ମଗଡ଼ ଭାରପ୍ରାପ୍ତ ଏସଡିପିଓ ମୁକ୍ତି କୁଲୁ, ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି, ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ପହଞ୍ଚି ତଦନ୍ତ କରିଛନ୍ତି।

# ଟ୍ରକ୍-ବସ୍ ଧକ୍କା; ୨୦ ଆହତ



କରଞ୍ଜିଆ, ୧୨।୫(ସମିସ): କରଞ୍ଜିଆ ବ୍ଲକ୍ ଚଢ଼େଇଭୋଳ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟାରେ ଏକ ଲୁହାପଥର ବୋଝେଇ ଟ୍ରକ୍ ସହ ଏକ ବସ୍ ଧକ୍କା ହେବାରୁ ଏଥିରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। କେନ୍ଦୁଝର ପଟୁ କରଞ୍ଜିଆ ଆସୁଥିବା ଏକ ଘରୋଇ ବସ୍‌ଟି ଚଢ଼େଇଭୋଳ ଛକ ନିକଟ ଚିତ୍ରପଶି ଦେଇଯିବାକୁ ଉଦ୍ୟମ କରୁଥିବା ବେଳେ ଯଶିପୁର ପଟରୁ ଆସୁଥିବା ୧୦ଚକିଆ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ଆହତ ହୋଇଛନ୍ତି। ସେଥିମଧ୍ୟରୁ ୧୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ଚଢ଼େଇଭୋଳ ଫାଣ୍ଡି ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି।




ଟେଷ୍ଟ କ୍ରିକେଟ୍‌ରୁ ବିରାଟ କୋହଲି ଅବସର ନେବା ପରେ ପୁରୀ ବେଳାଭୂମିରେ ସୁଦର୍ଶନଙ୍କ ବାଲୁକା କଳା

# ସ୍ୱାଭାବିକ ହେଲା ବିଜୁ ପଟ୍ଟନାୟକ ବିମାନବନ୍ଦର

ଭୁବନେଶ୍ୱର,୧୨।୫(ସମିସ): ଅପରେସନ୍ ସିନ୍ଦୂର ଓ ପରବର୍ତ୍ତୀ ଉତ୍ତେଜନାମୂଳକ ପରିସ୍ଥିତି ପାଇଁ ବିଭିନ୍ନ ସହରକୁ ବନ୍ଦ ହୋଇଥିବା ବିମାନ ସେବା ସ୍ୱାଭାବିକ ହୋଇଛି। ଡିଜିସିଏର ନିର୍ଦ୍ଦେଶକ୍ରମେ ସାରା ଦେଶ ସମେତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରର ମଧ୍ୟ ସ୍ଥିତି ସ୍ୱାଭାବିକ ହୋଇଛି। ଏନେଇ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକଙ୍କ ପକ୍ଷରୁ ଅବଗତ କରାଯାଇଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନ ସେବା ବାତିଲ ସହ ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି କରାଯାଇଥିଲା। ଓଡ଼ିଶାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅର୍ନ୍ତଜାତୀୟ ବିମାନବନ୍ଦରରୁ ୨ଟି ବିମାନର ଉଡ଼ାଣକୁ ବାତିଲ କରାଯାଇଥିଲା। ଭୁବନେଶ୍ୱରରୁ ଗାଜିଆବାଦକୁ ବିମାନ ସେବା ବାତିଲ କରାଯାଇଥିବା ବେଳେ ଭୁବନେଶ୍ୱରରୁ ପାଟନା ଦେଇ ଚଣ୍ଡିଗଡ଼ ଯାଉଥିବା ବିମାନକୁ ମଧ୍ୟ ବାତିଲ କରାଯାଇଥିଲା। ଉଡ଼ାଣ ବାତିଲ ପରେ କିଛି ଯାତ୍ରୀ ସମସ୍ୟାରେ ପଡ଼ିଥିଲେ।

**ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ପୁଲିସ ଡିଜି**

# ଭକ୍ତଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ



■ କୋଷ୍ଟଗାର୍ଡ, ଭାରତୀୟ ନୌସେନାର ସହଯୋଗ ନିଆଯିବ
■ ସହରରେ ଲାଗିବ ସିସିଟିଭି ଓ ଏଆଇ କ୍ୟାମେରା

ପୁରୀ, ୧୨।୫ (ସମିସ): ଆଗକୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା। ଜୁନ୍ ୨୭ରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଲକ୍ଷଲକ୍ଷ ଭକ୍ତଙ୍କ ସହ ଅନେକ ଭିଆଇପି ରଥଯାତ୍ରା ଦେଖିବାକୁ ପୁରୀ ଆସିବେ। ତେଣୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଶୃଙ୍ଖଳିତ ରଥଯାତ୍ରା ପାଇଁ ପୁଲିସ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ।

ସୋମବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ସହ ରଥଯାତ୍ରା ସମୟରେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ତଥା ଆଇନଶୃଙ୍ଖଳା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ବିଶେଷକରି, ଭକ୍ତଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଛି। ସୁରକ୍ଷା ସହ ସମାନ ଭାବେ ଶ୍ରଦ୍ଧାଳୁମାନଙ୍କୁ ଉତ୍ତମ ସେବା ଯୋଗାଇଦେବା, ସମସ୍ତେ ଯେପରି ଶ୍ରୀକ୍ଷେତ୍ର ମାଟିରୁ ଭଲ ଅନୁଭୂତି ନେଇ ଫେରିବେ; ସେ ଦିଗରେ ଯତ୍ନବାନ ହେବା ଲାଗି ପରାମର୍ଶ ଦେଇଛନ୍ତି ପୁଲିସ ଡିଜି। ଏତଦ୍‌ବ୍ୟତୀତ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ପ୍ରତିହତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି।

ବୈଠକ ଶେଷରେ ଡିଜିପି କହିଛନ୍ତି, ଚଳିତବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ରହିଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ବ୍ୟାପକ ପୁଲିସ ଫୋର୍ସ ମୁତୟନ ସହ ସହରର ପ୍ରମୁଖ ସ୍ଥାନରେ ସିସିଟିଭି ଓ ଏ.ଆଇ କ୍ୟାମେରା ଲଗାଯିବ। ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସହ କୋଷ୍ଟଗାର୍ଡ ଓ ଭାରତୀୟ ନୌସେନାର ସହଯୋଗ ନିଆଯିବ। ସୁରକ୍ଷା ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ଏଆଇ ଟେକ୍ନୋଲୋଜି ବ୍ୟବହାର କରାଯିବା ସହ ଆରପିଏଫ୍ ଓ ଅନ୍ୟାନ୍ୟ ସୁରକ୍ଷା କର୍ମୀମାନଙ୍କୁ ନିୟୋଜିତ କରାଯିବ ବୋଲି ଡିଜିପି କହିଛନ୍ତି।

ଅନ୍ୟପକ୍ଷରେ ବୈଠକରେ ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ୍ ସୁବ୍ୟବସ୍ଥା ନେଇ ଆଲୋଚନା କରାଯାଇଛି। ପୁରୀକୁ ଭୁବନେଶ୍ୱର, କୋଣାର୍କ ଏବଂ ବ୍ରହ୍ମଗିରି ପଟୁ ଆସୁଥିବା ଯାନ ବାହାନଗୁଡ଼ିକ କିପରି ବ୍ୟବସ୍ଥିତ ଢଙ୍ଗରେ ଚଳାଚଳ କରିବେ, ତା’ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ରଥଟଣା ଉପରେ ମଧ୍ୟ ସବିଶେଷ ଆଲୋଚନା ହୋଇଥିଲା। ଚଳିତବର୍ଷ ସୁରକ୍ଷାକୁ ଆଖି ଆଗରେ ରଖି କୋଷ୍ଟାଲ ସିକ୍ୟୁରିଟିକୁ ବ୍ୟାପକ କରାଯାଇଥିବା ଡିଜି ମତ ରଖିଥିଲେ।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ଭାବିଚିନ୍ତି କାମ କରନ୍ତୁ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟ ଆରମ୍ଭ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକ ହେବ। ବନ୍ଧୁଙ୍କ ସହଯୋଗ ମିଳିପାରେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନ ହାନି ହୋଇପାରେ। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତୁ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିପାରେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ଆଳସ୍ୟ ଅନୁଭବ କରିପାରନ୍ତି। ପ୍ରେମରେ ବିଫଳ ହୋଇପାରନ୍ତି।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିପାରନ୍ତି।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ। ନୂଆ ଯୋଜନା କରିପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଧାର କରଜରୁ ଦୂରେଇ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଦୀର୍ଘ ଦିନରୁ ଲାଗିରହିଥିବା ସମସ୍ୟାର ସମାଧାନ ହେବ।

- ୧୯୧୮ - ରାଜସ୍ଥାନର ପୋଖରାନ୍‌ରେ ଦୁଇଟି ପରମାଣୁ ପରୀକ୍ଷା କରାଗଲା।
- ୧୯୬୨- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ହେଲେ।
- ୧୯୯୫- ଚେଲ୍‌ସି ସ୍ମିଥ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।
- ୨୦୧୪- ତୁର୍କୀର ଏକ କୋଇଲା ଖଣିରେ ବିସ୍ଫୋରଣ ଯୋଗୁଁ ୩୦୧ ଶ୍ରମିକଙ୍କ ପ୍ରାଣହାନି।

# ‘ଛୋଟ ମୋର ଗାଁଟି’ର ସ୍ରଷ୍ଟା

ଗାଁମାଟିକୁ ପ୍ରାଣଭରି ଭଲ ପାଉଥିବା ମଣିଷଟିଏ ଥିଲେ ସଚ୍ଚି ରାଉତରାୟ। “ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଛେ ନ ଥାଉ ତାର ନାଁ ଟି”, ସଚ୍ଚିଦାନନ୍ଦ ରାଉତରାୟଙ୍କ ଏହି ଆବେଗପୂର୍ଣ୍ଣ କବିତା ଏବେବି ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିଛି। ଅଳଙ୍କାର, ଶ୍ଳେଷ, ଛନ୍ଦ ପ୍ରଭୃତିରେ କାବ୍ୟକୁ ସଜ୍ଜିତ ନ କରି ସେ ଚିତ୍ରକଳ୍ପ, ମିଥ୍ ଓ ପ୍ରତୀକର ବ୍ୟବହାର କରି ରଚିଥିଲେ ଅସୁମାରି କାବ୍ୟ କବିତା। ‘ମାଟିର ଦ୍ରୋଣ’ ‘ମାଟିର ମହାକବି, ‘ସମୟର ସଭାକବି’ ନାମରେ ନାମିତ ସଚ୍ଚି ରାଉତରାୟ ଥିଲେ ଓଡ଼ିଆ ସାରସ୍ୱତ ଜଗତରେ ଜଣେ ପ୍ରଗତିଶୀଳ କବି। ଏକାଧାରରେ ସେ ଥିଲେ ଜଣେ କବି, ଗାଳ୍ପିକ ଓ ଔପନ୍ୟାସିକ। ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ପ୍ରବର୍ତ୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଯାଇଥାଏ। ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ଶତାଧିକ କବିତା, କ୍ଷୁଦ୍ର ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ଆଦି ଲେଖିଯାଇଛନ୍ତି। ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷ ୧୯୧୬ ମସିହା ଆଜିର ଦିନରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗରେ ଜନ୍ମଗ୍ରହଣ କରିଥିଲେ। ଚାଟଶାଳୀରେ ପଢ଼ିବା ଦିନଠାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। କବିଙ୍କ ଲେଖନୀ ଚାଳନା ଆରମ୍ଭ ହୋଇଥିଲା ୧୧ ବର୍ଷ ବୟସରୁ ।



ତାଙ୍କର ପ୍ରଥମ କବିତା ପୁସ୍ତକ ‘ପାଥେୟ’ ପ୍ରକାଶ ପାଇଥିଲା ୧୯୩୧ ମସିହାରେ ଏବଂ ପରେ ପରେ ଅନେକଗୁଡ଼ିଏ କବିତା, ଗଳ୍ପ ଏବଂ ଉପନ୍ୟାସ ସବୁ ପ୍ରକାଶ ପାଇଥିଲା । ତାଙ୍କର କେତୋଟି ପ୍ରସିଦ୍ଧ କବିତା ଗ୍ରନ୍ଥ ହେଉଛି ‘ପାଥେୟ’, ‘ପଲ୍ଲିଶ୍ରୀ’, ‘ଅଭିଯାନ’, ‘ବାଜିରାଉତ’, ‘ପାଣ୍ଡୁଲିପି’, ‘ଭାନୁମତୀର ଦେଶ’, ‘ସ୍ୱାଗତ’ । କବିଙ୍କର କ୍ଷୁଦ୍ରଗଳ୍ପ ମଧ୍ୟରେ ‘ମଶାଣିର ଫୁଲ’, ‘ମାଟିର ତେଜ’ ‘ଛାଇ’ ଆଦି ପ୍ରସିଦ୍ଧ। ସ୍ୱାଧୀନତା ଆନ୍ଦୋଳନ ସମେତ ଗଡ଼ଜାତ ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗ ନେଇ ସେ ଅନେକବାର ଜେଲ୍ ଯାଇଥିଲେ। ବ୍ରିଟିଶ୍ ଶାସନ ସମୟରେ ତାଙ୍କର ଅନେକ କବିତାକୁ ନିଷିଦ୍ଧ କରାଯାଇଥିଲା। ୧୯୬୨ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୮୬ରେ ସେ ଜ୍ଞାନପୀଠ ପୁରସ୍କାର ପାଇଥିଲେ। ଓଡ଼ିଆ ଭାଷା, ସଂସ୍କୃତି, ଓଡ଼ିଆ ଜୀବନକୁ ସେ ତାଙ୍କ କାବ୍ୟରେ ରୂପ ଦେଇଥିଲେ। ‘ଛୋଟ ମୋର ଗାଁ ଟି’କବିତାରେ ସେ ଗ୍ରାମ୍ୟ ଜୀବନକୁ ପ୍ରତିଫଳିତ କରିଥିଲେ। ଏବେ ବି ତାଙ୍କର ସେହି କବିତା ସମସ୍ତଙ୍କ ମୁହଁରେ ଗୁଞ୍ଜରିତ ହେଉଛି। ୨୦୦୪ ମସିହା ଅଗଷ୍ଟ ୨୧ରେ ସଚ୍ଚିଦାନନ୍ଦ ରାଉତରାୟ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



# ସ୍ୱାସ୍ଥ୍ୟକର ନୁହେଁ ବ୍ରାଉନ୍ ରାଇସ୍!

ଏବେ ସୁଦ୍ଧା ହ୍ୱାଇଟ୍ ରାଇସ୍ ତୁଳନାରେ ବ୍ରାଉନ ରାଇସ୍‌କୁ ଅଧିକ ସ୍ୱାସ୍ଥ୍ୟକର ବୋଲି କୁହାଯାଉ ଥିଲା। ବ୍ରାଉନ ରାଇସ୍‌ରେ ଅଧିକ ଫାଇବର, ପୋଷକ ତତ୍ତ୍ୱ ଥିବା ବେଳେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଉ ଥିଲା। ହେଲେ ଏବେ ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବ୍ରାଉନ ରାଇସ୍ ଶରୀରରେ ଆର୍ସେନିକ୍ ମାତ୍ରାକୁ ବୃଦ୍ଧି କରିଥାଏ। ଏହାଦ୍ୱାରା କର୍କଟ ଭଳି ଗୁରୁତର ରୋଗ ହୋଇପାରେ। ଆମେରିକା ମିଶିଗନ ଷ୍ଟେଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା। ଏଥିରୁ ଜଣାପଡ଼ିଛି ବ୍ରାଉନ ରାଇସ୍ ପୋଷକତତ୍ତ୍ୱରେ ଭରପୂର ହେଲେ ବି ହ୍ୱାଇଟ୍ ରାଇସ୍ ତୁଳନାରେ ଏଥିରେ ଇନଅର୍ଗାନିକ୍ ଆର୍ସେନିକ ଥାଏ। ଯାହାକି ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ତତ୍ତ୍ୱ ମାଟିରେ ଥାଏ ଏବଂ ଏହା ପାଣିରେ ମିଶି ଧାନ ଫସଲରେ ସାମିଲ ହୁଏ। ବିଶେଷକରି ବ୍ରାଉନ ରାଇସ୍‌ରେ। କାରଣ ବ୍ରାଉନ ରାଇସ୍‌ର ବାହ୍ୟ ପରସ୍ତକୁ ବାହାର କରାଯାଇ ନ ଥାଏ। ତେଣୁ ଏଥିରେ ଆର୍ସେନିକ ମାତ୍ରା ଅଧିକ ଥାଏ। ଗବେଷଣାନୁସାରେ, ଆମେରିକାର ଚାଷ କରାଯାଇଥିବା ବ୍ରାଉନ ରାଇସ୍‌ରେ ୪୮ ପ୍ରତିଶତ ଇନ୍-ଅର୍ଗାନିକ୍ ଆର୍ସେନିକ ମିଳିଛି। ହ୍ୱାଇଟ୍ ରାଇସ୍‌ରେ ଏହାର ମାତ୍ରା ଥିଲା ୩୩ ପ୍ରତିଶତ । ସେହିପରି ତମାମ ବିଶ୍ୱରେ ବ୍ରାଉନ୍ ରାଇସ୍‌ରେ ୬୫ ପ୍ରତିଶତ ଏବଂ ହ୍ୱାଇଟ୍ ରାଇସ୍‌ରେ ୫୩ ପ୍ରତିଶତ ଇନ ଅର୍ଗାନିକ ଆର୍ସେନିକ୍ ମିଳିଛି। ଏହି ଆର୍ସେନିକ୍ ଧୀରେ ଧୀରେ ଶରୀରରେ ଜମା ହୋଇ କର୍କଟ ଆଶଙ୍କା ବୃଦ୍ଧି କରେ। ବିଶେଷଜ୍ଞଙ୍କ କହିବା କଥା, ବ୍ରାଉନ ରାଇସ୍‌କୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ନ ଦେଇ ଏହାକୁ ସୀମିତ ମାତ୍ରାରେ ଖାଇବା ଆବଶ୍ୟକ। ବିଶେଷକରି ଛୋଟ ପିଲା, ଗର୍ଭବତୀ ମହିଳା ତଥା ଯେଉଁମାନଙ୍କର ମୁଖ୍ୟ ଡାଏଟ୍ ଚାଉଳ, ସେମାନଙ୍କୁ ଅଧିକ ସତର୍କ ରହିବା ଆବଶ୍ୟକ। ଖାଦ୍ୟ ବିଶେଷଜ୍ଞଙ୍କ ଅନୁସାରେ, ବ୍ରାଉନ୍ ରାଇସ୍‌ରେ ଫାଇବର୍, ପ୍ରୋଟିନ୍ ଏବଂ ଅନେକ ଜରୁରି ଭିଟାମିନ୍ ଅଛି। ହେଲେ ଆର୍ସେନିକ୍‌ର ଉପସ୍ଥିତି ସ୍ୱାସ୍ଥ୍ୟପ୍ରଦ ଗୁଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସୁସ୍ଥ ରହିବା ପାଇଁ ବ୍ରାଉନ ରାଇସ୍ ଖାଉଥିଲେ, ଏହାକୁ ସପ୍ତାହରେ କିଛି ଦିନ ଖାଇବା ଭଲ ବୋଲି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

# ‘ବର୍ଡର-୨’ ଆସିବ ‘ସନ୍ଦେଶେ ଆତେ ହେଁ ୨.୦’

୧୯୯୭ ମସିହାରେ ରିଲିଜ୍ ହୋଇଥିବା ଦେଶାତ୍ମବୋଧକ ଚଳଚ୍ଚିତ୍ର ‘ବର୍ଡର’ର ସିକ୍ୱେଲ ‘ବର୍ଡର ୨’ କଥା ଘୋଷଣା ହେବା ପରଠାରୁ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ସନ୍ନି ଦେଓଲଙ୍କ ଅଭିନୀତ ‘ବର୍ଡର-୨’ ଜାନୁଆରୀ ୨୩, ୨୦୨୬ରେ ରିଲିଜ୍ ହେବ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଭୂଷଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତାଙ୍କ ସହ ମିଶି ମୂଳ ଫିଲ୍ମର ଗୀତ ‘ସନ୍ଦେଶେ ଆତେ ହେଁ’ ଗୀତର ରାଇଟ୍‌ସକୁ ୬୦ ଲକ୍ଷ ଟଙ୍କା ଦେଇ କିଣିଛନ୍ତି। ସୋନୁ ନିଗମ ଓ ଅରିଜିତ ସିଂହ ‘ସନ୍ଦେଶେ ଆତେ ହେଁ ୨.୦’କୁ ଗାଇବେ। ଏହି ଗୀତ ଭାରତୀୟ ସେନାକୁ ସମର୍ପିତ ହେବ। ଏହାର ମୂଳ ଗୀତକୁ ସୋନୁ ନିଗମ ଓ ରୂପ କୁମାର ରାଠୋଡ଼ ଗାଇଥିଲେ। ଗୀତଟି ସନ୍ନି ଦେଓଲ, ବରୁଣ ଧୱନ ଓ ଦିଲଜିତ୍ ଦୋସାଞ୍ଜଙ୍କ ଉପରେ ସୁଟ୍ କରାଯିବ। ଏହା ଭାରତୀୟ ସିନେମାର ସବୁଠୁ ବଡ଼ ଗୀତ ହେବ ବୋଲି କୁହାଯାଉଛି। ଏବେ ‘ବର୍ଡର-୨’ର ସୁଟିଂ ଜୋରସୋରରେ ଚାଲିଛି।






# ଥାଇ ଅଦା



**ଥାଇ ଅଦାର ସ୍ୱାଦ ଓ ସୁଗନ୍ଧ ଅଦାଠାରୁ ସାମାନ୍ୟ ଭିନ୍ନ ଥାଏ। ଏହି ଅଦା ଦକ୍ଷିଣ -ପୂର୍ବ ଏସିଆରେ ମିଳିଥାଏ। ରୋଷେଇ ଏବଂ ପାରମ୍ପରିକ ଚିକିତ୍ସାରେ ଏହାର ଉପଯୋଗ କରାଯାଇଥାଏ। ଅଦାର ଚାହିଦା ଅଧିକ ଥିବାରୁ ଏହାକୁ ଚାଷ କରି ଜଣେ ଲାଭବାନ ହୋଇପାରିବ।**

ଥାଇ ଅଦା ଚାଷ ପାଇଁ ପ୍ରଥମେ ଜଳନିଷ୍କାସିତ, ଦୋରସା, ଚିକ୍କଣିଆ, ଲାଲ୍ ମାଟି ଚୟନ କରିବେ। ଚାଷ ପାଇଁ ୨୫ରୁ ୩୫ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଉପଯୁକ୍ତ ହୋଇଥାଏ। ବର୍ଷା ହେବା ପୂର୍ବରୁ କିମ୍ବା ବର୍ଷା ହେବା ତୁରନ୍ତ ପରେ ଜମିରେ ବୁଣା କାମ କରିପାରିବେ। ବୁଣା ପାଇଁ ହେକ୍ଟର ପିଛା ୨ରୁ ୩ କ୍ୱିଣ୍ଟାଲ ବିହନ ଆବଶ୍ୟକ । ଏଥିପାଇଁ ଜମିକୁ ୨ରୁ ୩ ଥର ହଳ କରିଦିଅନ୍ତୁ। ଗୋବର ଖତ କିମ୍ବା ଜିଆଖତ ଉପଯୋଗ କରିପାରିବେ। ଜିଙ୍କ୍‌ର ଅଭାବ ଥିଲେ, ପ୍ରତି ହେକ୍ଟର ପିଛା ୬ କିଲୋ ଜିଙ୍କ୍ ସଲ୍‌ଫେଟ୍ ପ୍ରୟୋଗ କରିପାରିବେ। ଜମିରେ ଯେପରି ପାଣି ନ ଜମେ ସେଥିପାଇଁ ସଜାଗ ରହିବା ଜରୁରି।

ବିଶେଷ କଥା ହେଉଛି, ଅଦା ଫସଲକୁ ସମାନ ଜମିରେ ବାରମ୍ବାର ଲଗାଇବା ଦ୍ୱାରା ମାଟିର ପୋଷକତତ୍ତ୍ୱ ହ୍ରାସ ପାଇପାରେ। ଏଥିପ୍ରତି ସଚେତନ ରୁହନ୍ତୁ। ଫସଲରୁ ପୋକ ପ୍ରାଦୁର୍ଭାବ କମାଇବାକୁ କୀଟନାଶକ ଉପଯୋଗ କରିପାରିବେ। ୮ରୁ ୯ ମାସ ମଧ୍ୟରେ ଏହା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଟି ଅମଳ କରିପାରିବେ। ହେକ୍ଟର ପ୍ରତି ୧୫୦ରୁ ୨୦୦ କ୍ୱିଣ୍ଟାଲ ଅଦା ଅମଳ ହେଉଥିବାରୁ ଚାଷୀମାନେ ଅଧିକ ଲାଭ ପାଇଥାନ୍ତି।

# ଚିଆଁ କିଣିବା ପୂର୍ବ ଓ ପରର ସତର୍କତା



**ସମ୍ପ୍ରତି କୁକୁଡ଼ାପାଳନ ଏକ ଭଲ ବ୍ୟବସାୟ । ଫାର୍ମରେ କୁକୁଡ଼ାମାନଙ୍କର ସ୍ୱାସ୍ଥ୍ୟପ୍ରତି ଉପଯୁକ୍ତ ଦୃଷ୍ଟି ଦେଲେ, ତଥା ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସେମାନଙ୍କୁ ଖାଇବାକୁ ଦେଲେ, ସେମାନେ ହୃଷ୍ଟପୁଷ୍ଟ ହୋଇଥାନ୍ତି। ପୋଲ୍ଟ୍ରି ଫାର୍ମରେ କୁକୁଡ଼ା ଖାଉଥିବା ଦାନା ଓ ଔଷଧ ପାଇଁ ଅଧିକ ଖର୍ଚ୍ଚ ହେଉଥିବାବେଳେ ଚିଆଁ କିଣିବା ପୂର୍ବ ଏବଂ ପରର ସତର୍କତାକୁ ପାଳନ କରିବା ନିତାନ୍ତ ଆବଶ୍ୟକ।**

**ଫାର୍ମକୁ ଚିଆଁ ଆଣିବା ପୂର୍ବରୁ:** ପୋଲ୍ଟ୍ରି ଫାର୍ମକୁ ଚିଆଁ ଆଣିବା ପୂର୍ବରୁ ତଥା ଚିଆଁଙ୍କୁ ଫାର୍ମ ରଖିବା ପୂର୍ବରୁ କାନ୍ଥରେ କୀଟାଣୁନାଶକ ଔଷଧ ସିଞ୍ଚିବା ଜରୁରି। ଚିଆଁ ଆସିଲାପରେ ବ୍ରୁଡରର ଚାରି ପାର୍ଶ୍ୱରେ ଚିକ୍‌ଗାର୍ଡ ଲଗାଇବା ଉଚିତ। ଚିଆଁ ଆଠଦିନର ହୋଇଗଲେ, ଚିକ୍‌ଗାର୍ଡ ହଟାଇ ଦେବା ଜରୁରି। ଏହି ସମୟରେ ଚିଆଁ କିପରି ଚଳପ୍ରଚଳ କରିବେ ସେନେଇ ସ୍ଥାନ ବନାନ୍ତୁ। କେବଳ ସେତିକି ନୁହେଁ, ଫାର୍ମକୁ ଚିଆଁ ଆସିବାର ୧୨ ଘଣ୍ଟା ପୂର୍ବରୁ ବ୍ରୁଡର ସାହାଯ୍ୟରେ ଫାର୍ମକୁ ଗରମ କରିପାରିବେ। ଏଥିପାଇଁ ବ୍ରୁଡରରେ ଲଣ୍ଠନ କିମ୍ବା ବିଦ୍ୟୁତ୍ ବଲ୍‌ବ ସହାୟତା ନେଇପାରିବେ। ବିଶ୍ୱାସନୀୟ ହ୍ୟାଚେରୀରୁ ଚିଆଁ କିଣିବା ଜରୁରି। ବ୍ରୁଡର ଅଧିକ ଗରମ ହେଲେ ଏହାକୁ କମ୍ କରିଦେବା ଜରୁରି।

**ଚିଆଁ ପାଇଁ ଖାଦ୍ୟ ତାଲିକା:** ଚିଆଁର ବୟସ ଅନୁସାରେ ସେମାନଙ୍କୁ ତାଜା, ଶୁଦ୍ଧ ସନ୍ତୁଳିତ ଖାଦ୍ୟ ଦେବା ଆବଶ୍ୟକ। ଦାନାକୁ ସର୍ବଦା ଶୁଖିଲା ସ୍ଥାନରେ ରଖିବା ଜରୁରି। କାରଣ ଓଦାଳିଆ ସ୍ଥାନରେ ଦାନାରେ କବକ ଲାଗିବାର ଭୟ ରହିଥାଏ। କବକଯୁକ୍ତ ଦାନା ଖାଇବା ଦ୍ୱାରା କୁକୁଡ଼ାଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ତେଣୁ ଅଧିକ ସମୟ ଯାଏଁ ଦାନା ରଖିବା ଅନୁଚିତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚିଆଁରୁ କୁକୁଡ଼ା ହେବାକୁ ପାଖାପାଖି ୧୩ କିଲୋ ଦାନାର ଆବଶ୍ୟକ ହୁଏ। ଗୋଟିଏ କୁକୁଡ଼ା ଦିନକୁ ପାଖାପାଖି ୧୦୦ରୁ ୧୨୦ ଗ୍ରାମ୍ ଦାନା ଖାଇଥାଏ।

# ଘାସ ନିୟନ୍ତ୍ରଣକାରୀ କାର୍ଡବୋର୍ଡ



ଅନ୍‌ଲାଇନ୍‌ରେ ଆସୁଥିବା ପାର୍ସଲଗୁଡିକ ସାଧାରଣତଃ ପେଟି ବା କାର୍ଡବୋର୍ଡରେ ଆସିଥାଏ। ଏହାକୁ ପ୍ରାୟତଃ ବର୍ଜ୍ୟଭାବି ଏଣେ ତେଣେ ଫିଙ୍ଗି ଦିଅନ୍ତି। ହେଲେ ଏହି କାର୍ଡବୋର୍ଡ ବଗିଚା କାମରେ ସହାୟକ ହୋଇପାରିବ।

କାର୍ଡବୋର୍ଡ ପ୍ରକୃତିର ଫିଲ୍ଟର ପରି କାମ କରିଥାଏ। ଏହା ପାଣିକୁ ପ୍ରବେଶ କରିବାକୁ ସ୍ୱତନ୍ତ୍ର ସ୍ତର ସୃଷ୍ଟି କରି ମାଟିର ଉର୍ବରତା ବଢ଼ାଇଥାଏ। ୯୫% ପର୍ଯ୍ୟନ୍ତ ଘାସକୁ ସୂର୍ଯ୍ୟାଲୋକ ପହଞ୍ଚାଇବାରେ ରୋକିଥାଏ। ଜମିରେ ହେଉଥିବା ପ୍ରକ୍ରିୟା ପରି କାର୍ଡବୋର୍ଡ ମଧ୍ୟ ସମାନ ପ୍ରକ୍ରିୟା ଅନୁସରଣ କରେ। କାର୍ଡବୋର୍ଡ ପ୍ରତି ଜିଆମାନେ ଅଧିକ ଆକର୍ଷିତ ହୋଇଥାନ୍ତି। ଏମାନେ ଏହାକୁ ଭାଙ୍ଗି ମାଟିରେ ବାୟୁ ଚଳାଚଳ କରନ୍ତି। ତେଣୁ ମାଟିରେ କାର୍ଡବୋର୍ଡକୁ ବିଛାଇବା ପୂର୍ବରୁ ଏହାକୁ ଭଲଭାବେ ଓଦା କରନ୍ତୁ। ଘାସ ନିୟନ୍ତ୍ରଣ ପାଇଁ କାର୍ଡବୋର୍ଡ ଖଣ୍ଡଗୁଡ଼ିକୁ ୬ରୁ ୮ ଇଞ୍ଚ ଉପର ପରସ୍ତ ପରସ୍ତ ଦେଇପାରିବେ। ଏହା ଉପରେ ୩ରୁ ୪ଇଞ୍ଚ ଖତ କିମ୍ବା ଓଦା ଘାସରେ ଢାଙ୍କି ଦେବା ଦ୍ୱାରା କାର୍ଡବୋର୍ଡ ମାଟିରେ ମିଶିଯାଇଥାଏ। ଫଳରେ ମାଟିର ଉର୍ବରଶକ୍ତି ବଢ଼ିଥାଏ। କାର୍ଡବୋର୍ଡକୁ ସିଟ୍ ମଲଚିଂ ସହିତ ବ୍ୟବହାର କରିବା ଦ୍ୱାରା ସପ୍ତାହରେ ପନିପରିବା କିମ୍ବା ଫଳ ଚାଷରୁ ଲାଭ ମିଳିଥାଏ। ଧ୍ୟାନ ରଖିବେ ଯେ, ସମସ୍ତ ପରିସ୍ଥିତି ପାଇଁ ଏହା ଉପଯୁକ୍ତ ନୁହେଁ। ସିଧାସଳଖ ବିହନ ପ୍ରୟୋଗ କରାଯାଇଥିବା ସ୍ଥାନରେ ଏହାକୁ ବ୍ୟବହାର କରିବା ଅନୁଚିତ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ ଆଖୁ ଫସଲରେ କଳାଛାଟ ରୋଗ ନ ହେବା ପାଇଁ ବିହନ ଲଗାଇବା ସମୟରେ ଖଣ୍ଡକୁ ଲିଟର ପ୍ରତି ୧ରୁ ୧.୫ ଗାମ୍ କାର୍ବେଣ୍ଡାଜିମ୍ ଦ୍ରବଣରେ ୧୫ରୁ ୨୦ ମିନିଟ୍ ବୁଡାଇ ରଖି ଲଗାଇବା ଉଚିତ।
- ବର୍ତ୍ତମାନ ପାଗରେ ବାଇଗଣ ଫସଲରେ ବୀଜାଣୁ ଜନିତ ଝାଉଁଳା ରୋଗର ସଂକ୍ରମଣ ଦେଖାଦେଇପାରେ। ତେଣୁ ଏହାର ନିୟନ୍ତ୍ରଣ ପାଇଁ ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପିକୁ ମିଶ୍ରଣ କରି ଗଛ ମୂଳ ଅଂଶରେ ଥିବା ମାଟିକୁ ଭିଜାଇ ଦିଅନ୍ତୁ।
- ଭେଣ୍ଡି ଫଳ ଧରିବା ଅବସ୍ଥାରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳା ମାଛି ନିୟନ୍ତ୍ରଣ ନିହାତି ଜରୁରି। ଗଛ ୨ରୁ ୩ପତ୍ର ହେବା ଅବସ୍ଥାରେ ଏକର ପ୍ରତି ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ। ଏକର ପ୍ରତି ୪୦ ଗ୍ରାମ ଥିଆମିଥୋକ୍ସାମ କିମ୍ବା ୫୦ ଗ୍ରାମ୍ ଏସିଡାମିପ୍ରିଡ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



- ଗାଈଗୋରୁମାନଙ୍କୁ ପରିଷ୍କାର ଓ ଦରକାର ଅନୁଯାୟୀ ପାଣୀ ଦିଅନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ଘାସ ଚରିବା ପାଇଁ ଦିଅନ୍ତୁ। ଦିନରେ ଦୁଇଥର ସ୍ନାନ କରାନ୍ତୁ। ସକାଳ ସମୟରେ କମ୍ ଖୁଆନ୍ତି। ସନ୍ଧ୍ୟାରେ ଅଧିକ ଖୁଆନ୍ତୁ।

## ଏକ ସଫଳ ଯୁଗର ଅବସାନ

# ଟେଷ୍ଟ କ୍ରିକେଟରୁ 'କିଙ୍ଗ' କୋହଲିଙ୍କ ଅବସର




ନୂଆଦିଲ୍ଲୀ,୧୨।୫ (ଏଜେନ୍ସି)

ଭାରତର ଅନ୍ୟତମ ଶ୍ରେଷ୍ଠ ଓ ସଫଳ କ୍ରିକେଟର ବିରାଟ 'କିଙ୍ଗ' କୋହଲି ଟେଷ୍ଟ କ୍ରିକେଟ ଫର୍ମାଟରୁ ଅବସର ଗ୍ରହଣ କରିଛନ୍ତି। ଭାରତ ଯେତେବେଳେ ଇଂଲଣ୍ଡ ସହ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି, ତାହା ପୂର୍ବରୁ କୋହଲିଙ୍କ ଅବସର ନେବା ନିଷ୍ପତ୍ତି ଅନେକ କୋହଲିପ୍ରେମୀଙ୍କୁ ବିସ୍ମିତ କରିଛି। ମାତ୍ର ୫ ଦିନ ପୂର୍ବରୁ ଅଧିନାୟକ ରୋହିତ ଶର୍ମା ଟେଷ୍ଟରୁ ଅବସର ନେବାକୁ ଘୋଷଣା କରିଥିଲେ। ଆଜି ଟେଷ୍ଟ କ୍ରିକେଟ ଛାଡ଼ିବାକୁ କୋହଲି ଘୋଷଣା କରିବା ପରେ ଭାରତୀୟ କ୍ରିକେଟରେ ଏକ ସଫଳ ଯୁଗର ଅବସାନ ହୋଇଛି।

କ୍ରିକେଟ ଖେଳରେ ତୀବ୍ରତା, ଅତୁଳନୀୟ ଫିଟ୍‌ନେସ, ସଫଳତା ଲାଗି ସର୍ବଦା ଚେଷ୍ଟା କରିଆସୁଥିବା ଜଣେ କ୍ରିକେଟର ଭାବେ କୋହଲି ନିଜର ଏକ ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି। ଟେଷ୍ଟ କ୍ରିକେଟକୁ ନୂତନ ଜୀବନଦାନ ଦେଇଥିବା ଏହି ଖେଳାଳି ନିଶ୍ଚିତ ଭାବେ ତାଙ୍କ ସମସାମୟିକ ଖେଳାଳିଙ୍କଠାରୁ ସବୁଗୁଣରେ ଉଦ୍ଧର୍ବେ ଥିଲେ। ୩୬ ବର୍ଷୀୟ ଏହି ଡାହାଣହାତୀ ମିଡଲ ଅର୍ଡର ବ୍ୟାଟର ଦୀର୍ଘ ୧୪ ବର୍ଷର ଟେଷ୍ଟ କ୍ୟାରିୟର ମଧ୍ୟରେ ୧୨୩ଟି ମ୍ୟାଚ୍ ଖେଳିଛନ୍ତି। ସେ ୪୮.୭ ହାରରେ ୯,୨୩୦ ରନ୍ ସଂଗ୍ରହ କରିଥିଲାବେଳେ ଏହା ମଧ୍ୟରେ ୩୦ଟି ଶତକ ଓ ୩୧ଟି ଅର୍ଦ୍ଧଶତକ ରହିଛି। ଶେଷଥର ଲାଗି ଅଷ୍ଟ୍ରେଲିଆରେ ଖେଳାଯାଇଥିବା ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫିରେ ସେ ଖେଳିଥିଲେ। ଏହାକୁ ଏକ ବିଦାୟକାଳୀନ ଟୁର ବୋଲି ଭାବିବା ସମସ୍ତଙ୍କ ଲାଗି କଷ୍ଟକର ଥିଲା।

ଏହି ଟୁର୍‌ରେ କୋହଲି ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଇଥିବା ବିଫଳତାକୁ ପଛରେ ପକାଇଦେଇଥିଲେ। କିନ୍ତୁ ପ୍ରଥମ ଟେଷ୍ଟରେ ଶତକ ସତ୍ତ୍ୱେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ମାତ୍ର ୧୯୦ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରୁ ଶେଷ ୪ଟି ଟେଷ୍ଟରୁ ମିଳିଥିଲା ୮୫ ରନ୍। ଏହି ସିରିଜ୍‌ରେ 'ମୁଭିଂ' ବଲ୍‌କୁ ଖେଳିବାରେ ତାଙ୍କୁ ସଂଘର୍ଷ କରିବାର ଦେଖିବାକୁ ପଡ଼ିଥିଲା। ସିରିଜ୍‌ରେ ସେ ୧୦ଥର ଆଉଟ ହୋଇଥିଲାବେଳେ ୮ ଥର ସ୍ଲିପ୍ କର୍ଡନରେ କ୍ୟାଚ୍ ଦେଇଥିଲେ। ରିପୋର୍ଟ ଅନୁଯାୟୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ଦଳର ନେତୃତ୍ୱ ନେବାକୁ ଇଚ୍ଛା କରିଥିବା ବେଳେ ଅବସର ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କୋହଲିଙ୍କ କ୍ଲାସ୍ ଓ କମିଟ୍‌ମେଣ୍ଟ ଉପରେ ଆଦୌ ସନ୍ଦେହ ନ ଥିଲେ ମଧ୍ୟ ଗତ ୪ବର୍ଷ ହେଲା ତାଙ୍କର ଫର୍ମ ନ ରହିବା ଚିନ୍ତାଜନକ ହୋଇଥିଲା। ବିଶେଷକରି ଓଭରସିଜ୍ ପିଚ୍‌ରେ ତାଙ୍କ ବ୍ୟାଟିଂ ଫେଲ ମାରିବା ଦଳକୁ ଅଡୁଆରେ ପକାଇଥିଲା। ୨୦୧୧ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଳି କୋହଲି ଟେଷ୍ଟ ଜୀବନ ଆରମ୍ଭ କରିଥିଲେ। ଏହା ପରେ ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ବନିଯାଇଥିଲେ। ଜଣେ ଅଧିନାୟକ ଭାବେ ଆକ୍ରମଣାତ୍ମକ ଖେଳ ଓ ଅସମ୍ଭବ ଫିଟ୍‌ନେସ୍‌କୁ ଆଗକୁ ଆଣିଥିଲେ। ୨୦୧୮-୧୯ ଅଷ୍ଟ୍ରେଲିଆରେ ଭାରତର ପ୍ରଥମ ଟେଷ୍ଟ ସିରିଜ୍ ବିଜୟ ଓ ଭାରତକୁ ଆଇସିସି ଟେଷ୍ଟ ମାନ୍ୟତାରେ ନଂ-୧ କରାଇବାରେ କୋହଲିଙ୍କ ଅବଦାନ ଥିଲା ଅତୁଳନୀୟ। ତାଙ୍କ ନେତୃତ୍ୱରେ ଭାରତ ୬୮ଟି ଟେଷ୍ଟ ଖେଳିଥିଲା ବେଳେ ସର୍ବାଧିକ ୪୦ଟି ମ୍ୟାଚ୍ ଜିତି ଭାରତୀୟଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ଗତବର୍ଷ ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଭାରତକୁ ଚାମ୍ପିଅନ କରାଇବା ପରେ ସେ ଏହି ଫର୍ମାଟରୁ ଅବସର ନେଇଥିଲେ। ଏବେ ସେ ୫୦ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟ ଖେଳିବା ଜାରି ରଖିଛନ୍ତି। କିନ୍ତୁ ତାଙ୍କ ଅବସର ପରେ ଟେଷ୍ଟ କ୍ରିକେଟରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ପୂରଣ ହେବା କଷ୍ଟକର।

### ଟେଷ୍ଟ କ୍ୟାରିୟର

| | |
|---|---|
| ଅବଧି | ୨୦୧୧ରୁ ୨୦୨୫ |
| ମ୍ୟାଚ୍ | ୧୨୩ |
| ଇନିଂସ | ୨୧୦ |
| ଅପରାଜିତ | ୧୩ |
| ରନ୍ | ୯୨୩୦ |
| ସର୍ବାଧିକ | ଅପରାଜିତ ୨୫୪ |
| ଆଭରେଜ୍ | ୪୮.୦୭ |

### ବଲ୍ ଖେଳିଛନ୍ତି

୧୬୬୦୮

| | |
|---|---|
| ଶତକ | ୩୦ |
| ଅର୍ଦ୍ଧଶତକ | ୩୧ |
| ଶୂନ | ୧୫ଥର |
| ଚୌକା | ୧୦୨୭ |
| ଛକା | ୩୦ |

### ସଂକ୍ଷେପରେ ଟେଷ୍ଟ ରେକର୍ଡ

- ୫ଥର : ଭାରତୀୟ ବ୍ୟାଟର୍ ଭାବେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ- ୨୦୧୨, ୨୦୧୫, ୨୦୧୬, ୨୦୧୮ ଓ ୨୦୨୩।
- ୨୫୪ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ରନ- ଅପରାଜିତ ୨୫୪ ବନାମ ଦକ୍ଷିଣ ଆଫ୍ରିକା (୨୦୧୯)।
- ୨୦ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ (୨୦ଟି) ଶତକ।
- ୫୮୬୪ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ (୫୮୬୪ ରନ) ରନ।
- ୭ : ଭାରତୀୟ ଭାବେ ସର୍ବାଧିକ ଦ୍ୱିଶତକ (୭ଟି)।
- ୬ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ଦ୍ୱିଶତକ (୬ଥର)
- ୪୦ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ମ୍ୟାଚ୍ (୪୦ଟି) ବିଜୟ।
- ୪ : କ୍ରମାଗତ ୪ ସିରିଜରେ ଦ୍ୱିଶତକ
- ୯୩୭ : ଭାରତୀୟ ବ୍ୟାଟର୍ (ପୁରୁଷ) ଭାବେ ସର୍ବୋଚ୍ଚ ରେଟିଂ (୯୩୭, ୨୦୧୮ ମସିହାରେ) ପଏଣ୍ଟ।
- ପ୍ରଥମ : ପ୍ରଥମ ଏସୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆ ମାଟିରେ (୨୦୧୮-୧୯) ଟେଷ୍ଟ ସିରିଜ ବିଜୟ।
- ୯ : ଭାରତୀୟ ଅଧିନାୟକ ଭାବେ ସର୍ବାଧିକ କ୍ରମାଗତ (୯ଟି) ଟେଷ୍ଟ ସିରିଜ ବିଜୟ।
- ୭ : ଭାରତୀୟ ଭାବେ ଅଷ୍ଟ୍ରେଲିଆ ମାଟିରେ ସର୍ବାଧିକ (୭ଟି) ଟେଷ୍ଟ ଶତକ।

### ବିଭିନ୍ନ ଦେଶ ବିପକ୍ଷରେ ପ୍ରଦର୍ଶନ

| ପ୍ରତିପକ୍ଷ | ମ୍ୟାଚ୍ | ଇନିଂସ | ରନ | ସର୍ବାଧିକ | ଆଭରେଜ | ୧୦୦/୫୦ |
|---|---|---|---|---|---|---|
| ଅଷ୍ଟ୍ରେଲିଆ | ୩୦ | ୫୩ | ୨୨୩୨ | ୧୮୬ | ୪୩.୭୬ | ୯/୫ |
| ବାଂଲାଦେଶ | ୮ | ୧୩ | ୫୩୬ | ୨୦୪ | ୪୮.୭୨ | ୨/୦ |
| ଇଂଲଣ୍ଡ | ୨୮ | ୫୦ | ୧୯୯୧ | ୨୩୫ | ୪୨.୩୬ | ୫/୯ |
| ନ୍ୟୁଜିଲାଣ୍ଡ | ୧୪ | ୨୭ | ୯୫୯ | ୨୧୧ | ୩୮.୩୬ | ୩/୪ |
| ଦ.ଆଫ୍ରିକା | ୧୬ | ୨୮ | ୧୪୦୮ | ୨୫୪* | ୫୪.୧୫ | ୩/୫ |
| ଶ୍ରୀଲଙ୍କା | ୧୧ | ୧୮ | ୧୦୮୫ | ୨୪୩ | ୬୭.୮୧ | ୫/୨ |
| ୱେଷ୍ଟଇଣ୍ଡିଜ | ୧୬ | ୨୧ | ୧୦୧୯ | ୨୦୦ | ୪୮.୫୨ | ୩/୬ |

### ଅଧିନାୟକ ଓ ଅଣଅଧିନାୟକ ଭାବେ ଟେଷ୍ଟ ରେକର୍ଡ

| ଭୂମିକା | ଅବଧି | ମ୍ୟାଚ୍ | ଇନିଂସ | ରନ | ସର୍ବାଧିକ | ଆଭରେଜ | ୧୦୦/୫୦ |
|---|---|---|---|---|---|---|---|
| ଅଧିନାୟକ | ୨୦୧୪-୨୦୨୨ | ୬୮ | ୧୧୩ | ୫୮୬୪ | ୨୫୪* | ୫୪.୮୦ | ୨୦/୧୮ |
| ଖେଳାଳି | ୨୦୧୧-୨୦୨୫ | ୫୫ | ୯୭ | ୩୩୬୬ | ୧୮୬ | ୩୭.୪୦ | ୧୦/୧୩ |




## ଆଉ ଦେଖିବାକୁ ମିଳିବନି ଜର୍ସି ନଂ- ୪୫ ଓ ୧୮

ପାଞ୍ଚଦିନ ତଳେ ସମସ୍ତଙ୍କୁ ଚକିତ କରି ଅଧିନାୟକ ରୋହିତ୍ ଶର୍ମା ଟେଷ୍ଟ ଫର୍ମାଟ୍‌କୁ ଅଲ୍‌ବିଦା କରିଥିଲା। ସେବେଠୁ ବିରାଟ କୋହଲିଙ୍କ ଅବସରକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ଆଉ ଏହାକୁ ସତରେ ପ୍ରମାଣିତ କରି ସୋମବାର କୋହଲି ମଧ କ୍ରିକେଟ୍‌ର ଏହି ଲମ୍ବା ଫର୍ମାଟ୍‌କୁ ବାଏ ବାଏ କହିଛନ୍ତି। ଫଳରେ ଗୋଟିଏ ସପ୍ତାହର ବ୍ୟବଧାନରେ ଦୁଇ ମହାନ ବ୍ୟାଟର୍‌ଙ୍କ ଅବସର ଭାରତୀୟ ରେଡ୍ ବଲ୍ କ୍ରିକେଟ୍‌ର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଉଭୟଙ୍କ ଅବସର ଏକ ଯୁଗର ଅବସାନ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଉଭୟ ରୋହିତ୍ ଓ କୋହଲି ଟେଷ୍ଟରେ ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ରହିଆସିଥିଲେ। ଲର୍ଡ୍ସରୁ ଆଡିଲେଡ୍ ଓ ଚେପକ୍‌ରୁ କେପ୍ ଟାଉନ ପର୍ଯ୍ୟନ୍ତ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ଉଭୟ ଟେଷ୍ଟରେ ଦେଶ ପାଇଁ ଲଢ଼େଇ କରିଚାଲିଥିଲେ। ଏବେ କିନ୍ତୁ ଉଭୟଙ୍କ ବିନା ଭାରତୀୟ ଟେଷ୍ଟ ଏକାଦଶ ଏକ ବିରାଟ ଶୂନ୍ୟସ୍ଥାନ ସଦୃଶ ମନେ ହେଉଛି। ଟେଷ୍ଟ କ୍ରିକେଟ୍‌ରେ ଆଉ ଦୁଇ ଚର୍ଚ୍ଚିତ ଜର୍ସି ନଂ-୧୮ (ବିରାଟ) ଓ ନଂ-୪୫ (ରୋହିତ) ଦେଖିବାକୁ ମିଳିବନି। ଜୁନରୁ ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜରେ କିଏ ଉଭୟଙ୍କ ସ୍ଥାନ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଧନ୍ୟବାଦ୍ ବିରାଟ

ଧନ୍ୟବାଦ୍ ବିରାଟ କୋହଲି। ଟେଷ୍ଟ କ୍ରିକେଟ୍‌ରେ ଏକ ଯୁଗର ଅବସାନ ହୋଇଯାଇଛି, କିନ୍ତୁ ଏହି ପରମ୍ପରା ସବୁଦିନ ପାଇଁ ଜାରି ରହିବ। ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ଦଳ ପାଇଁ ତାଙ୍କର ଅବଦାନ ସର୍ବଦା ସ୍ମରଣ ରହିବ।

- ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ

ଧଳା ଜର୍ସି କାଢ଼ିଲ କିନ୍ତୁ ମୁକୁଟ ଅକ୍ଷୁର୍ଣ୍ଣ। ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା ଜଣାଇଲେ। ଏକ ଅତୁଳନୀୟ ଐତିହ୍ୟ ଛାଡ଼ିଗଲେ।

- ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)

ତୁମେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିବା ପରେ ୧୨ ବର୍ଷ ପୂର୍ବେ ମୋର ଶେଷ ଟେଷ୍ଟ ସମୟରେ ତୁମର ବିଚାରଶୀଳ ହାବଭାବ ମନେପଡୁଛି। ତୁମେ ତୁମର ସ୍ୱର୍ଗତ ପିତାଙ୍କ ଏକ ସୂତା ମୋତେ ଉପହାର ଦେବାକୁ ପ୍ରସ୍ତାବ ଦେଇଥିଲ। ଏହା ଗ୍ରହଣ କରିବା ମୋ ଲାଗି ଅତ୍ୟନ୍ତ ବ୍ୟକ୍ତିଗତ ଥିଲା କିନ୍ତୁ ତୁମର ଭାବ ମୋ ହୃଦୟକୁ ଛୁଇଁଯାଇଥିଲା। ମୋ ପାଖରେ ପ୍ରତିବଦଳରେ ଦେବା ପାଇଁ କୌଣସି ସୂତା ନାହିଁ। ଦୟାକରି ଜାଣିରଖ ଯେ ତୁମେ ମୋର ଗଭୀର ପ୍ରଶଂସା ଓ ଶୁଭକାମନା ବହନ କରୁଛ। ତୁମର ଟେଷ୍ଟ କ୍ୟାରିୟର କେତେ ଚମତ୍କାର ରହିଛି। ତୁମେ ଭାରତୀୟ କ୍ରିକେଟକୁ କେବଳ ରନ ଦେଇନାହଁ, ତୁମେ ଆଗାମୀ ପିଢ଼ିକୁ ଏକ ଉତ୍ସାହୀ ପ୍ରଶଂସକ ଓ ଖେଳାଳି ଦେଇଛ।

- ସଚିନ ତେନ୍ଦୁଲକର, କିମ୍ବଦନ୍ତୀ କ୍ରିକେଟର୍

ଏକ ପ୍ରକୃତ ଉଲ୍ଲେଖନୀୟ ଟେଷ୍ଟ କ୍ୟାରିୟରର ଅନ୍ତ ଘଟିଛି। ବିରାଟ ତୁମେ କେବଳ ଚମତ୍କାର ବ୍ୟାଟିଂ ମାଧ୍ୟମରେ ଗ୍ରାଉଣ୍ଡକୁ ଆଲୋକିତ କରିନାହଁ, ତୁମେ ଟେଷ୍ଟ କ୍ରିକେଟରେ ଜଣେ ମହାନ ସମର୍ଥକ ମଧ୍ୟ ଥିଲ। ମୁଁ ତୁମର ଉତ୍ସାହ ଓ ଜଣେ ଚାମ୍ପିଅନ ମାନସିକତାକୁ ଭଲ ପାଏ।

- ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ଭାରତୀୟ ବ୍ୟାଟର୍

ଚମତ୍କାର ଟେଷ୍ଟ କ୍ୟାରିୟର ଲାଗି ଅଭିନନ୍ଦନ। ତୁମର ଦୃଢ଼ ସଂକଳ୍ପ ଓ କୌଶଳ ମୋତେ ସର୍ବଦା ପ୍ରେରିତ କରିଛି। ପ୍ରକୃତ କିମ୍ବଦନ୍ତୀ।

- ଏବି ଡି ଭିଲର୍ସ, ଦକ୍ଷିଣ ଆଫ୍ରିକା କ୍ରିକେଟର୍

ତୁମେ ଅବସର ନେଲ ବିଶ୍ୱାସ କରିହେଉ ନାହିଁ। ତୁମେ ଆଧୁନିକ କ୍ରିକେଟ୍‌ର ଜଣେ ମହାନ ଖେଳାଳି। ତୁମେ ଯେଉଁଭଳି ଖେଳିଲ ଓ ନେତୃତ୍ୱ ନେଲ ଟେଷ୍ଟ କ୍ରିକେଟ୍‌ର ପ୍ରକୃତ ଆସ୍ୱାଦର।

- ରବି ଶାସ୍ତ୍ରୀ, କ୍ରିକେଟର୍ ଓ ଭାଷ୍ୟକାର

ମୋ ଖେଳିବା ଓ ଭାଷ୍ୟକାର ଜୀବନରେ ବିରାଟ କୋହଲିଙ୍କ ପରି ଆଉ କେହି ଟେଷ୍ଟ କ୍ରିକେଟ୍ ପାଇଁ ସେମିତି କିଛି କରିପାରିନାହାନ୍ତି। ତାଙ୍କର ଆଗ୍ରହ, ଶକ୍ତି ଓ ସର୍ବୋତ୍ତମ ଫର୍ମାଟ୍ ପ୍ରତି ପ୍ରତିବଦ୍ଧତା ବହୁତ ସାହାଯ୍ୟ କରିଛି। ମୁଁ ଆଶା କରୁଛି ପରବର୍ତ୍ତୀ ପିଢ଼ିର ଭାରତୀୟ କ୍ରିକେଟର୍ ତାଙ୍କର ମାନସିକତାକୁ ଗ୍ରହଣ କରିବେ।

- ମାଇକେଲ୍ ଭନ୍, ପୂର୍ବତନ ଇଂଲଣ୍ଡ କ୍ରିକେଟର୍




ଲୋକମାନେ ରେକର୍ଡ ଓ କୀର୍ତ୍ତିମାନ ବିଷୟରେ ଆଲୋଚନା କରିବେ। କିନ୍ତୁ ତୁମେ କେବେ ଦେଖାଇ ନ ଥିବା ଲୁହ, କେହି ଦେଖି ନ ଥିବା ସଂଘର୍ଷ ଓ କ୍ରିକେଟ୍‌ର ଏହି ଫର୍ମାଟ୍‌କୁ ତୁମେ ଦେଇଥିବା ଭଲ ପାଇବାକୁ ମୁଁ ମନେ ରଖିବି। ପ୍ରତି ଟେଷ୍ଟ ସିରିଜ ପରେ ତୁମେ ଟିକେ ବୁଦ୍ଧିମାନ ଓ ଟିକେ ବିନମ୍ର ହୋଇ ଫେରି ଆସିଛ। ଏସବୁରେ ତୁମର ଉନ୍ନତି ଦେଖିବା ଏକ ସମ୍ମାନର କଥା। ମୁଁ ସର୍ବଦା ଭାବୁଥିଲି ତୁମେ କେବେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେବ। କିନ୍ତୁ ତୁମେ ସବୁବେଳେ ତୁମର ହୃଦୟର କଥାକୁ ଶୁଣିଲ।

- ଅନୁଷ୍କା ଶର୍ମା (ବିରାଟଙ୍କ ପତ୍ନୀ)

## ୧୭ରୁ ପୁଣି ଆଇପିଏଲ୍, ୩ରେ ଫାଇନାଲ

ନୂଆଦିଲ୍ଲୀ,୧୨।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ସ୍ଥଗିତ ରହିଥିବା ଆଇପିଏଲ୍-୧୮ ସଂସ୍କରଣର ଅବଶିଷ୍ଟ ମୁକାବିଲା ମେ ୧୭ରୁ ଆରମ୍ଭ ହେବ। ଏବେ ବାକିଥିବା ୧୭ଟି ମ୍ୟାଚ୍ ୬ଟି ଭେନ୍ୟୁରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଜୁନ୍ ୩ରେ ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ ପ୍ରକାଶିତ ପରିବର୍ତ୍ତିତ କାର୍ଯ୍ୟସୂଚୀରେ ଦର୍ଶାଯାଇଛି। ବାକିଥିବା ଖେଳସୂଚୀରେ ୨ଟି ଡବଲ ହେଡର ମ୍ୟାଚ୍ ରହିଛି। ମେ ୨୯ରେ କ୍ୱାଲିଫାୟର-୧, ୩୦ରେ ଏଲିମିନେଟର, ଜୁନ୍-୧ରେ କ୍ୱାଲିଫାୟର-୨ ଓ ଜୁନ୍ ୩ରେ ଫାଇନାଲ ଖେଳାଯିବ। ପ୍ଲେ ଅଫ ମ୍ୟାଚ୍‌ଗୁଡିକର ଭେନ୍ୟୁ ପରେ ଘୋଷଣା କରାଯିବ।

### ପରିବର୍ତ୍ତିତ ଖେଳସୂଚୀ

୧୭-୫: ବେଙ୍ଗାଲୁରୁ-କୋଲକାତା, ବେଙ୍ଗାଲୁରୁ, ୧୮-୫: ରାଜସ୍ଥାନ-ପଞ୍ଜାବ*, ଜୟପୁର, ୧୮-୫: ଦିଲ୍ଲୀ-ଗୁଜରାଟ, ଦିଲ୍ଲୀ, ୧୯-୫: ଲକ୍ଷ୍ନୌ-ହାଇଦରାବାଦ୍, ଲକ୍ଷ୍ନୌ, ୨୦-୫: ଚେନ୍ନାଇ-ରାଜସ୍ଥାନ, ଦିଲ୍ଲୀ, ୨୧-୫: ମୁମ୍ବାଇ- ଦିଲ୍ଲୀ, ମୁମ୍ବାଇ, ୨୨-୫: ଗୁଜରାଟ-ଲକ୍ଷ୍ନୌ, ଅହମ୍ମଦାବାଦ୍, ୨୩-୫: ବେଙ୍ଗାଲୁରୁ-ହାଇଦରାବାଦ୍, ବେଙ୍ଗାଲୁରୁ, ୨୪-୫: ପଞ୍ଜାବ-ଦିଲ୍ଲୀ, ଜୟପୁର, ୨୫-୫: ଗୁଜରାଟ-ଚେନ୍ନାଇ*, ଅହମ୍ମଦାବାଦ୍, ୨୫-୫: ହାଇଦରାବାଦ୍-କୋଲକାତା, ଦିଲ୍ଲୀ, ୨୬-୫: ପଞ୍ଜାବ-ମୁମ୍ବାଇ, ଜୟପୁର, ୨୭-୫: ଲକ୍ଷ୍ନୌ-ବେଙ୍ଗାଲୁରୁ, ଲକ୍ଷ୍ନୌ, ୨୯-୫: ପ୍ରଥମ କ୍ୱାଲିଫାୟର, ୩୦-୫: ଏଲିମିନେଟର, ୧-୬: କ୍ୱାଲିଫାୟର-୨, ୩-୬: ଫାଇନାଲ।

* ଚିହ୍ନିତ ମ୍ୟାଚ୍ ଅପରାହ୍ଣ ୩ଟା ୩୦ ଓ ଅନ୍ୟ ମ୍ୟାଚ୍‌ଗୁଡ଼ିକ ରାତି ୭.୩୦ରୁ ଆରମ୍ଭ ହେବ।

## କାଟାଗୋରୀ-ବି'ରେ ମୈତ୍ରେୟୀ ଚାମ୍ପିଅନ

### କିଟ୍ ଅନ୍ତର୍ଜାତୀୟ ଚେସ୍

ଭୁବନେଶ୍ୱର,୧୨।୫ (ସମିସ): କିଟ୍ ପରିସରରେ ଗତ ୯ରୁ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର କାଟାଗୋରୀ-ବି' ପ୍ରତିଯୋଗିତା ଶେଷ ହୋଇଛି। ଏହି କାଟାଗୋରୀରେ ପଶ୍ଚିମବଙ୍ଗର ମହିଳା ଖେଳାଳି ମୈତ୍ରେୟୀ ମଣ୍ଡଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ମୈତ୍ରେୟୀ ଓ ଝାଡଖଣ୍ଡର ଦେବାଞ୍ଜନ ସିହ୍ନା ୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ମୈତ୍ରୋୟ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ସହ ୧ ଲକ୍ଷ ଓ ଦେବାଞ୍ଜନ ରନର୍ସ ଅପ୍ ହୋଇ ଟ୍ରଫି ସହ ୭୫,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ଏହି କାଟାଗୋରୀର ଟପ୍-୧୦ଜଣଙ୍କ ମଧ୍ୟରେ ୨ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଲଳିତ ରଞ୍ଜନ ସାହୁ ଓ ବିନାୟକ ରଥ। ଲଳିତ ୭.୫ ପଏଣ୍ଟ ସହ ୭ମ ଓ ବିନାୟକ ୭.୫ ପଏଣ୍ଟ ସହ ୮ମ ସ୍ଥାନ ଅଧିକାର କରି ଯଥାକ୍ରମେ ୩୦ ଓ ୨୫ ହଜାର ଲେଖାଏଁ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଦେବାର୍ପିତ ମିଶ୍ର ଏକାଦଶ, ପୂର୍ଣ୍ଣ ଖିଲୋ ୧୮ତମ ସ୍ଥାନ ହାସଲ କରି ପ୍ରଥମ ୨୦ଜଣଙ୍କ ମଧ୍ୟରେ ରହିଛନ୍ତି। ଏହି କାଟାଗୋରରେ ବିଭିନ୍ନ ରେଟିଂରେ ଓ ପ୍ରଥମ ୪୩ ଜଣ ଖେଳାଳିଙ୍କୁ ମୋଟ ୧୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଆୟୋଜକ କି ଓ କିସ୍‌ରୁ ୫୫ଜଣ ଖେଳାଳି ଭାଗ ନେଇଥିଲାବେଳେ ୨୨ଜଣ ବିଭିନ୍ନ ବିଭାଗରେ ପୁରସ୍କାର ଲାଭ କରିଛନ୍ତି। କାଟାଗୋରୀ ଏ, ବି ଓ ସି'ରେ ଚାମ୍ପିଅନ ହୋଇଥିବା ଖେଳାଳି ଚାହିଁଲେ କିଟ୍ ଓ କିସ୍‌ରେ ମାଗଣାରେ ପାଠପଢ଼ିବା ଲାଗି ସେମାନଙ୍କୁ ମାଗଣାରେ ସୁଯୋଗ ଦିଆଯିବ ବୋଲି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଘୋଷଣା କରିଛନ୍ତି। ଖେଳ ଶେଷରେ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ପ୍ରଫେସର ସରଣଜିତ ସିଂହ, ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଆଇଏମ୍ ଶେଖର ସାହୁ, କିଟ୍-କିସ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ସତ୍ୟରଞ୍ଜନ ପଟ୍ଟନାୟକ ଓ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।




## ଓଡ଼ିଶାରୁ ଜ୍ୟୋତି, ସୁଜାତା ଓ ସୁନେଲିତା ସାମିଲ

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଲାଗି ଭାରତୀୟ ଦଳ ଘୋଷିତ**

ନୂଆଦିଲ୍ଲୀ, ୧୨।୫ (ଏଜେନ୍ସି): ଭାରତ ବାହାରେ ଜୁନ୍ ୧୪ରୁ ୨୯ ତାରିଖ ଯାଏ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମହିଳା ହକି ଲାଗି ସଲିମା ଟେଟେଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ରକ୍ଷଣଭାଗରେ ଜ୍ୟୋତି ଛତ୍ରୀ, ମଧ୍ୟଭାଗରେ ସୁଜାତା କୁଜୁର ଓ ସୁନେଲିତା ଟପ୍ପୋଙ୍କୁ ସ୍ଥାନ ମିଳିଛି। ଆଉ ଜଣେ ଖେଳାଳି ଆଜମିନା କୁଜୁରଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବା ଦଳ ସିଧାସଳଖ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବ। ଶେଷସ୍ଥାନରେ ରହିଥିବା ଦଳ ନେସନ୍ସ କପ୍‌ରୁ ବିଦାହେବ। ଭୁବନେଶ୍ୱର ଲେଗ୍ ପରେ ଭାରତ ୯ ପଏଣ୍ଟ ପାଇ ୯ଟି ଦଳ ମଧ୍ୟରେ ୬ଷ୍ଠ ସ୍ଥାନରେ ରହିଛି। ବିଦେଶରେ ଭାରତ ତାହାର ମ୍ୟାଚ୍ ଗୁଡିକ ମଧ୍ୟରୁ ଲଣ୍ଡନରେ ଅଷ୍ଟ୍ରେଲିଆ ସହ ୧୪ ଓ ୧୫ରେ, ଆର୍ଜେଣ୍ଟିନା ସହ ଜୁନ୍ ୧୭ ଓ ୧୮ ରେ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS